* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-292 ♦MONDAY ♦20 APRIL 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୯୨ ♦ସୋମବାର ♦୨୦ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ରାଜ୍ ଖୋଲିଲେ ଅବନୀତ

▶ପୃଷ୍ଠା ୧୧ ଦେଖନ୍ତୁ...

# ୯ ଲକ୍ଷ ଡଲାରରେ ନିଲାମ ହେଲା 'ଟାଇଟାନିକ୍' ସ୍ମୃତି

■ ଲଣ୍ଡନ, ୧୯ ।୪ (ଏଜେନ୍ସି): ୧୯୧୨ ମସିହାର ସବୁଠାରୁ ବଡ଼ ସାମୁଦ୍ରିକ ଦୁର୍ଘଟଣା 'ଟାଇଟାନିକ୍' ସହ ଜଡ଼ିତ ସାମଗ୍ରୀ ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଆଜି ମଧ୍ୟ ଅତୁଟ ରହିଛି । ନିକଟରେ ବ୍ରିଟେନରେ ଅନୁଷ୍ଠିତ ଏକ ନିଲାମରେ ଟାଇଟାନିକର ଜଣେ ବଞ୍ଚିଥିବା ଯାତ୍ରୀ ପିନ୍ଧିଥିବା ଏକ ଲାଇଫ୍ ଜ୍ୟାକେଟ୍ ୬,୭୦,୦୦୦ ପାଉଣ୍ଡ (ପ୍ରାୟ ୯,୦୬,୦୦୦ ଆମେରିକୀୟ ଡଲାର) ମୂଲ୍ୟରେ ବିକ୍ରି ହୋଇଛି । ଏହି ବିରଳ ଲାଇଫ୍ ଜ୍ୟାକେଟ୍‌ଟି ଟାଇଟାନିକର ପ୍ରଥମ ଶ୍ରେଣୀ ଯାତ୍ରୀ ଲୌରା ମାବେଲ୍ ଫ୍ରାନକାଟେଲିଙ୍କର ଥିଲା । ସେ ଜଣେ ଜଣାଶୁଣା



ଫ୍ୟାଶନ ଡିଜାଇନର ଲୁସି ଡଫ୍ ଗର୍ଡନଙ୍କ ସହଯୋଗୀ ଭାବେ ଯାତ୍ରା କରୁଥିଲେ । ଜାହାଜ ବୁଡ଼ିବା ସମୟରେ ସେ ଲାଇଫ୍ ବୋଟ୍ ନମ୍ବର-୧ ସାହାଯ୍ୟରେ ନିଜ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲେ । ଇଂଲଣ୍ଡର 'ହେନେରୀ ଆଲଡ୍ରିଜ୍ ଆଣ୍ଡ ସନ୍' ନିଲାମ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରାରମ୍ଭିକ ଭାବେ ଏହାର ମୂଲ୍ୟ ୨.୫ ରୁ ୩.୫ ଲକ୍ଷ ପାଉଣ୍ଡ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଥିଲା, ମାତ୍ର ଚୂଡ଼ାନ୍ତ ମୂଲ୍ୟ ଏହାକୁ ବହୁ ପଛରେ ପକାଇ ଦେଇଛି । ଏହି ଜ୍ୟାକେଟ୍‌ଟି କାନଭାସ୍ କପଡ଼ାରେ ନିର୍ମିତ ଏବଂ ▶ପୃଷ୍ଠା-୭

# ଏକ୍ସପ୍ରେସ୍‌ୱେରେ ଭାରୀଯାନ ପାର୍କିଂ ଉପରେ କଟକଣା

■ ନୂଆଦିଲ୍ଲୀ, ୧୯ ।୪ (ଏଜେନ୍ସି): ଭାରତର ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେ ଗୁଡ଼ିକୁ ଅଧିକ ନିରାପଦ କରିବା ପାଇଁ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମିର ଅଭାବ ଯୋଗୁଁ ଏହି ଦ୍ରୁତଗାମୀ ରାସ୍ତାଗୁଡ଼ିକ ଯେପରି "ବିପଦର କରିଡର' ପାଲଟି ନଯାଏ, ସେଥିପାଇଁ କୋର୍ଟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟଙ୍କୁ ସତର୍କ କରାଇ ଦେଇଛନ୍ତି । ଜଷ୍ଟିସ ଜେକେ ମହେଶ୍ୱରୀ ଏବଂ ଜଷ୍ଟିସ ଏଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିମ୍ନଲିଖିତ ପ୍ରମୁଖ ନିର୍ଦ୍ଦେଶମାନ ଦେଇଛନ୍ତି ।



ସଡ଼କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

ଜାତୀୟ ରାଜପଥର ମୁଖ୍ୟ ରାସ୍ତା କିମ୍ବା ପାର୍ଶ୍ୱବର୍ତ୍ତୀ କାନ୍ଧ ଉପରେ କୌଣସି ଭାରୀ ବା ବାଣିଜ୍ୟିକ ଯାନ ପାର୍କିଂ କରିପାରିବେ ନାହିଁ । କେବଳ ନିର୍ଦ୍ଧାରିତ 'ଲେ-ବାଏସ୍' କିମ୍ବା ଅନୁମୋଦିତ ସ୍ଥାନରେ ହିଁ ଗାଡ଼ି ରହିପାରିବ । ଏହି ନିୟମର ପାଳନ ପାଇଁ 'ଆଡଭାନ୍ସଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ' (ଏଟିଏମ୍‌ଏସ୍) ର ସହାୟତା ନିଆଯିବ । ଏହା ମାଧ୍ୟମରେ ରିଅଲ୍-ଟାଇମ୍ ଆଲର୍ଟ, ଜିପିଏସ୍ ଫଟୋ ପ୍ରମାଣ ଏବଂ ଇ-ଚାଲାଣ କଟାଯିବ । ରାଜପଥ କଡ଼ରେ କୌଣସି ନୂତନ ଢାବା, ଭୋଜନାଳୟ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣକୁ ତତ୍କାଳ ବାରଣ କରାଯାଇଛି । ▶ପୃଷ୍ଠା-୭

## ଇସଲାମାବାଦ ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ଚେତାବନୀ

# ଚୁକ୍ତି; ନଚେତ୍ ଧ୍ୱଂସ

■ ୱାଶିଂଟନ/ଇସ୍ଲାମାବାଦ, ୧୯ ।୪ (ଏଜେନ୍ସି): ଇସଲାମାବାଦରେ ସୋମବାର ପ୍ରସ୍ତାବିତ ଶାନ୍ତି ଆଲୋଚନା ଅବ୍ୟବହିତ ପୂର୍ବରୁ ଇରାନ୍‌କୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡ଼ୋଲାଲ୍ଡ ଟ୍ରମ୍ପ । ଚୁକ୍ତି ଓ ଧ୍ୱଂସ ମଧ୍ୟରୁ ଇରାନକୁ ଗୋଟିଏ ବାଛିବାକୁ ପଡ଼ିବ । ଆସନ୍ତାକାଲି (ସୋମବାର) ଆମେରିକୀୟ ପ୍ରତିନିଧିମଣ୍ଡଳ ପାକିସ୍ତାନରେ ପହଞ୍ଚିବ । ସେଠାରେ ଇରାନ ସହ ଦ୍ୱିତୀୟ ପର୍ଯ୍ୟାୟର ସମ୍ମୁଖୀନ ଆଲୋଚନା ହେବ ବୋଲି ଟ୍ରମ୍ପ କହିଛନ୍ତି । ମାତ୍ର ଏହି ପ୍ରତିନିଧି ଦଳରେ କେଉଁମାନେ ଯୋଗଦେବେ ସେ ସମ୍ପର୍କରେ ଟ୍ରମ୍ପ ନିରବ ରହିଛନ୍ତି । ହ୍ୱାଇଟ୍ ହାଉସ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ଉପରାଷ୍ଟ୍ରପତି ଜେଡି ୱାନ୍ସଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏନେଇ କୌଣସି ଅଧିକୃତ ପ୍ରତିକ୍ରିୟା ମିଳିନାହିଁ । ଟ୍ରମ୍ପ ରବିବାର ସୋସିଆଲ ମିଡିଆରେ କହିଛନ୍ତି ଯେ ଇରାନ ଶନିବାର ହୋର୍ମୁଜ ସମୁଦ୍ର ଶୃଙ୍ଖଳରେ ଗୁଳିବର୍ଷା କରି ଯୁଦ୍ଧବିରତିକୁ ଉଲ୍ଲଂଘନ କରିଛି । ଯଦି ଇରାନ ଆମେରିକାର ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ, ତେବେ ଆମେରିକା




ଇରାନର ବିଦ୍ୟୁତ କେନ୍ଦ୍ର ଓ ସେତୁଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ସେ ଚେତାବନୀ ଦେଇଛନ୍ତି ।

ଟ୍ରମ୍ପଙ୍କ ଏହି ଚେତାବନୀ ପରେ ସରକାର ଇରାନ ସରକାର ତାଙ୍କ ଆଭିମୁଖ୍ୟ ଅଧିକ କଠୋର କରିଛନ୍ତି । ଇରାନ ସଂସଦ ବାଚସ୍ପତି ମହମ୍ମଦ ବାଗେର ଗାଲିବାଫ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ତାଙ୍କ ବନ୍ଦରଗୁଡ଼ିକୁ ଅବରୋଧ କରିରଖିବ, ସେପର୍ଯ୍ୟନ୍ତ ହୋର୍ମୁଜ ମାର୍ଗରେ ଯାଉଥିବା ଜାହାଜ ଉପରେ ପ୍ରତିବନ୍ଧ ଜାରି ରହିବ । ଆମେ ନିଜେ ଯେତେବେଳେ ଯାଇପାରୁନାହୁଁ, ଅନ୍ୟମାନଙ୍କୁ କିପରି ଯିବାକୁ ଦେବୁ? ହର୍ମୁଜରେ ଇରାନର ଯୁଦ୍ଧପୋତ ମୁତୟନକୁ ସେ "ଅବିବେକୀ ସିଦ୍ଧାନ୍ତ" ବୋଲି ଅଭିହିତ କରି ଭରସା ନ ଥିଲେ ମଧ୍ୟ ଇରାନ ଶାନ୍ତିକୁ ସମର୍ଥନ କରେ ଏବଂ କୂଟନୀତିକ ମାର୍ଗରୁ ପଛକୁ ହଟିବ ନାହିଁ ।

ଅପରପକ୍ଷରେ ଇରାନ ଶୁକ୍ରବାର ହୋର୍ମୁଜ ସମୁଦ୍ର ମାର୍ଗ ଖୋଲିବା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତି ଅଧିକ ଅସ୍ଥିର ହୋଇଯାଇଛି । ଶନିବାର କିଛି ଜାହାଜ ହର୍ମୁଜ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଗୁଡ଼ିକ ଉପରେ କରିବାକୁ ଚେଷ୍ଟା କଲେ ମଧ୍ୟ ପରେ ପୁଣି ସେହି ଜାହାଜ ଉପରେ ଟର୍ପେଡ଼ୋ ମାଡ଼ ହୋଇଛି । ଦିନକ ଦଳେ ଦୁଇଟି ଭାରତୀୟ ଝଣ୍ଡା ଲାଗିଥିବା ଜାହାଜ ଉପରେ ଗୋଳିବର୍ଷା ହୋଇଥିବାରୁ ସେମାନଙ୍କୁ ଫେରିଯିବାକୁ ପଡ଼ିଥିଲା । ବ୍ରିଟେନର ମାରିଟାଇମ ଟ୍ରେଡ୍ ଅପରେସନ୍ସ ଅନୁସାରେ, ଇରାନର ରେଭଲୁସନାରୀ ଗାର୍ଡ ଗନବୋଟ୍‌ମାନେ ଗୋଟିଏ ଟ୍ୟାଙ୍କର ଉପରେ ଗୋଳି କରିଥିଲେ ଏବଂ ଗୋଟିଏ କଣ୍ଟେନର ଜାହାଜକୁ କ୍ଷତିଗ୍ରସ୍ତ କରିଥିଲେ । ଭାରତର ବିଦେଶ ମନ୍ତ୍ରାଳୟ ଏହି ଘଟଣାକୁ "ଗମ୍ଭୀର" ବୋଲି କହି ଇରାନୀ ରାଜଦୂତଙ୍କୁ ତଲବ କରିଛି । ଅନ୍ୟପକ୍ଷରେ ପାକିସ୍ତାନରେ ଇରାନ-ଆମେରିକା ଆଲୋଚନା ପ୍ରସ୍ତାବ ପରେ ଓସଲାମାବାଦରେ ସୁରକ୍ଷା କଠୋର ବ୍ୟବସ୍ଥା କରାଯାଇଛି ।

## ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

# ୨୦ ମୃତ, ୬ ଆହତ



■ ବିରୁଧୁନଗର, ୧୯ ।୪(ଏଜେନ୍ସି): ତାମିଲନାଡୁର ବିରୁଧୁନଗର ଜିଲ୍ଲା କାଟ୍ଟନାରପଟ୍ଟି ଅଞ୍ଚଳରେ ଏକ ବାଣ କାରଖାନାରେ ଭୟାବହ ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ କାରଖାନା ନିକଟରେ ଥିବା କେତେକ ଅଟ୍ଟାଳିକାରେ ଫାଟ ସୃଷ୍ଟି ହୋଇଛି । ବିସ୍ଫୋରଣ ପରେ କାରଖାନାର କୋଠା ଭୁଶୁଡ଼ି ପଡ଼ିଛି । ଫଳରେ ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଅଗ୍ନିଶମ ବାହିନୀ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ବିସ୍ଫୋରଣ କିଭଳି ▶ପୃଷ୍ଠା-୭

**ଶୋକ ବ୍ୟକ୍ତ କଲେ ନବୀନ**

# ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ନୂଆ ଅଧ୍ୟାୟ

■ ଭୁବନେଶ୍ୱର, ୧୯।୪ (ସମିସ): ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋଭ୍ୟାଲିଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ ଯେ ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ । ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ



**ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ**

**ଓଡ଼ିଶା ପାଇଁ ଏକ ନୂତନ ବିକାଶ ଯୁଗର ଆରମ୍ଭ: ଅଶ୍ୱିନୀ**

ଆଡଭାନ୍ସଡ୍ ୩ଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ସୃଷ୍ଟି କରିବ । ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ । ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ▶ପୃଷ୍ଠା-୭

## ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

# ୧୦ ଗିରଫ; ୭ ଟ୍ରାକ୍ଟର, ୨ ଜେସିବି ଜବତ


■ ବ୍ୟାସନଗର, ୧୯।୪ (ସମିସ): ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର୍ ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାରେ କୋରେଇ ପୁଲିସ୍ ୧୦ଜଣଙ୍କୁ ଗିରଫ କରିଛି । ଏହାସହ ଖନନ କାର୍ଯ୍ୟରେ ନିୟୋଜିତ ୭ଟି ଟ୍ରାକ୍ଟର୍ ଏବଂ ୨ଟି ଜେସିବି ମେସିନ୍ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ହିଦ୍ୟାତୁଲା ଖାଁ ଓରଫ ବନଠୁ, ମଜିତ ଆହମତ ଖାଁ ଓରଫ୍ ରାଜା, କୀର୍ତ୍ତନ ଜେନା, ମନିର୍ ମହମ୍ମଦ, ଜମି ମାଲିକ ଏସ୍‌କେ ଚନ୍ଦା, ଜେସିବି ଚାଳକ ପିଙ୍କୁନ ପେଣ୍ଠେଇ, ଜିତେନ୍ଦ୍ର ବେହେରା, ଏସ୍‌କେ ସାହିଲ, ମିଟୁ ପରିଡ଼ା, ଏସ୍‌କେ ଧାରଣ ଓରଫ୍ ଏସ୍.କେ ସୋଏବ୍ କାଦିର । ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଏମାନଙ୍କ ମଧ୍ୟରେ ଟ୍ରାକ୍ଟର୍ ଓ ଜେସିବି ଚାଳକ ଏବଂ ଜମି ମାଲିକ ରହିଛନ୍ତି ।

ଶନିବାର ବ୍ୟାସନଗର ତହସିଲ ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଫାଜଲପୁରସ୍ଥିତ କୋରେଇ ମୀନାବଜାର ଅଞ୍ଚଳରେ ଅବୈଧ ▶ପୃଷ୍ଠା-୭

## ଆଜି ଅକ୍ଷୟ ତୃତୀୟା

# ୨୦ ହଜାର କୋଟିର କାରବାର ଆଶା

■ ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି): ଆଜି ଅକ୍ଷୟ ତୃତୀୟା । ତେବେ ଏହି ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସିଥାନ୍ତି ବୋଲି ସମସ୍ତଙ୍କ ଧାରଣା ରହିଛି । ଏହାକୁ ନଜରରେ ରଖି ସାରା ଦେଶରେ ଜୁଏଲାରୀ ଶୋ'ରୁମ୍‌ଗୁଡିକ ବର୍ତ୍ତମାନ ସୁନା ଓ ରୁପା ଅଳଙ୍କାରରେ ସଜେଇ ହୋଇରହିଛି । ବୈଶ୍ୱିକ ଉତ୍ତେଜନା ଏବଂ ମଧ୍ୟ ପ୍ରାଚ୍ୟ ସଙ୍କଟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି । ଏଭଳି ସମୟରେ ଚଳିତଥର ଅକ୍ଷୟ ତୃତୀୟାରେ ଦେଶବ୍ୟାପୀ ସୁନା ଏବଂ ରୁପା ବିକ୍ରି ୨୦ ▶ପୃଷ୍ଠା-୭








## ବଢୁଛି ତାତି

# ୧୧ ଜିଲ୍ଲାରେ ୨୩ ଯାଏଁ ସ୍କୁଲ ଛୁଟି

■ ଭୁବନେଶ୍ୱର, ୧୯।୪ (ସମିସ): ରାଜ୍ୟରେ ବଢୁଥିବା ତୀବ୍ର ଗ୍ରୀଷ୍ମ ତାପ ଓ ଅସହ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୧୨ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ ଘୋଷଣା କରିଛନ୍ତି । ଏହି ଜିଲ୍ଲାଗୁଡ଼ିକରେ ଏପ୍ରିଲ ୨୩ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ଓ ପରେ ପରିସ୍ଥିତିର ପୁନଃସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି । ପ୍ରଥମେ ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଥିଲା । ଆଜି ଖୋର୍ଦ୍ଧା ଓ ଦେଓଗଡ଼ ଜିଲ୍ଲା କର୍ତ୍ତୃପକ୍ଷ ସ୍କୁଲ ବନ୍ଦ ନିଷ୍ପତ୍ତି ନେବା ପରେ ଏହି ସଂଖ୍ୟା ୧୧ରେ ପହଞ୍ଚିଛି । ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସକାଳ ୯ଘଟିକା ▶ପୃଷ୍ଠା-୭

**କଟକରେ ଅଢ଼େଇ ଘଣ୍ଟିଆ ସ୍କୁଲ**


15001/21/2627

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021

# ଭାରତ-ଇରାନ ସମ୍ପର୍କ ଅତୁଟ

## ଗୁଳିବର୍ଷଣ ପରେ ସଫେଇ ଦେଲେ ଇରାନ ଅଧିକାରୀ

ନୂଆଦିଲ୍ଲୀ/ତେହେରାନ: ୧୯ ।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜ ଉପରକୁ ଇରାନ ସେନାର ଗୁଳିବର୍ଷଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ ଇରାନର ଶୀର୍ଷ ପ୍ରତିନିଧି ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ପଶ୍ଚିମ ଏସିଆରେ ସାମରିକ ସ୍ଥିତି ଜଟିଳ ହେଉଥିଲେ ହେଁ, ଭାରତ ଓ ଇରାନ ମଧ୍ୟରେ ଥିବା ଐତିହାସିକ ବନ୍ଧୁତା କାଏମ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଭାରତରେ ଅବସ୍ଥାପିତ ଇରାନର ପ୍ରତିନିଧି ଡକ୍ଟର ଅବଦୁଲ ମଜିଦ ହାକିମ ଇଲାହି କହିଛନ୍ତି ଯେ, ଭାରତ ସହ ଆମର ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ । ଏହି ବନ୍ଧୁତାର ଚେର ୫,୦୦୦ ବର୍ଷର ଇତିହାସ ସହ ଜଡ଼ିତ ଏବଂ ଆଗାମୀ ଦିନରେ ଏହା ଆହୁରି ମଜଭୁତ ହେବ । ହର୍ମୁଜ ପ୍ରଣାଳୀ ଦେଇ ଭାରତୀୟ ତୈଳବାହୀ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଇରାନ ସର୍ବଦା ସହାୟକ ହୋଇଆସିଛି ବୋଲି ସେ ମନେ ପକାଇ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଶନିବାର ଓମାନ ନିକଟବର୍ତ୍ତୀ ସମୁଦ୍ରରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦୁଇଟି ଭାରତୀୟ ପତାକାଧାରୀ ଜାହାଜକୁ ଟାର୍ଗେଟ କରିଥିଲା । ଅଶୋଧିତ ତୈଳବାହୀ ଜାହାଜ ସାନମାର ହେରାଲ୍ଡ ଏବଂ ଜଗ ଅର୍ଣ୍ଣବ ଉପରକୁ ଗୁଳିବର୍ଷଣ କରାଯାଇଥିଲା । ଏଥିମଧ୍ୟରୁ ଗୋଟିଏ ଜାହାଜ ଉପରକୁ ଗୁଳି ମାଡ଼ ହୋଇ କଣ୍ଟେନର କ୍ଷତିଗ୍ରସ୍ତ ହୋଇଥିଲେ ହେଁ, ସୌଭାଗ୍ୟବଶତଃ ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ।

## ସାଉଦି ଆରବରେ ଅବୈଧ ବାସିନ୍ଦାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ସପ୍ତାହରେ ୧୪,୦୦୦ରୁ ଅଧିକ ଗିରଫ

ରିୟାଦ,୧୯ ।୪(ଏଜେନ୍ସି): ସାଉଦି ଆରବ ସରକାର ଦେଶରେ ଅବୈଧ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି । ମାତ୍ର ଏକ ସପ୍ତାହ ମଧ୍ୟରେ ଦେଶବ୍ୟାପୀ ଚଢ଼ଉ କରାଯାଇ ୧୪,୪୮୭ ଜଣ ଅବୈଧ ବାସିନ୍ଦାଙ୍କୁ ଗିରଫ କରାଯାଇଥିବା ସାଉଦି ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସପ୍ତାହବ୍ୟାପୀ ମିଳିତ ଅଭିଯାନ ଏପ୍ରିଲ୍ ୯ ରୁ ୧୫ ମଧ୍ୟରେ ସୁରକ୍ଷା ବଳ ଏବଂ ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥିଲା । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୭,୯୧୧ ଜଣ ବାସସ୍ଥାନ ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିଛି । ସେହିପରି ୩,୫୮୮ ଜଣ ସୀମା ଅତିକ୍ରମ କରି ଦେଶକୁ ଅବୈଧ ଭାବେ ପ୍ରବେଶ କରିଥିଲେ । ୨,୯୮୮ ଜଣ ଶ୍ରମ ଆଇନର ବିରୋଧରେ କାର୍ଯ୍ୟ କରୁଥିବା ବେଳେ ଧରାପଡ଼ିଛନ୍ତି । ଅବୈଧ ଭାବେ ରହୁଥିବା ବିଦେଶୀଙ୍କୁ ନିଜ ଦେଶକୁ ଫେରାଇବା ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ୧୨,୫୫୪ ଜଣଙ୍କୁ ସାଉଦି ଆରବରୁ ନିର୍ବାସିତ କରାଯାଇଛି । ପ୍ରାୟ ୨୧,୧୨୭ ଜଣଙ୍କୁ ସେମାନଙ୍କର ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଯାତ୍ରା ଦସ୍ତାବିଜ୍ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମୁଦାୟ ୩୯,୨୫୮ ଜଣ ବିଦେଶୀ (୩୫,୪୬୦ ପୁରୁଷ ଓ ୩,୭୯୮ ମହିଳା) ଏବେ ମଧ୍ୟ ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି ।

# ମୋଦୀଙ୍କ ଭାଷଣ ବିରୋଧରେ ସିପିଆଇଏମ୍ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ମହିଳା ସଂରକ୍ଷଣ ଅଧ୍ୟାଦେଶ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶନ ଅଭିଭାଷଣକୁ ପାଇଁ ଏବେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ସରକାରୀ ପ୍ରସାରଣ ମାଧ୍ୟମ ଦୂରଦର୍ଶନର ବ୍ୟବହାର କରି ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ସିପିଆଇ(ଏମ) ଏବଂ ସିପିଆଇ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସିପିଆଇ(ଏମ) ସାଧାରଣ ସମ୍ପାଦକ ଏମଏ ବେବି ନିର୍ବାଚନ କମିଶନଙ୍କୁ ଏକ ଔପଚାରିକ ପତ୍ର ଦେଇଛନ୍ତି । ଏପ୍ରିଲ ୧୮ ରେ ପ୍ରଧାନମନ୍ତ୍ରୀ ଦେଇଥିବା ଟେଲିଭିଜନ ଅଭିଭାଷଣ କୌଣସି ସରକାରୀ ସୂଚନା ନଥିଲା ବରଂ ଏହା ଏକ ପକ୍ଷପାତମୂଳକ ରାଜନୈତିକ ଭାଷଣ ଥିଲା । ବର୍ତ୍ତମାନ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବିଧାନସଭା ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ରହିଥିବା ବେଳେ ଏଭଳି ଅଭିଭାଷଣ ଭୋଟରଙ୍କୁ ପ୍ରଭାବିତ କରିବାର ଏକ ପ୍ରୟାସ ବୋଲି ଦଳ ଅଭିଯୋଗ କରିଛି । ନିର୍ବାଚନ ସମୟରେ କ୍ଷମତାସୀନ ଦଳ ସରକାରୀ ପାଣ୍ଠି କିମ୍ବା ସରକାରୀ ଗଣମାଧ୍ୟମକୁ ନିଜର ଦଳୀୟ ପ୍ରଚାର ପାଇଁ ବ୍ୟବହାର କରିବା ଆଦର୍ଶ ଆଚରଣ ବିଧିର ସ୍ପଷ୍ଟ ଉଲ୍ଲଂଘନ ବୋଲି ବାମଦଳ ଅଭିଯୋଗ କରିଛି । ସେପଟେ କଂଗ୍ରେସ ଏହାକୁ କୁମ୍ଭୀର କାନ୍ଦଣା ଅଭିହିତ କରିଛି ।

# ମଣିପୁରରେ ଆତଙ୍କବାଦୀଙ୍କ ଗୁଳିରେ ୨ ମୃତ

ଇମ୍ଫାଲ,୧୯ ।୪(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ଶନିବାର ଅପରାହ୍ଣ ପ୍ରାୟ ୨:୩୦ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି । ଚଳନ୍ତା ଗାଡ଼ି ଉପରକୁ ଆତଙ୍କବାଦୀମାନେ ଅତର୍କିତ ଗୁଳିଚାଳନା କରିବାରୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁବରଣ କରିଥିବା ଦୁଇ ବ୍ୟକ୍ତି ହେଲେ, ଏସ୍‌ଡବ୍ଲ୍ୟୁ ଚିନାଓଶାଙ୍ଗ (୪୬) ଏବଂ ୟାରୁଇଙ୍ଗମ ୱାଶୁମ୍ (୪୨) । ସେମାନେ ଇମ୍ଫାଲରୁ ଉଖ୍ରୁଲ୍ ଅଭିମୁଖେ ଯିବା ସମୟରେ ଏହି ଆକ୍ରମଣ ହୋଇଥିଲା । ଘଟଣାର ମାତ୍ର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ଉଖ୍ରୁଲ୍ ଗସ୍ତ କରି କୁକି ଏବଂ ନାଗା ସମ୍ପ୍ରଦାୟକୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ । ଏହି ସମ୍ବେଦନଶୀଳ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରାଯାଇଛି । ତାଙ୍ଗଖୁଲ ନାଗା ଲଙ୍ଗ୍ (ଟିଏନ୍‌ଏଲ୍) ପକ୍ଷରୁ ଏହି ଆକ୍ରମଣ ପାଇଁ କୁକି ସମ୍ପ୍ରଦାୟକୁ ଦାୟୀ କରାଯାଇଛି ।

# ଇଟାଲିରେ ଗୁରୁଦ୍ୱାରା ସମ୍ମୁଖରେ ଦୁଇ ଭାରତୀୟଙ୍କୁ ହତ୍ୟା

ରୋମ୍/ବର୍ଗାମୋ:,୧୯ ।୪(ଏଜେନ୍ସି): ପବିତ୍ର ବୈଶାଖୀ ପର୍ବର ଆନନ୍ଦ ଉଲ୍ଲାସ ମଧ୍ୟରେ ଇଟାଲୀରୁ ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି । ବର୍ଗାମୋ ପ୍ରଦେଶର କୋଭୋ ସହରରେ ଏକ ଗୁରୁଦ୍ୱାରା ବାହାରେ ଦୁଇଜଣ ଭାରତୀୟଶିଖ୍ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି । ଏହି ବର୍ବରକାଣ୍ଡ ସମଗ୍ର ଭାରତୀୟ ସମୁଦାୟକୁ ସ୍ତବ୍ଧ କରିଦେଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ବିଳମ୍ବିତ ରାତିରେ କୋଭୋ ସ୍ଥିତ 'ଗୁରୁଦ୍ୱାରା ମାତା ସାହିବ କୌର ଜୀ' ପରିସରରେ ଏହି ରକ୍ତାକ୍ତ ସଂଘର୍ଷ ଘଟିଥିଲା । ବୈଶାଖୀ ଉତ୍ସବ ପାଇଁ ଆୟୋଜିତ ଏକ ସମାବେଶ ଶେଷ କରି ଫେରୁଥିବା ସମୟରେ ଦୁଇଜଣ ବ୍ୟକ୍ତିଙ୍କୁ ଆତତାୟୀ ଗୁଳି କରିଥିଲେ । ମୃତକଙ୍କ ପରିଚୟ କୋଭୋ ନିବାସୀ ରାଜିନ୍ଦର ସିଂ (୪୮) ଏବଂ ଆଗନାଡେଲୋର ଗୁରମିତ ସିଂ (୪୮) ବୋଲି ଜଣାପଡିଛି । ସ୍ଥାନୀୟ ଗଣମାଧ୍ୟମ 'ଲା ସିସିଲିଆ'ର ରିପୋର୍ଟ ଅନୁସାରେ, ଏହା କୌଣସି ଆକସ୍ମିକ ବଚସାର ପରିଣାମ ନୁହେଁ, ବରଂ ଏକ ସୁଚିନ୍ତିତ ଓ ପୂର୍ବପରିକଳ୍ପିତ ନରସଂହାର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି । ଆତତାୟୀ ଜଣକ କାର୍‌ରେ ଆସି ଅତି ନିକଟରୁ ପ୍ରାୟ ୧୦ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

# ଉତ୍ତର କୋରିଆର ପୁଣି ବାଲିଷ୍ଟିକ୍ ମିସାଇଲ୍ ନିକ୍ଷେପ

ପିଓଙ୍ଗୟାଙ୍ଗ/ସିଓଲ,୧୯ ।୪(ଏଜେନ୍ସି): ବିଶ୍ୱର ଚେତାବନୀ ସତ୍ତ୍ୱେ ଉତ୍ତର କୋରିଆ ନିଜର ସାମରିକ ଶକ୍ତି ପ୍ରଦର୍ଶନ ଜାରି ରଖିଛି । ରବିବାର ସକାଳେ ଉତ୍ତର କୋରିଆ ପୁଣି ଥରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ସମଗ୍ର ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି । ଏହି କ୍ଷେପଣାସ୍ତ୍ରଗୁଡ଼ିକ ପୂର୍ବ ଉପକୂଳର ସିନପୋ ସହର ନିକଟରୁ ସମୁଦ୍ର ମଧ୍ୟକୁ ନିକ୍ଷେପ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକ ପ୍ରାୟ ୧୪୦ କିଲୋମିଟର ଦୂରତା ଅତିକ୍ରମ କରି ସମୁଦ୍ରରେ ପତିତ ହୋଇଛି । ଚଳିତ ମାସରେ ଏହା ଉତ୍ତର କୋରିଆର



ଚତୁର୍ଥ ଏବଂ ଚଳିତ ବର୍ଷର ସପ୍ତମ କ୍ଷେପଣାସ୍ତ୍ର ପରୀକ୍ଷଣ । ଦକ୍ଷିଣ କୋରିଆର ପୂର୍ବତନ ସୁରକ୍ଷା ପରାମର୍ଶଦାତା କିମ୍ କି-ଜୁଙ୍ଗଙ୍କ ମତରେ, ଆମେରିକା ଏବଂ ଦକ୍ଷିଣ କୋରିଆ ସହ କୌଣସି ସମ୍ଭାବ୍ୟ ଆଲୋଚନା ପୂର୍ବରୁ ନିଜର ପକ୍ଷକୁ ମଜଭୁତ କରିବା ପାଇଁ ଏହା କିମ୍ ଜୋଙ୍ଗ୍ ଉନ୍‌ଙ୍କର ଏକ ରଣନୈତିକ ଚାପ । ଏହି ଘଟଣା ପରେ ଦକ୍ଷିଣ କୋରିଆ ଏବଂ ଜାପାନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଦ୍ୱିତୀୟ ସନ୍ତାନର ମାତାପିତା ହେବେ ଦୀପିକା-ରଣବୀର

ମୁମ୍ବାଇ,୧୯ ।୪(ଏଜେନ୍ସି): ବଲିଉଡର ସବୁଠାରୁ ପ୍ରିୟ ଯୋଡ଼ି ଦୀପିକା ପାଦୁକୋନ ଏବଂ ରଣବୀର ସିଂହ ପୁଣି ଥରେ ପିତାମାତା ହେବାକୁ ଯାଉଛନ୍ତି । ରବିବାର ଏହି ଦମ୍ପତି ସୋସିଆଲ ମିଡିଆ ମାଧ୍ୟମରେ ନିଜର ଦ୍ୱିତୀୟ ପ୍ରେଗନାନ୍ସି ବିଷୟରେ ଘୋଷଣା କରି ପ୍ରଶଂସକମାନଙ୍କୁ ଏକ ବଡ଼ ଖୁସି ଖବର ଦେଇଛନ୍ତି । ଦୀପିକା ଏବଂ ରଣବୀର ଇନଷ୍ଟାଗ୍ରାମରେ ଏକ



ମିଳିତ ପୋଷ୍ଟ ସେୟାର କରିଛନ୍ତି । ଏହି ଫଟୋରେ ସେମାନଙ୍କର ପ୍ରଥମ କନ୍ୟା ସନ୍ତାନ ଦୁଆ ଏକ ପଜିଟିଭ୍ ପ୍ରେଗନାନ୍ସି ଟେଷ୍ଟ କିଟ୍ ଧରିଥିବାର ଦେଖିବାକୁ ମିଳିଛି । ଦୀପିକା ଏହି ପୋଷ୍ଟ ସହ ଦୁଇଟି 'ଇଭିଲ୍ ଆଇ' ଇମୋଜି କ୍ୟାପସନରେ ଲେଖିଛନ୍ତି, ଯାହା ସେମାନଙ୍କ ଜୀବନର ଏହି ନୂତନ ଅଧ୍ୟାୟକୁ ନେଇ ସେମାନଙ୍କ ଉତ୍ସାହକୁ ଦର୍ଶାଉଛି । ଦୀପିକା ଏବଂ ରଣବୀର ୨୦୧୮ ନଭେମ୍ବର ୧୪ ରେ ଇଟାଲୀର ଲେକ୍ କୋମୋରେ ଏକ ଭବ୍ୟ ସମାରୋହରେ ବିବାହ କରିଥିଲେ । ଉଭୟ କୋଙ୍କଣୀ ଏବଂ ସିନ୍ଧି ରୀତିନୀତିରେ ସେମାନଙ୍କର ବିବାହ ଅନୁଷ୍ଠିତ ହୋଇଥିଲା ।

## ଆମେରିକୀୟ ବିଶେଷଜ୍ଞଙ୍କ ଚେତାବନୀ

# ଟ୍ରମ୍ପ-ମୁନିର୍ ବନ୍ଧୁତା ଦେଶ ପାଇଁ ବିପଦ



ୱାସିଂଟନ୍/ଇସଲାମାବାଦ,୧୯ ।୪(ଏଜେନ୍ସି):

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତୀବ୍ର ସାମରିକ ଉତ୍ତେଜନା ମଧ୍ୟରେ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସୀମ ମୁନିରଙ୍କ ଭୂମିକା ଏବେ ବିଶ୍ୱ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସୁସମ୍ପର୍କ ଏବଂ ଇରାନର ସାମରିକ ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଘନିଷ୍ଠତା ଆମେରିକୀୟ ବିଶେଷଜ୍ଞମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସମ୍ପ୍ରତି ଇରାନ ଗସ୍ତ ଶେଷ କରିଥିବା ଆସୀମ ମୁନିର ହେଉଛନ୍ତି ପ୍ରଥମ ବିଦେଶୀ ନେତା, ଯିଏ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତେହରାନ ଗସ୍ତ କରିଛନ୍ତି । 'ଫକ୍ସ ନ୍ୟୁଜ୍ ଡିଜିଟାଲ୍'ର ରିପୋର୍ଟ ଅନୁଯାୟୀ, ମୁନିରଙ୍କର ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି) ସହ ଗଭୀର ସମ୍ପର୍କ ରହିଛି । ସୂଚନା ମୁତାବକ, ମୁନିରଙ୍କର ୨୦୨୦ରେ ଆମେରିକା ଆକ୍ରମଣରେ ନିହତ କାସେମ ସୁଲେମାନୀ ଏବଂ ୨୦୨୫ରେ ଇସ୍ରାଏଲ୍ ଆକ୍ରମଣରେ ପ୍ରାଣ ହରାଇଥିବା ହୋସେନ୍ ସଲାମୀଙ୍କ ସହ ବ୍ୟକ୍ତିଗତ ବନ୍ଧୁତା ଥିଲା । ୨୦୧୬-୧୭ ମସିହାରେ ପାକିସ୍ତାନର ମିଲିଟାରୀ ଇଣ୍ଟେଲିଜେନ୍ସ ମୁଖ୍ୟ ଥିବା ବେଳୁ ସେ ଇରାନର ଗୋଇନ୍ଦା ଓ ସାମରିକ ବ୍ୟବସ୍ଥା ସହ ଏକ ଦୃଢ଼ ସମୀକରଣ ପ୍ରସ୍ତୁତ କରିଛନ୍ତି । 'ଫାଉଣ୍ଡେସନ ଫର ଡିଫେନ୍ସ ଅଫ୍ ଡେମୋକ୍ରାସି'ର ବରିଷ୍ଠ ବିଶେଷଜ୍ଞ ବିଲ୍ ରୋଗିଓ ଟ୍ରମ୍ପ ପ୍ରଶାସନକୁ ଏକ ବଡ଼ ଚେତାବନୀ ଦେଇଛନ୍ତି । ଆଫଗାନିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଉପରେ ରଖାଯାଇଥିବା ବିଶ୍ୱାସ କିଭଳି ଭୁଲ୍ ଥିଲା, ତାହା ସେ ମନେ ପକାଇ ଦେଇଛନ୍ତି । ମୁନିରଙ୍କର ଆଇଆରଜିସି ସହ ଥିବା ସମ୍ପର୍କ ଆମେରିକା ପାଇଁ ଏକ 'ରେଡ୍ ଫ୍ଲାଗ୍' ବା ବିପଦର ସଙ୍କେତ । ପାକିସ୍ତାନ ସାମ୍ନାରେ ବନ୍ଧୁତା କରୁଥିଲେ ମଧ୍ୟ ପଛରେ ଶତ୍ରୁ ପକ୍ଷ ସହ ହାତ ମିଳାଇଥାଏ ବୋଲି ରୋଗିଓ ଦାବି କରିଛନ୍ତି । ପାକିସ୍ତାନୀ ବିଶ୍ଳେଷକ ରଜା ରୁମିଙ୍କ ମତରେ, ଆସୀମ ମୁନିରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ଉତ୍ଥାନ ଦର୍ଶାଉଛି ଯେ ପାକିସ୍ତାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ସେନା କିଭଳି ନିଜର ଆଧିପତ୍ୟ ବିସ୍ତାର କରିଚାଲିଛି । ଇରାନ ରାଷ୍ଟ୍ରପତି, ବୈଦେଶିକ ମନ୍ତ୍ରୀ ଏବଂ ବାଚସ୍ପତିଙ୍କ ସହ ମୁନିରଙ୍କ ସାକ୍ଷାତକାର କେବଳ ସାମରିକ ନୁହେଁ, ବରଂ ଏକ କୂଟନୈତିକ ବିଜୟ ବୋଲି ପାକିସ୍ତାନ ଦର୍ଶାଉଛି । ଆସନ୍ତା ସପ୍ତାହରେ ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଛି । ଏହି ସମ୍ବେଦନଶୀଳ ସମୟରେ ଅସୀମ ମୁନିର ଜଣେ 'ମଧ୍ୟସ୍ଥି' ସାଜିବେ ନା ଆମେରିକା ପାଇଁ ନୂଆ ସମସ୍ୟା ସୃଷ୍ଟି କରିବେ, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି । ତେବେ ୱାସିଂଟନର ଏକ ବଡ଼ ଗୋଷ୍ଠୀ ଏବେ ମଧ୍ୟ ପାକିସ୍ତାନର ଦୋମୁହାଁ ନୀତିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି ।

## ଅନ୍ତିମ ନିଷ୍କର୍ଷଠାରୁ ବହୁ ଦୂରରେ ତେହେରାନ

# ଯୁଦ୍ଧବିରତି ପୂର୍ବରୁ ବଢ଼ୁଛି ତିକ୍ତତା

ନୂଆଦିଲ୍ଲୀ/ଇସଲାମାବାଦ,୧୯ ।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଦୁଇ ସପ୍ତାହର ଯୁଦ୍ଧବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଥିବା ବେଳେ, ଶାନ୍ତି ଆଲୋଚନା ଏବେ ମଧ୍ୟ ଅନିଶ୍ଚିତତାର କଳାବାଦଲ ଘେରରେ ରହିଛି । ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଥିଲେ ହେଁ, ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ବୟାନ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି । 'ଆମେ ଏବେ ମଧ୍ୟ ଚୂଡ଼ାନ୍ତ ଆଲୋଚନାଠାରୁ ବହୁ ଦୂରରେ ଅଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଇସଲାମାବାଦରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ପରେ ଗାଲିବାଫ ଏକ ଟେଲିଭିଜନ ସମ୍ବୋଧନରେ କହିଛନ୍ତି ଯେ, ଆଲୋଚନାରେ ଅନେକ ଶୂନ୍ୟସ୍ଥାନ ରହିଛି ଏବଂ କେତେକ ମୌଳିକ ପ୍ରସଙ୍ଗରେ ସହମତି ହୋଇପାରି ନାହିଁ ।

# ଆମେରିକାରରେ ଗୁଳିକାଣ୍ଡ: ୮ ଶିଶୁଙ୍କ ସମେତ ୧୦ ମୃତ

ୱାସିଂଟନ,୧୯।୪(ଏଜେନ୍ସି): ଆମେରିକାର ଲୁଇସିଆନା ରାଜ୍ୟର ସ୍ତ୍ରେଭପୋର୍ଟ ସହରରେ ଏକ ଗୁଳିକାଣ୍ଡ ଘଟଣାରେ ୮ ଜଣ ନିଷ୍ପାପ ଶିଶୁଙ୍କ ସମେତ ସମୁଦାୟ ୧୦ ଜଣ ପ୍ରାଣ ହରାଇଛନ୍ତି । ରବିବାର ସକାଳ ପ୍ରାୟ ୬ଟାରେ ଏହି ଅଭାବନୀୟ ଘଟଣା ଘଟିଥିବା ପୋଲିସ ମୁଖ୍ୟ ୱେନ ସ୍ମିଥ୍ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଏକ ପାରିବାରିକ ବିବାଦକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ଘଟିଥିଲା । ମୃତ୍ୟୁବରଣ କରିଥିବା ୮ ଜଣ ଶିଶୁଙ୍କ ବୟସ ୧ ବର୍ଷରୁ ୧୪ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି । ଗୁଳିର ଶିକାର ହୋଇଥିବା କିଛି ଶିଶୁ ଅଭିଯୁକ୍ତର ସମ୍ପର୍କୀୟ ଥିଲେ । ଗୁଳିକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଜଣକ ଫେରାର ହେବାକୁ ଚେଷ୍ଟା କରିଥିଲା । ପୁଲିସ ତାର ପିଛା କରୁଥିବା ବେଳ ବୋସିଅର ସିଟି ନିକଟରେ ପୁଲିସ ଗୁଳିରେ ସନ୍ଦିଗ୍ଧ ଅଭିଯୁକ୍ତର ମୃତ୍ୟୁ ଘଟିଛି ।

## କମଳା ହାରିଶଙ୍କ ବିସ୍ଫୋରକ ଅଭିଯୋଗ

# ଏପଷ୍ଟାଇନ୍ ଫାଇଲ୍‌ରୁ ନଜର ହଟାଇବାକୁ ପ୍ରୟାସ

ୱାସିଂଟନ, ୧୯ ।୪ (ଏଜେନ୍ସି): ଆମେରିକାର ପୂର୍ବତନ ଉପ-ରାଷ୍ଟ୍ରପତି କମଳା ହାରିଶ ବର୍ତ୍ତମାନର ଟ୍ରମ୍ପ ପ୍ରଶାସନକୁ ବିରୋଧ କରି ବଡ଼ ଧରଣର ସମାଲୋଚନା କରିଛନ୍ତି । ଇରାନ ସହ ଚାଲିଥିବା ଯୁଦ୍ଧ ପାଇଁ ସେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଦାୟୀ କରିବା ସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରଣନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । ଶନିବାର ଡେଟ୍ରୋଇଟ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହାରିଶ କହିଛନ୍ତି ଯେ, ଆମେରିକାବାସୀ ଚାହୁଁନଥିବା ଏହି ଯୁଦ୍ଧ ଭିତରକୁ ଟ୍ରମ୍ପଙ୍କୁ ଟାଣି ଅଣାଯାଇଛି । ହାରିଶଙ୍କ ଅଭିଯୋଗ ଅନୁସାରେ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପ୍ରରୋଚନାରେ ଟ୍ରମ୍ପ ଏହି ଯୁଦ୍ଧରେ ସାମିଲ ହୋଇଛନ୍ତି । ଯଦିଓ ନେତାନ୍ୟାହୁ ଏଭଳି ଦାବିକୁ ପୂର୍ବରୁ 'ଫେକ୍ ନ୍ୟୁଜ୍' ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି । ଏହି ଅନାବଶ୍ୟକ ଯୁଦ୍ଧ ଯୋଗୁଁ ଆମେରିକାର ସାମରିକ କର୍ମଚାରୀଙ୍କ ଜୀବନ ବିପଦରେ ପଡ଼ିଛି ବୋଲି ସେ ଚେତାବନୀ ଦେଇଛନ୍ତି । କମଳା ହାରିଶ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ,

**ନେତାନ୍ୟାହୁଙ୍କ ପ୍ରରୋଚନାରେ ଇରାନ ଯୁଦ୍ଧରେ ଛନ୍ଦି ହୋଇଛନ୍ତି ଟ୍ରମ୍ପ**



ଟ୍ରମ୍ପଙ୍କ 'ଅପରେସନ୍ ଏପିକ୍ ଫ୍ୟୁରି' ପ୍ରକୃତରେ ଏକ କୂଟନୈତିକ ଚାଲ । ଚର୍ଚ୍ଚିତ 'ଏପଷ୍ଟାଇନ୍ ଫାଇଲ୍' ବିବାଦରୁ ଲୋକଙ୍କ ନଜର ହଟାଇବା ପାଇଁ ଟ୍ରମ୍ପ ପ୍ରଶାସନ ଏଭଳି ସାମରିକ ପଦକ୍ଷେପ ନେଉଛି ବୋଲି ସେ ଏଏନ୍‌ଆଇ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ବୟାନରେ କହିଛନ୍ତି । ଆମେରିକାର ବର୍ତ୍ତମାନର ଶାସନ ବ୍ୟବସ୍ଥାକୁ ଇତିହାସର 'ସବୁଠାରୁ ଦୁର୍ନୀତିଗ୍ରସ୍ତ ଏବଂ ଅପାରଗ' ପ୍ରଶାସନ ବୋଲି ହାରିଶ ଅଭିହିତ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟ୍ରମ୍ପ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି, ଯିଏ ଆମେରିକାର ପୁରାତନ ବନ୍ଧୁତା ଓ ସାମରିକ ମେଣ୍ଟଗୁଡ଼ିକୁ ସୁରକ୍ଷା ଦେବାର ଦାୟିତ୍ୱରୁ ଓହରି ଯାଇଛନ୍ତି । ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ନିୟମଗୁଡ଼ିକୁ ଟ୍ରମ୍ପ ଅଣଦେଖା କରୁଥିବା ଯୋଗୁଁ ଆମେରିକା ଏବେ ବିଶ୍ୱ ଦରବାରରେ ଏକ 'ଅବିଶ୍ୱସନୀୟ' ଦେଶରେ ପରିଣତ ହୋଇଛି ବୋଲି ସେ କହିଛନ୍ତି । କେବଳ ବୈଦେଶିକ ନୀତି ନୁହେଁ, ବରଂ ସ୍ୱାସ୍ଥ୍ୟ ସେବା, ଅର୍ଥନୀତି ଏବଂ ମହିଳାଙ୍କ ପ୍ରଜନନ ଅଧିକାର ଭଳି ଘରୋଇ ପ୍ରସଙ୍ଗରେ ମଧ୍ୟ ହାରିଶ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି । ଆସନ୍ତା ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ।

# ୨୦୦ ଫୁଟ୍ ତଳକୁ ବସ୍ ଖସି ୨ ମୃତ ଓ ୩୧ ଆହତ

ଜୟପୁର,୧୯।୪(ଏଜେନ୍ସି): ରାଜସ୍ଥାନର ଅଜମେର ଜିଲ୍ଲା ଅନ୍ତର୍ଗତ ପୁଷ୍କର ଘାଟି ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ପ୍ରାୟ ୨୦୦ ଫୁଟ୍ ତଳକୁ ଖସିପଡ଼ିଥିଲା । ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ୩୩ ଜଣ ଯାତ୍ରୀଙ୍କୁ ନେଇ ଏହି ବସ୍‌ଟି ଅଜମେରରୁ ପୁଷ୍କର ଅଭିମୁଖେ ଘାଟି ରାସ୍ତାରେ ଯାଉଥିଲା । ସାଞ୍ଝିସାର ନିକଟରେ ବସ୍‌ଟି ନିୟନ୍ତ୍ରଣ ହରାଇ ଘାଟି ରାସ୍ତାରୁ ତଳକୁ ଖସିପଡ଼ି ଘଞ୍ଚ ବୁଦା ମଧ୍ୟରେ ଫସି ରହିଥିଲା । ପରେ ସ୍ଥାନୀୟ ଲୋକେ ପୋଷାକକୁ ରଶି ଭାବେ ବ୍ୟବହାର କରି ଆହତଙ୍କୁ ଉପରକୁ ଆଣିଥିଲେ ।

## ଭାରତ-ରୁଷ ପ୍ରତିରକ୍ଷା ସମ୍ପର୍କରେ ନୂଆ ଅଧ୍ୟାୟ

# ପରସ୍ପରର ମାଟିରେ ମୁତୟନ ହେବେ ୩୦୦୦ ସୈନିକ

ନୂଆଦିଲ୍ଲୀ,୧୯ ।୪(ଏଜେନ୍ସି):

ଭାରତ ଏବଂ ରୁଷ ମଧ୍ୟରେ ବହୁ ପ୍ରତୀକ୍ଷିତ 'ରେସିପ୍ରୋକାଲ୍ ଏକ୍ସଚେଞ୍ଜ ଅଫ୍ ଲଜିଷ୍ଟିକ୍ ସପୋର୍ଟ' (ରେଲୋସ୍) ପ୍ରତିରକ୍ଷା ଚୁକ୍ତି ଏବେ ଆନୁଷ୍ଠାନିକ ଭାବେ ଲାଗୁ ହୋଇଛି । ଏହି ସାମରିକ ବୁଝାମଣା ଫଳରେ ଦୁଇ ପୁରାତନ ବନ୍ଧୁ ରାଷ୍ଟ୍ରଙ୍କ ମଧ୍ୟରେ ରଣନୈତିକ ସହଯୋଗ ଏକ ନୂତନ ଶିଖରରେ ପହଞ୍ଚିଛି । ଏହି ଚୁକ୍ତି ଅଧୀନରେ ଉଭୟ ଦେଶ ପରସ୍ପରର ସାମରିକ ଘାଟି ଏବଂ ସମ୍ବଳ ବ୍ୟବହାର କରିବାର ସୁବିଧା ପାଇବେ । ଏହି ନୂତନ ପ୍ରତିରକ୍ଷା ବୁଝାମଣା ଅନୁଯାୟୀ, ସେନା ପରିଚାଳନା ଏବଂ ତାଲିମ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ । ଉଭୟ ଦେଶ ପରସ୍ପରର ମାଟିରେ ସର୍ବାଧିକ ୩,୦୦୦ ସୈନିକ ମୁତୟନ କରିପାରିବେ । ଏହା ସହିତ ୫ଟି ଯୁଦ୍ଧପୋତ ଏବଂ ୧୦ଟି ସାମରିକ ବିମାନ ମୁତୟନ ପାଇଁ



ମଧ୍ୟ ଅନୁମତି ପ୍ରଦାନ କରାଯାଇଛି । ଉଭୟ ଦେଶର ସେନା ପରସ୍ପରର ମିଲିଟାରୀ ବେସ୍, ଏୟାରବେସ୍ ଏବଂ ବନ୍ଦରଗୁଡ଼ିକୁ ବ୍ୟବହାର କରିପାରିବେ, ଯାହା ଦୂରବର୍ତ୍ତୀ ଅଞ୍ଚଳରେ ସାମରିକ ଅପରେସନ୍‌କୁ ସହଜ କରିବ । ଏହି ଚୁକ୍ତି କେବଳ ସୈନ୍ୟ ମୁତୟନରେ ସୀମିତ ନୁହେଁ, ବରଂ ଏହା ବ୍ୟାପକ ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରିବ । ସାମରିକ ଅଭ୍ୟାସ ସମୟରେ ଜାଳେଣି, ଜଳ, ମରାମତି ସୁବିଧା ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣର ଆଦାନପ୍ରଦାନ କରାଯିବ । ବିମାନଗୁଡ଼ିକ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଏବଂ ଉଡ଼ାଣ ସମ୍ବନ୍ଧୀୟ ସମସ୍ତ ବୈଷୟିକ ସେବା ଉପଲବ୍ଧ ହେବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସାମରିକ ଚୁକ୍ତି କୌଣସି ଯୁଦ୍ଧ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହାର ବ୍ୟବହାର କେବଳ ଶାନ୍ତି ସମୟରେ ତାଲିମ, ମିଳିତ ସାମରିକ ଅଭ୍ୟାସ ଏବଂ ଲଜିଷ୍ଟିକ୍ ସହଯୋଗ ପାଇଁ କରାଯିବ । ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଫେବ୍ରୁଆରୀ ୨୦୨୫ରେ ସ୍ୱାକ୍ଷରିତ ହୋଇଥିବା ବେଳେ ଡିସେମ୍ବର ୨୦୨୫ରେ ରୁଷ ସରକାର ଏହାକୁ ଆନୁଷ୍ଠାନିକ ଭାବେ ମଞ୍ଜୁରି ପ୍ରଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚୁକ୍ତି ୫ ବର୍ଷ ପାଇଁ ଲାଗୁ ରହିବ ଏବଂ ପରବର୍ତ୍ତୀ ସମୟରେ ଉଭୟ ଦେଶର ସମ୍ମତି କ୍ରମେ ଏହାର ଅବଧି ବୃଦ୍ଧି କରାଯାଇପାରିବ ।

# ଦୁଇ ଯମଜ କନ୍ୟାଙ୍କୁ ହତ୍ୟା କଲା ପିଶାଚ ବାପା

କାନପୁର,୧୯ ।୪(ଏଜେନ୍ସି): ସମାଜରେ ପିତାକୁ ସୁରକ୍ଷାର କବଚ ବୋଲି କୁହାଯାଉଥିବା ବେଳେ ଉତ୍ତର ପ୍ରଦେଶର କାନପୁରରୁ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି । ଜଣେ ପିତା ପିଶାଚ ସାଜି ନିଜର ଦୁଇ ୧୧ ବର୍ଷୀୟା ନିଷ୍ପାପ ଯମଜ କନ୍ୟାଙ୍କୁ ଗଳା କାଟି ଅତି ନିର୍ମମ ଭାବେ ହତ୍ୟା କରିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେବା ସହ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୁକ୍ତ ଶଶି ରଞ୍ଜନ ମିଶ୍ର, ଯିଏକି ପେଶାରେ ଜଣେ ମେଡିକାଲ ରିପ୍ରେଜେଣ୍ଟେଟିଭ୍ (ଏମ୍‌ଆର୍), ରବିବାର ଭୋର ସମୟରେ ନିଜ ଫ୍ଲାଟ୍‌ରେ ଏହି ଜଘନ୍ୟ କାଣ୍ଡ ଭିଆଇଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଶଶି ନିଜ ପତ୍ନୀଙ୍କ ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ । ଏହି ପାରିବାରିକ କଳହ ଓ ମାନସିକ ଅଶାନ୍ତି ଶେଷରେ ଦୁଇ ନିରୀହ କନ୍ୟା 'ରିଦ୍ଧି' ଏବଂ 'ସିଦ୍ଧି'ଙ୍କ ଜୀବନ ନେଇଛି । ଶନିବାର ରାତିରେ ସମସ୍ତେ ଖାଇପି ଶୋଇବା ପରେ, ପ୍ରାୟ ଭୋର ୪ଟା ସମୟରେ ଶଶି ଏକ ଧାରୁଆ ଅସ୍ତ୍ରରେ ଦୁଇ ଝିଅଙ୍କ ଗଳା କାଟି ଦେଇଥିଲେ । ଆଶ୍ଚର୍ଯ୍ୟର କଥା ହେଉଛି, ହତ୍ୟା କରିବା ପରେ ଶଶି ଭୟଭୀତ ନହୋଇ ନିଜେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ । 'ମୁଁ ମୋ ଦୁଇ ଝିଅଙ୍କୁ ମାରିଦେଇଛି, ବୋଲି ସେ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୁଇ ଶିଶୁ କନ୍ୟାଙ୍କ ଶବ ଜବତ କରିଥିଲା ଏବଂ ଅଭିଯୁକ୍ତକୁ ଘରଭିତରୁ ଗିରଫ କରିଥିଲା । ଅଭିଯୁକ୍ତର ପତ୍ନୀ ରେଶ୍ମାଙ୍କ ବୟାନ ଅନୁସାରେ,



ଶଶି ଦୀର୍ଘ ଦିନ ଧରି ଅବସାଦରେ ଥିଲେ । ଘର ଭିତରେ ସେ ଏକାଧିକ ସିସିଟିଭି କ୍ୟାମେରା ଲଗାଇଥିଲେ ଏବଂ ପତ୍ନୀଙ୍କୁ ନିଜ ଝିଅଙ୍କ ପାଖକୁ ଯିବାକୁ ମଧ୍ୟ ଦେଉନଥିଲେ । ସେ ସବୁବେଳେ କହୁଥିଲେ ଯେ ଝିଅମାନେ ତାଙ୍କ ପାଖରେ ରହିବେ ଏବଂ ପତ୍ନୀ କେବଳ ପୁଅକୁ ନେଇ ଅଲଗା ରହିବେ । ୨୦୧୪ ମସିହାରେ ପ୍ରେମ ବିବାହ କରିଥିବା ଏହି ଦମ୍ପତିଙ୍କ ସଂସାରରେ ସନ୍ଦେହର ବିଷ ଏଭଳି ଭୟଙ୍କର ରୂପ ନେବ, ତାହା କେହି କଳ୍ପନା କରିନଥିଲେ । କାନପୁର ଡିସିପି ଦୀପେନ୍ଦ୍ର ନାଥ ଚୌଧୁରୀ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଅଭିଯୁକ୍ତ ପିତାକୁ ଗିରଫ କରାଯାଇଛି ଏବଂ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

**ସମ୍ପର୍କ ନେଲା ଜୀବନ**

# ଭାଇକୁ ଅପହରଣ ପରେ ହତ୍ୟା

■ ଟଙ୍କା ଦେବା ବାହାନାରେ ଡାକି ମାରିଦେଲା
■ ଲଗେଜ୍ ବ୍ୟାଗ୍‌ରେ ଶବ ରଖି ଖାଇକୁ ଫିଙ୍ଗିଦେଲା

ପୋଲସରା, ୧୯।୪ (ସମିସ): ଭାଇ ସାଜିଲା ବଇରୀ। ସହଯୋଗୀ ସହ ମିଶି ଭାଇକୁ ଅପହରଣ କରିବା ପରେ ତଣ୍ଟିଚିପି ମାରିଦେଲା। ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ପୋଲସରା ଥାନା ମାଳତେନ୍ତୁଳିଆ ଗ୍ରାମର ରାଜଦୀପ ସାହୁ (୧୯)। ରାଜଦୀପଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ସୁବ୍ରତ ସାହୁ ଅପହରଣ ପରେ ହତ୍ୟା କରିଥିବା ପୁଲିସ କହିଛି। ପୁଲିସ ତାକୁ ଗିରଫ କରିଛି। ଏହି ଘଟଣା ସହ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ ସଂପର୍କରେ ପୁଲିସ ଅଧିକ ଖୋଳତାଡ଼ ଚଳାଇଛି। ଏନେଇ ଥାନାରେ ନମ୍ବର ୨୧୪/୨୬ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ଗତ ଗୁରୁବାର, ୧୬ ତାରିଖ ଅପରାହ୍ଣ ପ୍ରାୟ ୨ଟା ବେଳେ ରାଜଦୀପକୁ ସମ୍ପର୍କୀୟ ଭାଇ ସୁବ୍ରତ ଓରଫ୍ କାଳିଆ ଫୋନ କରି ପୋଲସରା ଡକାଇଥିଲା। ୫ଲକ୍ଷ ଟଙ୍କା ଓ ଏକ ମୋପେଡ୍ ଗାଡ଼ି



ନେଇ ତାଙ୍କ ଘରେ ଦେଇଦେବା ପାଇଁ କହିଥିଲା। କିନ୍ତୁ, କିଛି ସମୟ ପରେ ସୁବ୍ରତ ପୁଣି ଫୋନ୍ କରି ପୋଲସରା ନିକଟସ୍ଥ ରାଆଣ୍ଡି ଘାଇକୁ ଆସିବା ପାଇଁ ରାଜଦୀପକୁ କହିଥିଲା। ସେଠାରେ ପହଞ୍ଚିବା ପରେ ସୁବ୍ରତ ଓ ତା'ର ଜଣେ ସହଯୋଗୀ କେନ୍ଦୁଝର ଅଞ୍ଚଳର ସୁବ୍ରତ ପଟ୍ଟନାୟକ ସହ ରାଜଦୀପର ଭେଟ ହୋଇଥିଲା। ପୋଲସରାରେ ଗୋଟିଏ ଦିନରେ ଏତେ ଟଙ୍କା ଏଟିଏମରୁ ଉଠାଇବା ସମ୍ଭବ ନୁହେଁ, ତେଣୁ ବ୍ରହ୍ମପୁର ଯିବା ପାଇଁ ସୁବ୍ରତ ରାଜଦୀପକୁ କହିଥିଲା। ରାଜଦୀପ ମଧ୍ୟ ସୁବ୍ରତ କଥାରେ ରାଜି ହୋଇ ଧନେଇ ଡ୍ୟାମରୁ କାଳିମେଘି କୋଦଳା ଦେଇ ବ୍ରହ୍ମପୁର ବାହାରିଥିଲେ। ଏପଟେ ସହଯୋଗୀ ସୁବ୍ରତ ପଟ୍ଟନାୟକ ପୂର୍ବ ଯୋଜନା ମୁତାବକ ରାଜଦୀପର ଗ୍ଲାମର୍ ବାଇକ୍ ନେଇ ନିକଟସ୍ଥ ସାବିତ୍ରୀ ବଗଡ଼ ରାମଲଖଣ କେନାଲରେ ପକାଇ ଦେଇଥିଲା। ପରେ ବ୍ରହ୍ମପୁର ଫେରିଯାଇଥିଲା। ସେପଟେ, ସୁବ୍ରତ ସାହୁ ମଧ୍ୟ ରାଜଦୀପକୁ ନେଇ ବ୍ରହ୍ମପୁର ଭଡ଼ାଘରକୁ ନେଇ ସେଠାରେ ତା'ର ତଣ୍ଟି ଚିପି ହତ୍ୟା କରିଥିଲା। ପରେ ଶବକୁ ଏକ ଲଗେଜ୍ ବ୍ୟାଗ୍‌ରେ ରଖି ମୋପେଡ୍‌ରେ ବ୍ରହ୍ମପୁରରୁ ସୋରଡ଼ା ଥାନା ଅନ୍ତର୍ଗତ ସୋରଡ଼ା-ଦାରିଙ୍ଗବାଡି ଘାଟିକୁ ପଳାଇଥିଲା। ସେଠାରେ ଥିବା ସେଲ୍ଫି ପଏଣ୍ଟରେ ରାଜଦୀପର ମୃତ ଶରୀର ସହ ଲଗେଜ୍ ବ୍ୟାଗକୁ ଖାଇକୁ ଫିଙ୍ଗି ଦେଇ ପଳାଇଥିଲା।

ପରିବାରଲୋକଙ୍କ କହିବାନୁସାରେ, ରାଜଦୀପ ନିଖୋଜ ଥିବା ନେଇ ଗତ ଗୁରୁବାର ସେମାନେ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ୧୭ ତାରିଖ ସକାଳେ ପରିବାରକୁ ଫୋନ୍ କରି କେହି ଦୁର୍ବୃତ୍ତ ଫୋନ୍ କରି ଧମକାଇଥିଲା। ରାଜଦୀପକୁ ସେମାନେ ଅପହରଣ କରିନେଇଛନ୍ତି ଏବଂ ବଦଳରେ ୪୦ ଲକ୍ଷ ଟଙ୍କା ଦାବି କରିଥିଲା। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ କିଛି ସଂଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ସେମାନଙ୍କଠାରୁ ଅଭିଯୁକ୍ତ ସୁବ୍ରତ ସାହୁଙ୍କ ସମ୍ପର୍କରେ ସୂଚନା ପାଇଥିଲା।

ଅପରପକ୍ଷେ, ଦାରିଙ୍ଗବାଡି ବଡ଼ଘାଟି ନିକଟରୁ ଏକ ମୃତଦେହ ମିଳିବା ପରେ ରାଜଦୀପଙ୍କ ବାପାକୁ ନେଇ ଚିହ୍ନଟ ପାଇଁ ପୁଲିସ ଡାକିଥିଲା। ରାଜଦୀପଙ୍କ ବାପା ସେଠାକୁ ଯାଇ ଶବ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ଶନିବାର ରାତିରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ରାଜଦୀପଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅପହରଣ ପରେ ହତ୍ୟା ଭଳି ଲୋମହର୍ଷଣ ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରି ନଥିଲେ।। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ସାଙ୍ଗ ସାଜିଲା ବଇରୀ**

# ଘରୁ ଡାକିନେଇ ମାରିଦେଲା

ଟିକାବାଲି/ଚକାପାଦ, ୧୯।୪(ସମିସ): ବନ୍ଧୁ ସାଜିଲା ବଇରୀ। ଶିକାର ପାଇଁ ଘରୁ ଡାକିନେଇ ଜଙ୍ଗଲ ଭିତରେ ଗୁଳି କରି ମାରିଦେଲା। କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଲାଇନପଡ଼ା ଫାଣ୍ଡି କୁସୁମେଣ୍ଡି ପଞ୍ଚାୟତର ବୁଢ଼େଣୀ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମୃତ ନାବାଳକଜଣଙ୍କ ହେଲା, ବିଭୂତି କହଁର (୧୬)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରତାପ କହଁର (୩୦) ଫେରାର୍ ହୋଇଯାଇଥିବା ବେଳେ ଅନ୍ୟତମ ସହଯୋଗୀ ସୁମନ ବିନ୍ଧାଣି (୨୫)କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଏହାସହ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ବୌଦ୍ଧ ଜିଲ୍ଲାରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି। ଟିକାବାଲି ଥାନାଧିକାରୀ ସମୀର କୁମାର ବେହେରାଙ୍କ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ଗତକାଲି ରାତି ପ୍ରାୟ ୯ଟାରେ ବିଭୂତି ଖାଇ ସାରି ଶୋଇବାକୁ ଯାଉଥିଲା। ଏହି ସମୟରେ ଗ୍ରାମର ପ୍ରତାପ ଓ ସୁମନ ଦୁଇଟି ଦେଶୀ ବନ୍ଧୁକ ଧରି ବିଭୂତିଙ୍କ ଘରେ ପହଞ୍ଚିଥିଲେ। ଗାଁ ନିକଟସ୍ଥ କାମୁଟି ଜଙ୍ଗଲକୁ କୁଟୁରା ଶିକାର ପାଇଁ ଯିବାକୁ ସେମାନେ ବିଭୂତିଙ୍କୁ ଡାକିଥିଲେ। ବାପାଙ୍କ ବାରମ୍ବାର ବାରଣ ବିଭୂତି ସାଙ୍ଗମାନଙ୍କ ସହ ଜଙ୍ଗଲକୁ ଯାଇଥିଲା। ଘରୁ ଯିବାର ପ୍ରାୟ ଅଧଘଣ୍ଟା ପରେ ଜଙ୍ଗଲ ମଧ୍ୟରୁ ଗୁଳି ଫୁଟିବାର



ଶବ୍ଦ ଶୁଣାଯାଇଥିଲା। ଏହାର କିଛି ସମୟ ପରେ ଅଭିଯୁକ୍ତ ପ୍ରତାପ କହଁର ବିଭୂତିଙ୍କ ଘରକୁ ଆସି ମୋ' ବନ୍ଧୁକରୁ ଗୁଳି ବାଜି ତୁମ ପୁଅ ମରିଗଲା ବୋଲି କହିଥିଲା। ପରିବାରଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରୁ ରକ୍ତଜୁଡୁବୁଡୁ ବିଭୂତିର ଶବ ଉଦ୍ଧାର କରିଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରତାପ ସେଠାରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ଟିକାବାଲି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ମୃତକଙ୍କ ବାପା ମାଧବ କହଁରଙ୍କ ଲିଖିତ ଅଭିଯୋଗକ୍ରମେ ଟିକାବାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜଳଭଣ୍ଡାରରେ ବୁଡ଼ି ଦୁଇ ଛାତ୍ର ମୃତ

ଭଞ୍ଜନଗର, ୧୯ ।୪ (ସମିସ): ଗାଧୋଇବା ବେଳେ ଜଳଭଣ୍ଡାରରେ ବୁଡ଼ି ଦୁଇଜଣ କଲେଜ ଛାତ୍ର ପ୍ରାଣ ହରାଇଛନ୍ତି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳଭଣ୍ଡାରରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରଦ୍ୱୟ ହେଲେ, ଲାଲସିଙ୍ଗି ଗ୍ରାମର କାହ୍ନୁ ପ୍ରଧାନ ଏବଂ ଆଶୁତୋଷ ଭୂୟାଁ। ସୂଚନାନୁସାରେ, ରବିବାର ସନ୍ଧ୍ୟାରେ କିଛି ସାଙ୍ଗଙ୍କ ସହ କାହ୍ନୁ ଓ ଆଶୁତୋଷ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ହଠାତ୍ ଦୁଇଜଣଙ୍କ ଗୋଡ଼ ଖସିଯିବାରୁ ଦୁହେଁ ଗଭୀର ଜଳରେ ବୁଡ଼ି ଯାଇଥିଲେ। କେହି କିଛି ଭାବିବା ଆଗରୁ ସବୁ କିଛି ସରିଯାଇଥିଲା। ଅକାତକାତ ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଚାଲି ଯାଇଥିଲା। ଖବର ପାଇ ଅଗ୍ନିଶମ



ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଭୀର ଜଳରୁ ଦୁଇଜଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

**ଶିକ୍ଷକ ଜନଗଣନା କାର୍ଯ୍ୟରେ ବ୍ୟସ୍ତ**

# ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଶୁଖିଲା ଭାତ, ଲୁଣ

ତୁମୁଡିବନ୍ଧ, ୧୯।୪(ସମିସ): କନ୍ଧମାଳ ଜିଲ୍ଲା ଶିକ୍ଷା ବ୍ୟବସ୍ଥାରେ ଏହାର ବିରାଟ ଓ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତୁମୁଡ଼ିବନ୍ଧ ବ୍ଲକ୍ ଝିରିପାଣି ପଞ୍ଚାୟତର ଶିମିଳିପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର କୋମଳମତି ଶିଶୁଙ୍କୁ ନା ମିଳିଛି ଶିକ୍ଷାଦାନ ନା ମିଳିଛି ପୁଷ୍ଟିକର ଖାଦ୍ୟ। ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ମିଳିଛି ଶୁଖିଲା ଭାତ ସାଙ୍ଗକୁ ଲୁଣ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଜଣେ ଶିକ୍ଷକ, ଦୁହେଁ ସରକାରଙ୍କ ଜନଗଣନା କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ଜଣେ ମାତ୍ର ସହକାରୀ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଛି। ସହକାରୀ ଶିକ୍ଷକ ବିଦ୍ୟାଳୟରେ ଥାଇ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ନଥିବା ଅଭିଯୋଗ କରିଛନ୍ତି ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦେଇନଥିବା ଓ ଡାଲି ନ ଥିବାରୁ କେବଳ ଶୁଖିଲା ଭାତରେ ଲୁଣ ଦେଇ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦେଇଥିବା ସଫେଇ ଦେଇଛନ୍ତି ସହକାରୀ ଶିକ୍ଷକ। ଏଭଳି ଏକ ଅତ୍ୟନ୍ତ ବିରଳ ଏବଂ ବିକଳ ତଥା



ଶିକ୍ଷା ବ୍ୟବସ୍ଥାକୁ କଳଙ୍କିତ କଲା ଭଳି ଘଟଣା ଶିମିଳିପଦର ପ୍ରାଥମିକ ବିଦ୍ୟାଳୟରେ ଘଟିଛି।

ବିଦ୍ୟାଳୟରେ ୩୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମଧ୍ୟାହ୍ନଭୋଜନ ସମୟରେ ସେମାନଙ୍କୁ ଭାତ ଡାଲମା ବଦଳରେ ମିଳିଥିଲା କେବଳ ଶୁଖିଲା ଭାତ ଓ ଲୁଣ। ବିଦ୍ୟାଳୟ ବାରିପଟେ ପରିବା ବଗିଚା ଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ପାଇଁ କାମରେ ଲାଗୁନି। ଆଦିମ ଜନଜାତି କୁଟିଆକନ୍ଧ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷକଙ୍କ ଏଭଳି ଖାମଖିଆଲି ବ୍ୟବହାର ବୁଦ୍ଧିଜୀବୀଙ୍କୁ ଅତିଷ୍ଠ କରିଛି।

ତୁମୁଡିବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) କିମ୍ବା ସିଆରସିସି କେହି ମଧ୍ୟ ନିୟମିତ ବିଦ୍ୟାଳୟ ପରିଦର୍ଶନରେ ଆସୁନଥିବାରୁ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଲାଗି ରହିଛି ବୋଲି ଅଭିଯୋଗ ହେଉଛି। ସିଆର୍‌ସିସି ମାସିକ ଗୋଟିଏରୁ ଦୁଇଦିନ କେବଳ ଝିରିପାଣି ସେକ୍ଟର୍ ଗସ୍ତ କରି ଖାମଖିଆଲି ଭାବେ ବୁଲାବୁଲି ଚାଲିଯାଉଛନ୍ତି। କାର୍ଯ୍ୟରତ ଶିକ୍ଷକଙ୍କୁ ତାଗିଦ କରୁନାହାନ୍ତି। ଏହାର ଫଳ ଶିମିଳିପଦର ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବେଲଘରଠାରୁ ଝିରିପାଣି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ରହିଥିବା ଏହି ବିଦ୍ୟାଳୟର ଦୃଶ୍ୟ ଯଦି ଏହିଭଳି, ତେବେ ଅନ୍ୟ ଦୁର୍ଗମ ଅଞ୍ଚଳରେ ଥିବା ବିଦ୍ୟାଳୟର ଅବସ୍ଥା ନ କହିବା ଭଲ ବୋଲି ତୁମୁଡିବନ୍ଧର ପୂର୍ବତନ ସରପଞ୍ଚ ମୟନ୍ତୀ ପାଟମାଝି କହିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବାରୁ ଦୁଇ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ

ବଡ଼ମ୍ବା, ୧୯।୪(ସମିସ): ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ। କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ଭଟ୍ଟାରିକା ପଞ୍ଚାୟତ ଅଞ୍ଚଳରେ ଏପରି ଏକ ଜଘନ୍ୟ କାଣ୍ଡକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ତଥା ନାବାଳିକା ଗାଁର ବିଶ୍ୱରଞ୍ଜନ ଚୌଧୁରୀ (୪୫)କୁ ଗିରଫ କରି କୋର୍ଟଚାଲାଣ କରିଛି।

ଗତ ଶନିବାର ସନ୍ଧ୍ୟାରେ ନାବାଳିକାଜଣଙ୍କ ଟ୍ୟୁସନ୍ ସାରି ଘରକୁ ଫେରୁଥିଲା। ସେହି ସମୟରେ ବିଶ୍ୱରଞ୍ଜନ

**ଅଭିଯୁକ୍ତ ଗିରଫ**

ତାଙ୍କୁ ରାସ୍ତାରୁ ଜୋରଜବରଦସ୍ତ ଟେକିନେଇ ଏକ ପରିତ୍ୟକ୍ତ ଘର ନିକଟରେ ଦୁଷ୍କର୍ମ କରିଥିଲା। ଏପଟେ, ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିବା ସମୟରେ ରାସ୍ତାରେ ଟ୍ୟୁସନ୍ ବ୍ୟାଗ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ନିକଟସ୍ଥ ଏକ ଘର ପଛପଟେ ନାବାଳିକାଜଣଙ୍କ ରକ୍ତାକ୍ତ ଓ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ନାବାଳିକାର ବାପା-ମା' ସେଠାରେ ପହଞ୍ଚି ଅଭିଯୁକ୍ତକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବିଶ୍ୱରଞ୍ଜନ ସେମାନଙ୍କୁ ମଧ୍ୟ ଆକ୍ରମଣ କରି ସେଠାରୁ ଫେରାର୍ ହେବାକୁ ଉଦ୍ୟମ କରିଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଜଘନ୍ୟ କାଣ୍ଡ ଘଟିଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକ ସଦଳବଳେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କଟକ ପୋକ୍ସୋ ଟିମ୍ ଏବଂ ସ୍ଥାନୀୟ ପୁଲିସ ମିଳିତ ଭାବେ ଘଟଣାସ୍ଥଳରୁ ରକ୍ତଭିଜା ଚପଲ, କେଶ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି। ଏ ନେଇ ବଡ଼ମ୍ବା ଥାନାରେ ନମ୍ବର ୧୪୫/୨୬ ଏବଂ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଡାକ୍ତରୀମାଇନା ପରେ ପୀଡ଼ିତାଙ୍କୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତକୁ ରବିବାର କୋର୍ଟଚାଲାଣ କରାଯାଇଛି।

# ମା' ହେଲେ ଦୁଷ୍କର୍ମ ପୀଡ଼ିତା ନବମ ଛାତ୍ରୀ

ମନମୁଣ୍ଡା,୧୯ ।୪(ସମିସ): ଦୁଷ୍କର୍ମପୀଡ଼ିତା ଜଣେ ନବମ ଛାତ୍ରୀ ଏକ ସନ୍ତାନ ପ୍ରସବ କରିଛନ୍ତି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଆଶ୍ଚର୍ଯ୍ୟର ବିଷୟ ହେଲା, ଛାତ୍ରୀଜଣଙ୍କ ସନ୍ତାନ ପ୍ରସବ କରିବା ପର୍ଯ୍ୟନ୍ତ ସେ ଗର୍ଭବତୀ ଥିବା ତାଙ୍କ ପରିବାରଲୋକ ଜାଣିପାରିନଥିଲେ ବୋଲି କହିଛନ୍ତି। ସୂଚନାନୁଯାୟୀ, ଛାତ୍ରୀଜଣଙ୍କ ମଝିରେ ମଝିରେ ପେଟରେ ପୀଡ଼ା ହେଉଥିବା ତାଙ୍କ ବାପା-ମା'ଙ୍କୁ କହି ଆସୁଥିଲେ। କିନ୍ତୁ ପରିବାରଲୋକ ଏହାକୁ ଗୁରୁତ୍ୱ ଦେଉନଥିଲେ। ଗ୍ୟାସ୍ ଜନିତ ସମସ୍ୟାରୁ ପେଟ କାଟୁଥିବ କହି ଔଷଧ ଦେଉଥିଲେ। ନାବାଳିକାଙ୍କ ବୟସକୁ ଦେଖି ସେ ଯେ ଗର୍ଭଧାରଣ କରିଥିବେ, ତାହା ପରିବାରଲୋକଙ୍କ କଳ୍ପନା ବାହାରେ ଥିଲା। ତେବେ ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ନାବାଳିକାଜଣଙ୍କ ପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବାରୁ ଘରଲୋକେ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ରାତି ପ୍ରାୟ ସାଢ଼େ ୨ଟାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଗାଁର ଜଣେ ପିଲା ତାଙ୍କୁ ଦୁଷ୍କର୍ମ କରିଥିବା ନାବାଳିକାଜଣଙ୍କ ଆଜି ତା' ବାପା-ମା'ଙ୍କୁ କହିବା ପରେ ନାବାଳିକାଙ୍କ ବାପା ମନମୁଣ୍ଡା ଥାନାରେ ଏତଲା ଦେଇଛନ୍ତି।

**ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣା**

# ତଦନ୍ତ ସରିଗଲା, ମାମଲା ରୁଜୁ ହେଲାନି

■ ଏସ୍‌ଡିପିଓଙ୍କ ବିରୋଧରେ ତଦନ୍ତ ଶେଷ, ରିପୋର୍ଟ ଗୁପ୍ତ
■ ଅଭିଯୋଗକାରୀଙ୍କ ସହ ଆଲୋଚନା ବିନା ତଦନ୍ତ

ନୟାଗଡ଼,୧୯ ।୪(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ହ୍ୱାଟ୍ସଆପରେ ମେସେଜ କରି ପ୍ରେମ ନିବେଦନ କରିବା ଏବଂ ଫୋନ୍ ଜରିଆରେ ରାତି ବିତାଇବାକୁ ଡାକିବା ଘଟଣାର ଅଡିଓ ଭାଇରାଲକୁ ନେଇ ତଦନ୍ତ ଶେଷ ହୋଇଛି। ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ ତଦନ୍ତ କରି ଡିଜି ଅଫିସରେ ରିପୋର୍ଟ ଦାଖଲ କରିଛି। ତେବେ ଭାଇରାଲ ଅଡିଓକୁ ଆଧାର କରି ପୁଲିସ ଖୋଳତାଡ଼ କରିଥିବା ବେଳେ ପୀଡ଼ିତାଙ୍କ ସହ କୌଣସି ଆଲୋଚନା କରିନାହିଁ। ନୟାଗଡ଼ର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁସାରେ, ଭାଇରାଲ ଅଡିଓ ଆଧାରରେ ତଦନ୍ତ କରାଯାଇଛି। ଥାନାରେ କୌଣସି ଏତଲା ହୋଇନାହିଁ। ଯେଉଁଥିପାଇଁ ମାମଲା ରୁଜୁ କରାଯାଇନାହିଁ। କିନ୍ତୁ, ବିଭାଗୀୟ ତଦନ୍ତ ହୋଇଥିବାରୁ କୌଣସି ସୂଚନା ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ, ତଦନ୍ତ ସମୟରେ ଅଭିଯୋଗକାରୀ ମହିଳାଙ୍କ ସହ ପୁଲିସ୍ ଟିମ୍ ଆଲୋଚନା କରିନଥିବା ଜଣାପଡ଼ିଛି। ଏସ୍‌ଡିପିଓଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ ହୋଇଥାଇପାରେ ବୋଲି ମତ ପ୍ରକାଶ ପାଇଛି।

ଫତେଗଡ଼ ଗ୍ରାମର ରଶ୍ମିତା କହଁର ଆଣିଥିବା ଅଭିଯୋଗ ପୁଲିସ ବିଭାଗକୁ ନିନ୍ଦିତ କରିବା ସହ ଆଇନ ରକ୍ଷକ ଭକ୍ଷକ ସାଜିଥିବା ମତ ପ୍ରକାଶ ପାଉଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଏକଦମ୍ ଖାସ ଭାବେ ଦଳୀୟ ଭିତ୍ତିରେ କାର୍ଯ୍ୟ କରୁଥିବା ଏସ୍‌ଡିପିଓ ପ୍ରଧାନଙ୍କୁ ନେଇ ବାରମ୍ବାର ନୟାଗଡ଼ ଏସପିଙ୍କ ନିକଟକୁ ଅଭିଯୋଗ ଆସିଛି। ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳାପ, ହ୍ୱାଟ୍ସଆପ୍ ଚାଟ୍ ସାମ୍ନାକୁ ଆସିବା ପରେ ଏସ୍‌ଡିପିଓଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି।

ରଶ୍ମିତା ଏ ନେଇ ଫତେଗଡ଼ ଥାନାକୁ ଏସ୍‌ଡିପିଓଙ୍କ ନାମରେ ଲିଖିତ ଅଭିଯୋଗ ପଠାଇଥିବା ବେଳେ ପୁଲିସ ଉକ୍ତ ଅଭିଯୋଗ ପାଇନଥିବା କହୁଛି। ରଶ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ପିଲା କଳିକୁ ନେଇ ଫତେଗଡ଼ ଗ୍ରାମର ଜଣେ ବ୍ୟକ୍ତି ସହ ତାଙ୍କ ବିବାଦ ସମ୍ପର୍କିତ ଏକ ମାମଲା ଫତେଗଡ଼ ଥାନାରେ ରହିଥିଲା। ଉକ୍ତ ମାମଲାର ସମାଧାନ କରିବାକୁ ଯାଇ ତତ୍କାଳୀନ ଏସ୍‌ଆଇ ଅରୂପ କୁମାର ନାୟକ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି କାନ ଫଟାଇ ଦେଇଥିଲେ। ଉକ୍ତ ମାମଲାର ସମାଧାନ କରିବା ପାଇଁ ଖଣ୍ଡପଡ଼ା ଏସଡିପିଓ ରଶ୍ମିତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡାକି ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କୁ ହୋଟେଲ ଯିବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ କୌଣସି ଏକ ମାମଲାରେ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି।

10001/69/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/000

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ୧୧୪ ଚୋରି ମୋବାଇଲ୍ ଫେରାଇଲା ସମ୍ବଲପୁର ପୁଲିସ






**ସମ୍ବଲପୁର, ୧୯ ।୪(ସମିସ)**

ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନରେ ବିଭିନ୍ନ ସ୍ଥାନରେ ହଜିଯାଇଥିବା ଏବଂ ଚୋରି ହୋଇଥିବା ମୋବାଇଲ୍ ଫୋନଗୁଡ଼ିକୁ ଉଦ୍ଧାର / ଜବତ କରାଯାଇଛି। ଏହି ମୋବାଇଲ ହଜିବା ନେଇ ପୋର୍ଟାଲରେ ଅଭିଯୋଗ ହୋଇଥିବା ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସମୁଦାୟ ୧୧୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବାବେଳେ ଏକ 'ମୋବାଇଲ୍ ହ୍ୟାଣ୍ଡଓଭର ମେଳା' ମାଧ୍ୟମରେ ସେଗୁଡ଼ିକୁ ପ୍ରକୃତ ମାଲିକମାନଙ୍କୁ ଫେରାଇ ଦିଆଯାଇଛି। ଏହି ଅବସରରେ ଭାରତୀୟ ପୁଲିସ ସେବା ଶିକ୍ଷାନବିଶ କୋମଲ ଗର୍ଗ ଏବଂ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଉପସ୍ଥିତ ଥିଲେ। ପୁଲିସ ସୂଚନା ଅନୁଯାୟୀ, ଏହି ମୋବାଇଲଗୁଡ଼ିକ କୌଣସି ଚୋରି ମାମଲା ନୁହେଁ, ସେଥିପାଇଁ ଏହି ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନାହିଁ। ସାଇବର ପୁଲିସଷ୍ଟେସନ ଏବଂ ବୈଷୟିକ ଟିମ୍ ସହାୟତାରେ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଅଭିଯୋଗକୁ ଆଧାର କରି ଏହି ସଫଳତା ମିଳିଛି। ଏନେଇ ତଦନ୍ତ ଜାରି ରହିଛି। ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଏହି ଫୋନଗୁଡ଼ିକ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ଅଇଁଠାପାଲି ଥାନାରୁ ସର୍ବାଧିକ ୨୫ଟି, ବୁର୍ଲା ଥାନାରୁ ୧୯ଟି, ଟାଉନ୍ ଥାନାରୁ ୧୨ଟି, କୁଚିଣ୍ଡା ଥାନାରୁ ୮ଟି ଏବଂ ଧନୁପାଲି ଥାନାରୁ ୬ଟି ମୋବାଇଲ୍ ସମେତ ଅନ୍ୟ ଥାନା ଗୁଡ଼ିକରୁ ମଧ୍ୟ ଫୋନ୍ ଉଦ୍ଧାର ହୋଇଛି।

# ହରିହରା ନନ୍ଦ ହାଇସ୍କୁଲ ପୂର୍ବତନ ଛାତ୍ରଛାତ୍ରୀଙ୍କ ବୈଠକ

**ରେଢାଖୋଲ, ୧୯ ।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଉ ଅଧୀନ ଲୁହାପଙ୍କ ପଞ୍ଚାୟତସ୍ଥିତ ହରିହରା ନନ୍ଦ ଉଚ୍ଚ ବିଦ୍ୟାଳୟରେ ରବିବାର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମହାମିଳନ କାର୍ଯ୍ୟକ୍ରମ ପାଇଁ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ସଭା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅରବିନ୍ଦ ପ୍ରଧାନ ଓ ରମଣୀ ରଞ୍ଜନ ପ୍ରଧାନଙ୍କ ମାର୍ଗଦର୍ଶନରେ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ଏହି ବୈଠକରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ସଭାପତି ଅଜୟ କୁମାର ସାହୁ ସମ୍ପାଦକ ଜୟନ୍ତ ପ୍ରଧାନ, ସହ ସମ୍ପାଦକ ନରେଶ ବେହେରା କାର୍ଯ୍ୟକାରୀ ସଦସ୍ୟ ପିଣ୍ଟୁ ପ୍ରଧାନ, ନରେଶ ବେହେରା, ସଂଗ୍ରାମ ପ୍ରଧାନ(ମଣ୍ଟୁ), ବିନୋଦ ବିହାରୀ ସ୍ୱାଇଁ, କୈବର୍ତ୍ତ ସାହୁ, ରଞ୍ଜିତ ବେହେରା, ଅଜିତ ଦେହୁରୀ, ରଜତ ଦେହୁରୀ, ଆଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଗିରଫ

**ରେଙ୍ଗାଲି, ୧୯ ।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଜାମ୍ବୁବାହାଲ ଛକରେ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ୍ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଗରୁ ପୁଲିସ ଏହି ହତ୍ୟା ମାମଲାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ଏହି ହତ୍ୟାକାଣ୍ଡ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ରେଙ୍ଗାଲି ପୁରୁଣାବସ୍ତି ର ଚିନ୍ତାମଣି ବାଗ (୪୬) ଏବଂ କାନ୍ଧେଇକେଲାର ପ୍ରତାପ ପଧାନ (୨୬) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ରେଙ୍ଗାଲି ଥାନା ଅଧୀନ ଜାମ୍ବୁବାହାଲ ଛକ ନିକଟରେ କୌଣସି କାରଣକୁ ନେଇ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ ୨୨, ଟିକୁନ ପଧାନ ୧୯ ଙ୍କ ଆଉ ଜଣେ ସହଯୋଗୀଙ୍କ ସହ ଅନ୍ୟଗୋଷ୍ଠୀର ତିନି ଯୁବକ ରିଙ୍କୁ ମିର୍ଦ୍ଧା, ସୁନୀଲ ବାଗ, ରୋହନ ଦୀପ ଓ ତାଙ୍କ ସହଯୋଗୀଙ୍କ ମଧ୍ୟରେ ଝଗଡ଼ା ହୋଇ ମାରପିଟ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନ, ଟିକୁନ ଓ ତାଙ୍କ ସହଯୋଗୀଙ୍କ ମୁଣ୍ଡରେ ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ୩ ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବାବେଳେ ଟିକୁନ ଓ ତାର ସହଯୋଗୀ ଅତି ଗୁରୁତର ଅବସ୍ଥାରେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି, ଏହି ଘଟଣାରେ ରିଙ୍କୁ, ସୁନିଲ, ରୋହନ ଓ ନିଖିଲଙ୍କୁ କୋର୍ଟ ଚାଲାଣ କରିଥିଲା।

**ଆଗରୁ ୪ ଗିରଫ ହୋଇଛନ୍ତି**

# ଡିଏଭିରେ ମହାତ୍ମା ହଂସରାଜ ଜୟନ୍ତୀ



**ସମ୍ବଲପୁର, ୧୯।୪(ସମିସ):** ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟ ପରିସରରେ ଡିଏଭି ଶିକ୍ଷା ଆନ୍ଦୋଳନର ଅଗ୍ରପୂଜ୍ୟ, ପ୍ରତିଷ୍ଠାତା ମହାତା ହଂସରାଜଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ରକୁମାର ବେଦବାକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ସୌଭଗ୍ୟ କୁମାର ମିଶ୍ର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ହୋମକର୍ମ ଡ. ଶାନ୍ତନୁ କୁମାର ତ୍ରିପାଠୀ ଓ ସୁଶାନ୍ତ କୁମାର ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୌଭଗ୍ୟ କୁମାର ମିଶ୍ର ମହାତ୍ମା ହଂସରାଜଙ୍କ ଡିଏଭି ଆନ୍ଦୋଳନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସଞ୍ଜୟ କୁମାର ସାହୁ, ବୀରେନ୍ଦ୍ର ବିଶ୍ୱାଳ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ଶ୍ରୀହର୍ଷ କୁମାର ପତି ମହାତ୍ମା ହଂସରାଜଙ୍କ ଜୀବନୀ, ସମାଜରେ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସମର୍ପିତ ଚିନ୍ତାଧାରା ବିଷୟରେ ଆଲୋଚନା କରିଥିଲେ। ଡ. ଅଭୟ କୁମାର ମିଶ୍ର ପରିଚାଳନା ତଥା ସଂଯୋଜନା କରିଥିଲେ।

# ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜର ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ

**ସମ୍ବଲପୁର, ୧୯।୪(ସମିସ):** ଆଜି ସ୍ଥାନୀୟ ପର୍ଶୁରାମ ଛକ (ବୈଦ୍ୟନାଥ ଛକ)ରେ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ଦ୍ୱିତୀୟ ବର୍ଷ ପାଇଁ ଭଗବାନ ଶ୍ରୀପର୍ଶୁରାମଙ୍କ ପବିତ୍ର ଜନ୍ମୋତ୍ସବ ପାଳିତ ହୋଇଛି। ଏହି ଅବସରରେ ସାଗର ବିନ୍ଦୁ ମହାପାତ୍ର ଓ ଲିପିନା ପଣ୍ଡା କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ପଣ୍ଡିତ ସଚିଦାନନ୍ଦ ମିଶ୍ର ବୈଦିକ ମନ୍ତ୍ରୋଚ୍ଚାରଣ କରିଥିଲେ। ଏହି ଅବସରରେ ଦୁର୍ଗାମାଧବ ମିଶ୍ର ସଂଯୋଜକ ଭାବେ ଓ ମହେଶ ଶର୍ମା, ସୂରଜ ଗୁରୁ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ସମ୍ବଲପୁର ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଓ ଶତାଧିକ ସଦସ୍ୟ ଉପସ୍ଥିତ ରହି ବିଶ୍ୱ ଶାନ୍ତି, ସମାଜ କଲ୍ୟାଣ ଓ ସଦ୍ଭାବନା ପାଇଁ ପ୍ରାର୍ଥନା କରିଥିଲେ। ବେଣୁଧର ଦାସ, ପ୍ରଫୁଲ୍ଲ ହୋତା, ରାଜେନ୍ଦ୍ର ପଣ୍ଡା, ପଣ୍ଡିତ ମହାସଭା ସଭାପତି ରବି ନାରାୟଣ ପଣ୍ଡା, ଗୋଲକ ବିହାରୀ ମିଶ୍ର, କୈଳାସ ପଣ୍ଡା, ବସନ୍ତ ମିଶ୍ର, ସନ୍ତୋଷ ପଣ୍ଡା, ଆବାହକ ଦେବାଶିଷ ପୁରୋହିତ, ଆବାହକ ସୌରଭ ରଞ୍ଜନ ମହାପାତ୍ର, ବିରାଜ ମିଶ୍ର, ମାନସ ମିଶ୍ର, ତୃପ୍ତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




# ସିବିଏସଇ ଦଶମ ପରୀକ୍ଷାରେ ଡିପିଏସ୍‌ର ସଫଳତା

**ସମ୍ବଲପୁର, ୧୯।୪(ସମିସ):** ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ)ର ଛାତ୍ରଛାତ୍ରୀମାନେ ଚଳିତବର୍ଷର ସିବିଏସଇ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ସମସ୍ତ (ଶତ ପ୍ରତିଶତ) କୃତୀ ଛାତ୍ରଛାତ୍ରୀ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ବଳରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ମେଧାବୀ ଛାତ୍ରୀ ଅବନୀ ଉଜ୍ଜ୍ୱଳ ୯୮.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ମାନସ ପଟେଲ ୯୭.୬ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଏବଂ ଜିକ୍ରା ଅମନ ୯୭ ପ୍ରତିଶତ ମାର୍କ ପାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀ ମଧ୍ୟ ଉତ୍ତମ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ଭେନିଶ ପଣ୍ଡା ୯୫.୬, ପିୟୁଷ କୁମାର ଗୁପ୍ତା ୯୫.୪, ସୃଷ୍ଟି ପ୍ରଧାନ ୯୫.୪, ନିଶିତା ବେହେରା ୯୪.୪, ଶୁଭ୍ରାଂଶୁ ଶେଖର ରାୟ ୯୪.୨, ଶାଣ୍ଡିଲ୍ୟ ପଣ୍ଡା ୯୩ ପ୍ରତିଶତ ମାର୍କ ରଖିଛନ୍ତି। ଏହା ବ୍ୟତୀତ ଆରଭ କଶ୍ୟପ, ସୁପ୍ରତୀକ ପ୍ରଧାନ, ସୁହାସିନୀ ପ୍ରକାଶ, ଆକାଶ ମହାନନ୍ଦ, ଐଶ୍ୱର୍ଯ୍ୟା ଲକ୍ଷ୍ମୀ ପଣ୍ଡା, ବର୍ଷା ରାଣୀ ପ୍ରଧାନ, ଆସିୟାନ ଖାଖା, ଆରୁଷ ଅଗ୍ରୱାଲ ଏବଂ ନିରୁପମ ମଣ୍ଡଳ ସହ ଅନ୍ୟ ସମସ୍ତେ ମଧ୍ୟ ଭଲ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଅପୂର୍ବ ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷା ସୁଜାତା ଲେଙ୍କା ଶୁଭେଚ୍ଛା ଜଣାଇଛନ୍ତି। ପିଲାମାନଙ୍କର ଏହି ସଫଳତା ପଛରେ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପଯୁକ୍ତ ମାର୍ଗଦର୍ଶନ ଏବଂ ଅଭିଭାବକଙ୍କ ସହଯୋଗ ରହିଛି ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ଆଦର୍ଶ ବିଦ୍ୟାଳୟର ସଫଳତା

**ସମ୍ବଲପୁର, ୧୯।୪(ସମିସ):** ଧନକଉଡ଼ା ବ୍ଲକ ଅଧୀନ ଗୋଶାଳା ଆଦର୍ଶ ବିଦ୍ୟାଳୟ ସିବିଏସଇ ଦଶମ ପରୀକ୍ଷା ସଫଳତା ହାସଲ କରିଛି। ସାକଚି ଅଗ୍ରୱାଲ ୯୬.୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଶ୍ୱାତି ସାହୁ ୯୫.୪ ପ୍ରତିଶତ ଓ ରାଜଶ୍ରୀ ସାହୁ ୯୧.୧ ପ୍ରତିଶତ ମାର୍କ ରଖିଛନ୍ତି। ଅନ୍ୟାନ ବିଦ୍ୟାର୍ଥୀ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି।





# ପ୍ରଥମ ଜିଲ୍ଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ୍

**ସମ୍ବଲପୁର, ୧୯।୪(ସମିସ):** ଓଡ଼ିଶା ମାଷ୍ଟର୍ସ ସନ୍ତରଣ ସଂଘ ପକ୍ଷରୁ ସମ୍ବଲପୁର ଡାକ୍ତର ଝସକେତନ ସାହୁ ସନ୍ତରଣାଗାର ଠାରେ ପ୍ରଥମ ଜିଲ୍ଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରେମରଞ୍ଜନ ପ୍ରଧାନ ଓ ସମ୍ପାଦକ ସୁରଜ ବାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୫୦ ମିଟର ସ୍ପ୍ରିଣ୍ଟ ସନ୍ତରଣ ପ୍ରତିଯୋଗିତାକୁ ସଂଘର ଉପଦେଷ୍ଟା ଆର୍ତ୍ତତ୍ରାଣ ମାଝୀ ଉଦ୍‌ଘାଟନ କରିଥିଲେ। ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲରେ ୧୦ ବର୍ଷରୁ କମ୍, ୧୧-୧୨ ବର୍ଷ, ୧୩-୧୪ ବର୍ଷ, ୧୫-୧୬-୧୭ ବର୍ଷ ଓ ପୁରୁଷ ଓ ମହିଳା ବିଭାଗରେ ଫ୍ରି ଷ୍ଟାଇଲ, ବଟର ଫ୍ଲାଏ ଓ ବେକ୍‌ଷ୍ଟ୍ରୋକ ଷ୍ଟାଇଲରେ ବିଭିନ୍ନ ବିଭାଗରେ ୫୦ ମିଟର ର ସନ୍ତରଣ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜାତୀୟସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତିଯୋଗିତା ଗୁଡ଼ିକର ଆରମ୍ଭ ହେବା ପୂର୍ବରୁ ନିଜକୁ ପ୍ରତିଯୋଗୀଭାବ ସୃଷ୍ଟିକରି ନିଜକୁ ପ୍ରସ୍ତୁତ କରିବା ହିଁ ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବରିଷ୍ଠ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଶ୍ରେୟାଂଶ ତ୍ରିପାଠୀ, ଅନୁଷ୍କା ଶର୍ମା, ଦେବେଶ ବାଗ, ଶ୍ରୀଲେଖା ମିଶ୍ର, ଯଶରଜ ଲୁହା, ଅଲିୟାନା ପଣ୍ଡା, ରୋହିତ ଦୀପ ଓ ଜ୍ୟୋତି ସଲମା ଚାମ୍ପିଅନ ହୋଇଥିଲେ। ସୁରେନ୍ଦ୍ର ନାଏକ, ଆଶୁତୋଷ ନାଏକ, ଅନନ୍ତ ବେରିହା, ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, ପ୍ରଦୀପ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଜଗବନ୍ଧୁ ବେହେରା, ବଦ୍ରି ନାରାୟଣ ପୁରୋହିତ, ବିକାଶ ହରିପାଲ, ଅନୁପ୍ରିୟା ପଣ୍ଡା, ରଙ୍କନିଧି ସେଠ, ଦିଲୀପ ଜେନା, ମନୋଜ ବନଛୋର, ଅଲିଶା କେରକେଟା, ଅନନ୍ୟା ସାହା ଓ ମନୋଜ ବନ୍‌ଛୋର ପରିଚାଳନା କରିଥିଲେ। ମାଷ୍ଟର୍ସ ସନ୍ତରଣ ସଂଘର ବରିଷ୍ଠ ସଭ୍ୟ ନାରାୟଣ ପଣ୍ଡା, ସାଲେଗ୍ରାମ ଖୁଣ୍ଟିଆ, ଗଣେଶ ପାଣିଗ୍ରାହୀ, ଜୟନ୍ତ ପାଣ୍ଡେ, ଅନୀଲ ବେରିହା ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।




# ଭିସୁଟ୍‌ରେ ବାର୍ଷିକ ପ୍ରାଦୌଗିକ ସମ୍ମିଳନୀ ସ୍ପେକ୍ଟ୍ରମ୍

**ସମ୍ବଲପୁର, ୧୯।୪(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ବାର୍ଷିକ ପ୍ରାଦୌଗିକ ସମ୍ମିଳନୀ 'ସ୍ପେକ୍ଟ୍ରମ୍୨୦୨୬' ଶନିବାର ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ପୋଷ୍ଟର ପ୍ରଦର୍ଶନୀ, ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଓ ମଡେଲ୍ ପ୍ରଦର୍ଶନୀ ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଛାତ୍ରଛାତ୍ରୀମାନେ ସୁରକ୍ଷା, ଆଇଓଟି, ଉର୍ଜା ଦେୟ, ଯୋଗାଯୋଗ ବ୍ୟବସ୍ଥା ଓ ପୁନର୍ନବୀକରଣଶୀଳ ଶକ୍ତି ଭଳି କ୍ଷେତ୍ରରେ ବାସ୍ତବ ଜୀବନ ସମସ୍ୟାର ସମାଧାନମୂଳକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ହୀରାକୁଦ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ବୁର୍ଲାର ସାଧାରଣ ପ୍ରବନ୍ଧକ ଇଞ୍ଜିନିୟର ଜ୍ୟୋତିର୍ମୟ ଦାସ ଯୋଗଦେଇଥିଲେ। ତାଙ୍କର ଉଦ୍-ବୋଧନ ସେ ପାୱାର ସିଷ୍ଟମ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂର ସମାଜ ଓ ଗବେଷଣା କ୍ଷେତ୍ରରେ ଭୂମିକାକୁ ଉଲ୍ଲେଖ କରିଥିଲେ। ସେ ଆଧୁନିକ ଜଳବିଦ୍ୟୁତ ଉତ୍ପାଦନ ପ୍ରଣାଳୀ ସମ୍ପର୍କରେ ମଧ୍ୟ ମତାମତ ରଖି ଶକ୍ତି ପରିପ୍ରେକ୍ଷିରେ ନୂତନତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକାର 'ସ୍ପେକ୍ଟ୍ରମ୍ କନେକ୍ଟ' ଚତୁର୍ଥ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ କୁଳପତି ପ୍ରଫେସର ଡି. ମିଶ୍ର, ବିଭାଗୀୟ ମୁଖ୍ୟ ଡ. ଜି. ଆର୍. ବିଶ୍ୱାଳ, ଉପଦେଷ୍ଟା ଡ. ଏସ୍. ଗଡ଼ନାୟକ ସହିତ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୋଶା ବିନ୍ଧାଣୀ ଓ ସ୍ପେକ୍ଟ୍ରମ୍ ସଚିବ ଯଶସ୍ମାନ ପାଣିଗ୍ରାହୀ ପରିଚାଳନା କରିଥିଲେ। ସ୍ପେକ୍ଟ୍ରମ୍୨୦୨୬ ମାଧ୍ୟମରେ ଶିକ୍ଷା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସୁଦୃଢ଼ ସେତୁ ସୃଷ୍ଟି ହୋଇଥିବା ବେଳେ, ଭବିଷ୍ୟତରେ ନୂତନତ୍ୱ, ସୃଜନଶୀଳତା ଓ ସାମାଜିକ ପ୍ରଭାବକୁ ଦୃଷ୍ଟିରେ ରଖି ଶିଳ୍ପ-ପ୍ରସ୍ତୁତ ଇଞ୍ଜିନିୟର ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




# ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ



**କୁଚିଣ୍ଡା, ୧୯ ।୪(ସମିସ):** କୁଚିଣ୍ଡା ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରବିବାର ଅପରାହ୍ନରେ କୁଚିଣ୍ଡା ସ୍ଥିତ ଜଗନ୍ନାଥ ମନ୍ଦିର ପରିସର ରେ ଭଗବାନ ପର୍ଶୁରାମ ଙ୍କୁ ପୂଜାର୍ଚ୍ଚନା ପରେ ବର୍ଣ୍ଣାଢ୍ୟ ପରିବେଷଣ ରେ ବିରାଟ ଶୋଭାଯାତ୍ରା କରାଯାଇଥିଲା। ଅନ୍ୟବର୍ଷ ତୁଳନାରେ ଏବର୍ଷ ଅଧିକ ଆକର୍ଷଣୀୟ କରାଯାଇଥିଲା ବ୍ରାହ୍ମଣ ସମାଜର ସମସ୍ତ ଛୋଟବଡ଼ ପୁରୁଷ ମହିଳା ଯୋଗଦେଇ ଭିଡ଼କୁ ଦ୍ୱିଗୁଣିତ କରିଥିଲା।

# ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଶୋକସଭା




**ସମ୍ବଲପୁର, ୧୯।୪(ସମିସ):** ରବିବାର ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ଆଗଧାଡିର ଜଣେ ବିଶିଷ୍ଟ ଆନ୍ଦୋଳନକାରୀ ନାରୀ ସ୍ୱର୍ଗୀୟ ଗାୟତ୍ରୀ ବେହେରାଙ୍କ ଅକାଳ ବିୟୋଗରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଭବନରେ ଏକ ଶୋକସଭା ଉପମହାସଚିବ ମିନାକ୍ଷୀ ରାଉତଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧ୍ୟକ୍ଷ ନିହାଲ ସିଂ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ତପ୍ସିଲଭୁକ୍ତ ଜାତି ଉପଜାତି କର୍ମଚାରୀ ସଂଘ ଉପସଭାପତି ଶିବଶଙ୍କର ପ୍ରଧାନ, ଭାରତୀୟ ଦଳିତ ସାହିତ୍ୟ ଏକାଡେମି ରାଜ୍ୟ ଉପସଭାପତି ବ୍ୟଙ୍ଗଶ୍ରୀ କବି ଗଦାଧର ନିଆଲ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଥାଉକି ଇଣ୍ଡିଆନ୍ ରେଡକ୍ରସ ଆଜୀବନ ସଦସ୍ୟ ଡ. ସୁଶିଲ କୁମାର ବେହେରାଙ୍କ ପତ୍ନୀ ସ୍ୱର୍ଗୀୟ ଗାୟତ୍ରୀ ବେହେରା।

# ମେ' ୨୩ରୁ କବାଡ଼ି ମହାସମର 'ଏସ୍‌କେପିଏଲ୍' ସିଜନ୍-୩

**ସମ୍ବଲପୁର, ୧୯।୪(ସମିସ)**

ମେ' ୨୩ରେ ଆରମ୍ଭ ହେବ କବାଡ଼ିର ମହାସମର। ଏଥିରେ ୧୨ଟି ଦଳ ଭାଗନେବେ। ସମ୍ବଲପୁର କବାଡି କ୍ଲବ୍ ଏବଂ ସମ୍ବଲପୁର ବୟଜ୍ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା 'ସମ୍ବଲପୁର କବାଡି ପ୍ରିମିୟର ଲିଗ୍' (ଏସକେପିଏଲ୍)ର ତୃତୀୟ ସଂସ୍କରଣ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଙ୍ଗାଧର ମଣ୍ଡପଠାରେ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ସମ୍ବଲପୁରର ୪ ଜଣ ସ୍ଥାନୀୟ ଖେଳାଳି ଏବଂ ବାହାର ଅଞ୍ଚଳର ୩ ଜଣ ଖେଳାଳିଙ୍କୁ ସାମିଲ କରାଯିବାର ନିୟମ ରହିଛି। ଲିଗ୍‌ରେ ପ୍ରାୟ ୨୦୦ରୁ ଅଧିକ ଖେଳାଳି ନିଜ କୌଶଳ ଓ ଦକ୍ଷତା ପ୍ରଦର୍ଶନ କରିବେ। ସମସ୍ତ ମ୍ୟାଚ ସନ୍ଧ୍ୟା ସମୟରେ ଫ୍ଲଡ୍ ଲାଇଟ୍ ଆଲୁଅରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୫୦ ହଜାର ଟଙ୍କା, ରନର୍ସଅପ୍ ଦଳକୁ ୩୦ ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨୦ ହଜାର ଟଙ୍କା ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହାବ୍ୟତୀତ ଶ୍ରେଷ୍ଠ କ୍ୟାଚର୍, ଶ୍ରେଷ୍ଠ ରାଇଡର୍ ଆଦି ପୁରସ୍କାର ରହିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌କେପିଏଲ - ସିଜନ୍ ୩ ସଭାପତି ସିଦ୍ଧାର୍ଥ ସାହା, ସମ୍ପାଦକ ସୁଧୀର ବହିଦାର, ଉପଦେଷ୍ଟା ଉମାପତି ତ୍ରିପାଠୀ ଏବଂ ଦୀପକ ବରାଳ ମଞ୍ଚାସିନ ଥିଲେ। ରାଜେଶ ସାହୁଙ୍କ ମା ଘିକୁଣ୍ଡି ଯୋଦ୍ଧା, ସୁଶାନ୍ତ ବେହେରାଙ୍କ ଅଯୋଧ୍ୟା ସୋରବର, ଯୁବରାଜ ବେହେରାଙ୍କ ବୁଢ଼ିମା ଟାଇଗରସ, ରାହୁଲ କାଣ୍ଡଙ୍କ ଆମ୍ବେଦକର ଲାଇନ୍ସ, ବିକ୍ରମ ପଟ୍ଟନାୟକଙ୍କ ମହାକାଳ ରାଏଡର୍‌ସ, ବିକାଶ ଥେଠୁଆରଙ୍କ ବୀର ତ୍ରିରଙ୍ଗା ବଏଜ, ଶଙ୍କର ମେହେରଙ୍କ ପଶ୍ଚିମାଞ୍ଚଳ ପାନ୍ଥର୍ସ, ଶ୍ରୀକାନ୍ତ ଗୌଡଙ୍କ ସମଲେଶ୍ୱରୀ ଷ୍ଟିକର୍ଜ, ବିର୍ଜୁ କଲେତଙ୍କ ଗାନ୍ଧି ବୁଲ୍ସ, ଇନ୍ଦ୍ରଜିତ ଡନସେନାଙ୍କ ମା' ବାଟ ମଙ୍ଗଳା ୱାରିଅର୍ସ, ଜିମି ମୁଖୀଙ୍କ ମା' ତାରେଣୀ ଫାଇଟର୍ସ ଓ ବିଷ୍ଣୁ ସିଂଙ୍କ ସମଲେଶ୍ୱରୀ ଯୁବ ହଣ୍ଟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ।



● ସରଣ୍ଡାରେ ନକ୍ସଲ ବିରୋଧୀ ଅଭିଯାନ ଜୋରଦାର

## କ୍ୟାମ୍ପରେ ଏଡିଜି ଦୀପକ କୁମାରଙ୍କ ସମୀକ୍ଷା





ରାଉରକେଲା, ୧୯।୪(ସମିସ): ନକ୍ସଲବାଦକୁ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ନକ୍ସଲ ଉପଦୃତ୍ତ ସରଣ୍ଡା ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ସୁରକ୍ଷା ବଳଙ୍କ ଅଭିଯାନ ଆହୁରି ତୀବ୍ର କରିବା ସହ ସେମାନଙ୍କ ମନୋବଳକୁ ବୃଦ୍ଧି କରିବା ନିମିତ୍ତ ଶନିବାର ସିଆରପିଏଫ୍ ଏଡିଜି ଦୀପକ କୁମାର ସରଣ୍ଡାର ବଲିବା ଅଞ୍ଚଳ ଗସ୍ତ କରି ୧୯୩/ଜି ବାଟାଲିୟନ କ୍ୟାମ୍ପରେ ପହଞ୍ଚି ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ କ୍ୟାମ୍ପର ସମ୍ପୂର୍ଣ୍ଣ ବ୍ୟବସ୍ଥା, ଯବାନମାନଙ୍କୁ ମିଳୁଥିବା ସୁବିଧା ଓ ଚାଲୁଥିବା ଅପରେସନ୍ ବିଷୟରେ ଖୁବ ନିକଟରୁ ଅନୁଧ୍ୟାନ କରିଥିଲେ। ପରେ ଯବାନମାନଙ୍କର ସହ ଆଲୋଚନା କରି ଏଡିଜି ଦୀପକ କୁମାର କହିଥିଲେ, ସରଣ୍ଡା ତଥା ଆଖାପାଖର ଉଭୟ ଓଡ଼ିଶା-ଝାଡଖଣ୍ଡ ସୀମାରେ ସକ୍ରିୟ ନକ୍ସଲୀମାନଙ୍କ ପାଇଁ ଏବେ ଓଲଟା ଗଣତି ଆରମ୍ଭ ହୋଇଯାଇଛି। ସୁରକ୍ଷା ବଳ ନିରନ୍ତର କଠୋର କାର୍ଯ୍ୟାନୁଷ୍ଠାନ କରୁଛନ୍ତି ଏବଂ ଆଗାମୀ ଗୋଟିଏ ମାସ ମଧ୍ୟରେ ଅଞ୍ଚଳକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରାଯିବ। ଦୁର୍ଦ୍ଦାନ୍ତ ମାଓ ନେତା ମିସିରି ବେସରା, ଅସୀମ ମଣ୍ଡଳ ସହ ସମସ୍ତ ନକ୍ସଲୀଙ୍କୁ ସେ ଆଜି ପୁନର୍ବାର ଆତ୍ମସମର୍ପଣ କରିବାକୁ ଆହ୍ୱାନ ଜଣାଇଥିଲେ। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି, ତେବେ ସୁରକ୍ଷା ବଳ ଯେକୌଣସି ପରିସ୍ଥିତି ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏବେ ନକ୍ସଲୀମାନଙ୍କ ପାଇଁ ପଳାଇବାର କୌଣସି ରାସ୍ତା ନାହିଁ। ସେଥିପାଇଁ ଆତ୍ମସମର୍ପଣ ନ କଲେ ପ୍ରାଣ ହରାଇବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ପୁଲିସ ଅଧିକାରୀ ସାକେତ କୁମାର, ଅନୂପ ବୀରଥାରେ, ସତୀଶ ଲିଣ୍ଡେ, ବିନୋଦ କାର୍ତ୍ତିକ, ଓମଜୀ ଶୁକ୍ଲା, ଅମିତ ରେନୁ, ଉମେଶ ସାହା, ବିଏସ ରାୱତ ସହ ଅନେକ ଅଧିକାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ମାଓ ସଂଗଠନ ମଧ୍ୟ ସୁରକ୍ଷା ବଳ ଉପରେ ଅତର୍କିତ ଆକ୍ରମଣ ଓ ସବୁଠାରୁ ବଡ ଲ୍ୟାଣ୍ଡଲାଇନ ଉପରେ ଭରସା କରି ସଂଗ୍ରାମ ଜାରି ରଖିଥିବା ଜଣାପଡ଼ିଛି।

## ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର

ରାଉରକେଲା, ୧୯।୪(ସମିସ): ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ଶବକୁ ଉଦିତନଗର ଥାନା ପୁଲିସ ଉଦ୍ଧାର କରିଛି। ମୃତ ଯୁବତୀ ଶ୍ରିମନ୍ତୀ ମୁଣ୍ଡା (୨୩) ମୟୂରଭଞ୍ଜର ମୂଳନିବାସୀ ହୋଇଥିବା ବେଳେ ସେ ଉଦିତନଗର ଅଞ୍ଚଳରେ ରହୁଥିଲେ। ତାଙ୍କ ଶବକୁ ଆରଜିଏଚର ମର୍ଗ ହାଉସରେ ରଖାଯାଇଛି। ସୂଚନା ମୁତାବକ, ଶ୍ରିମନ୍ତୀ ଏକ ଘରୋଇ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ବେଳେ ପ୍ରାୟ ୧ ବର୍ଷରୁ ଉଦିତନଗର ଜଗନ୍ନାଥ ମନ୍ଦିର ନିକଟରେ ଏକ ଭଡା ଘରେ ରହୁଥିଲେ। ତାଙ୍କ ସହକର୍ମୀ ଗତ କିଛି ଦିନରୁ ଗାଁକୁ ଯାଇଥିବା ବେଳେ ସେ ଘରେ ଏକୁଟିଆ ଥିଲେ। ରବିବାର ସେ କାମକୁ ଯାଇନଥିଲେ। ଏନେଇ ଘରୋଇ ପ୍ରତିଷ୍ଠାନର ସହକର୍ମୀମାନେ କଣ ପାଇଁ ସେ କାମକୁ ଆସି ନାହାନ୍ତି ବୋଲି ଜାଣିବାକୁ ଚେଷ୍ଟା କରି ଫୋନ କରିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନଥିଲା। ଅପରାହ୍ନରେ ଭଡା ଘରେ ପହଞ୍ଚିବା ପରେ ଭିତରୁ କବାଟ ବନ୍ଦ ଥିଲା। ପୁଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି। ପରିବାର ଲୋକେ ପହଞ୍ଚିବା ପରେ ଆଗାମୀ ପଦକ୍ଷେପ ପୁଲିସ ଗ୍ରହଣ କରିବ ବୋଲି ଜଣାପଡ଼ିଛି।

## ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ରାଉରକେଲା, ୧୯।୪(ସମିସ): ରାଉରକେଲା ଇସ୍ପାତ କାରଖାନାର ସ୍ୱଚ୍ଛତା ସ୍ୱାଭିମାନ ଦଳ ଆମ୍ବେଦକର ପ୍ରାଙ୍ଗଣରେ ସଫେଇ କରିଛନ୍ତି। ନଗର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡ. ଦୀପା ଲାଭାଙ୍ଗରେ ଏହାର ନେତୃତ୍ୱ ନେଇଥିଲେ। ତିନୋଟି ସ୍ୱଚ୍ଛତା ସ୍ୱାଭିମାନ ଦଳ ଯଥା ଏସ୍‌ସି/ଏସ୍‌ଟି ଫେଡେରେସନ୍ ସ୍ୱଚ୍ଛତା ସ୍ୱାଭିମାନ, ସେକ୍ଟର-୧୬ର କ୍ଲିନ୍ ଆଣ୍ଡ ଗ୍ରୀନ୍ ଟିମ୍ ଏବଂ ସେକ୍ଟର-୧୮ ର ସମଲେଶ୍ୱରୀ ସ୍ୱଚ୍ଛତା ଟିମ୍‌ର ପ୍ରାୟ ୫୦ ଜଣ ସଦସ୍ୟ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ଡ. ଲାଭାଙ୍ଗରେ ଏବଂ ନଗର ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନଙ୍କ ଦ୍ୱାରା ମିଳିତ ଭାବରେ ସ୍ୱଚ୍ଛତା ଉପରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ଡ. ଦୀପା ଲାଭାଙ୍ଗରେ ଏକ ସୁସ୍ଥ ସମାଜ ପାଇଁ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଭିଯାନରେ ପାର୍କ ପରିସର ଭିତର ଏବଂ ବାହାରର ରାସ୍ତା, ଲନ୍, ଉଦ୍ୟାନ ଓ ଆଖପାଖ ଅଞ୍ଚଳ ସଫେଇ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ନିକଟସ୍ଥ ଦୋକାନଗୁଡ଼ିକୁ ମଧ୍ୟ ପରିଦର୍ଶନ କରି ଦୋକାନୀମାନଙ୍କୁ ସେମାନଙ୍କ ଆଖପାଖ ପରିସର ସଫା ରଖିବାକୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସ୍‌ସି /ଏସ୍‌ଟି ଫେଡେରେସନ ସ୍ୱଚ୍ଛତା ସ୍ୱାଭିମାନ ଗ୍ରୁପ୍ ଦ୍ୱାରା ସଂଯୋଜନା କରାଯାଇଥିଲା।

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ମହାଦୁର୍ନୀତି

# ଓଏଚଇପିଇ ପାଣ୍ଠିରୁ ସାମଗ୍ରୀ କିଣାରେ ଲକ୍ଷାଧିକ ଆତ୍ମସାତ୍

ରାଉରକେଲା, ୧୯।୪(ସମିସ)




● ସ୍ୱତନ୍ତ୍ର ଅଡିଟ ରିପୋର୍ଟରୁ ପର୍ଦ୍ଦାଫାଶ
● ପରିବାର ନାମରେ ଫାର୍ମ କରି ଟଙ୍କା ହେର୍‌ଫେର୍ କରିଛନ୍ତି ବରିଷ୍ଠ କିରାଣୀ
● ସନ୍ଦେହ ଘେରରେ ଅଧ୍ୟକ୍ଷା ଓ ଆକାଉଣ୍ଟ୍ ବରସାର୍
● ଟଙ୍କା ରିକଭରି ପାଇଁ ଅଧ୍ୟକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ

ରାଉରକେଲାର ସେକ୍ଟର- ୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଓଏଚଇପିଇ(ଓଡ଼ିଶା ଉଚ୍ଚଶିକ୍ଷା ଉତ୍କର୍ଷତା ଏବଂ ସମାନତା) କାର୍ଯ୍ୟକ୍ରମର ପାଣ୍ଠି ବିନିଯୋଗରେ ଅନିୟମିତତା ହୋଇଛି। ଏଥିରେ ସାମଗ୍ରୀ କିଣାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ସ୍ୱତନ୍ତ୍ର ଅଡିଟ ରିପୋର୍ଟରୁ ପର୍ଦ୍ଦାଫାଶ ହୋଇଛି। ଯାହାକୁ ନେଇ ଏବେ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ। ନିଜ ପରିବାର ନାମରେ ଏକ ଫାର୍ମ ପ୍ରସ୍ତୁତ କରି ମହାବିଦ୍ୟାଳୟର ସାମଗ୍ରୀ କ୍ରୟ କରି ଲକ୍ଷ ଲକ୍ଷ ଟଙ୍କା ହେର୍‌ଫେର୍ କରିଥିବା ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଗୌରୀଶଙ୍କର ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷା ଏବଂ ଆକାଉଣ୍ଟସ ବରସାରମାନଙ୍କ ଠାରୁ ଆତ୍ମସାତ୍ ହୋଇଥିବା ୨୮ ଲକ୍ଷ ୯୦ ହଜାର ୫୫୧ ଟଙ୍କା ରିକଭରି କରିବା ସହ ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ ଶିକ୍ଷା ବିଭାଗର ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ସଚିବ ମନୋରଞ୍ଜନ ନାୟକ ବିଭାଗୀୟ ଚିଠି ନଂ ୨୯୪୩୦, ତା ୧୩.୦୭.୨୦୨୨ରେ ସମ୍ପୃକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ରାଉରକେଲା ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ୨୦୧୭ ଜୁଲାଇ ୧ ତାରିଖରୁ ୨୦୨୨ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଡିଟ୍ ଦଳ ଅଡିଟ୍ କରି ଅଡିଟ୍ ରିପୋର୍ଟ ନଂ ୦୮/୨୦୨୧-୨୨ରେ ଓଏଚଇପିଇ ପାଣ୍ଠିରୁ ଅଣ ସିଭିଲ ପାଣ୍ଠି ଖର୍ଚ୍ଚରେ ଘୋର ଅନିୟମିତତା ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଅଡିଟ୍ ରିପୋର୍ଟ ଅନୁଯାୟୀ, କ୍ୟାସ ବହିରେ ଦର୍ଶାଯାଇଥିବା ବ୍ୟାଙ୍କ ବାଲାନ୍ସ ଏବଂ ବ୍ୟାଙ୍କ ପାସବୁକ ମଧ୍ୟରେ ୫ ଲକ୍ଷ ୨୦ ହଜାର ୮୮୮ ଟଙ୍କାର ମେଳ ଖାଉ ନାହିଁ। ଏତଦବ୍ୟତୀତ କ୍ୟାସ ବହିରେ ବ୍ୟାପକ କଟାଛଟା, ଓଭରରାଇଟିଂ ହୋଇଥିବାରୁ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଥିବା ସଂଦେହ ହେଉଛି। ମଞ୍ଜୁର ହୋଇଥିବା ୬୦ ଲକ୍ଷ ଟଙ୍କା ମଧ୍ୟରୁ ୨୦୧୮-୧୯ରେ ୩୫ ଲକ୍ଷ ଟଙ୍କା ଏବଂ ୨୦୧୯-୨୯ରେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ବେଳେ ୫୫ ଲକ୍ଷ ୧୪ ହଜାର ୧୭୬ ଟଙ୍କାର ବ୍ୟବହାରିକ ପ୍ରମାଣପତ୍ର (ୟୁଟିଲାଇଜେସନ ସାର୍ଟିଫିକେଟ) ଦାଖଲ କରାଯାଇଛି। ଅବଶିଷ୍ଟ ୫ ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଛି। ସେହିପରି କୋଟେସନ୍ ଏବଂ କ୍ରୟ ଯୋଜନା ଅନୁଯାୟୀ ୩୪୦ ୟୁନିଟ୍ ଡେସ୍କ-କମ୍-ବେଞ୍ଚ କ୍ରୟ ହେବାକୁ ରହିଥିବା ବେଳେ ୭୦୦ ୟୁନିଟ୍ ଡେସ୍କ-କମ୍-ବେଞ୍ଚ କ୍ରୟ କରାଯାଇଥିଲା। ଫଳରେ ୩୬୦ରୁ ଅଧିକ ଡେସ୍କ-କମ୍-ବେଞ୍ଚ କ୍ରୟ କରାଯାଇ ଏବାବଦରେ ୧୬, ୧୪, ୨୪୦ ଟଙ୍କା ଅଧିକ ଖର୍ଚ୍ଚ ହୋଇଛି। ସେହିପରି ୬ଟି କମ୍ପ୍ୟୁଟର ଆବଶ୍ୟକ ରହିଥିବା ବେଳେ ୮ଟି କମ୍ପ୍ୟୁଟର କ୍ରୟ କରାଯାଇ ଏ ବାବଦରେ ୯୦, ୦୦୦ ଟଙ୍କା ଅଧିକ ଖର୍ଚ୍ଚ କରାଯାଇଛି। ମେସର୍ସ ମହାଳୟା ୱେଲଡିଂ ଏବଂ ଫାବ୍ରିକେସନ୍ ୱାର୍କର୍ସରୁ ଏହି କମ୍ପ୍ୟୁଟର୍ କ୍ରୟ କରାଯାଇଥିବା ବେଳେ ଡେସପାଚ୍ ରେଜିଷ୍ଟରରେ ଏ ନେଇ କିଛି ଏଣ୍ଟ୍ରି ହୋଇନାହିଁ କି ତାଙ୍କୁ ୨୦୧୯ ଫେବୃଆରୀ ୨୦ରେ ଅର୍ଡର ପ୍ଲେସ ହୋଇଥିବା ଚିଠିରେ ଅଧ୍ୟକ୍ଷାଙ୍କ ଦସ୍ତଖତରେ ୨୦୨୦ ଫେବୃଆରୀ ୨୦ ତାରିଖ ପଡ଼ିଛି। ତାରିଖରେ ଅସଙ୍ଗତି ରହିଥିବାରୁ ଏହା ଅଧ୍ୟକ୍ଷାଙ୍କ ନକଲି ଦସ୍ତଖତ ବୋଲି ସନ୍ଦେହ କରାଯାଉଛି। ସେହିପରି ୧୫ ଟି ସବୁଜ ବୋର୍ଡ ଏବଂ ୮ଟି କମ୍ପ୍ୟୁଟର ଟେବୁଲ ବିନା ମଞ୍ଜୁରୀରେ କ୍ରୟ କରାଯାଇଛି। ଏକ ଫାର୍ମ ମେସର୍ସ ଜିଏସଆର ଏଣ୍ଟରପ୍ରାଇଜେସ୍, ରାଉରକେଲା ଠାରୁ ଅନୁମୋଦନ ବିନା କିଣାଯାଇଥିଲା ଯାହା ତତ୍କାଳୀନ ଆଇଡିପି ତଥା ବରିଷ୍ଠ କିରାଣୀ ଗୌରୀ ଶଙ୍କର ପଣ୍ଡାଙ୍କ ଏକ ପାରିବାରିକ ବ୍ୟବସାୟ ୟୁନିଟ୍ ବୋଲି ଜଣାପଡ଼ିଛି। ସେହିପରି ମହାବିଦ୍ୟାଳୟର ରୁଷା ହଲ, ନୂତନ ବିଲ୍ଡିଂ ଏବଂ କଲେଜ କ୍ୟାଣ୍ଟିନରୁ ସାନିଟାରୀ ସାମଗ୍ରୀ ଚୋରୀ ହୋଇଥିବା ଦର୍ଶାଇ ମରାମତି ଏବଂ ନବୀକରଣ କାର୍ଯ୍ୟ ପାଇଁ ୯୯, ୯୭୦ ଟଙ୍କା ଖର୍ଚ୍ଚ କରାଯାଇ ରାଗା ଟ୍ରେଡର୍ସକୁ ପେମେଣ୍ଟ କରାଯାଇଛି। ଯାହାକି ମହାବିଦ୍ୟାଳୟର ଅବସରପ୍ରାପ୍ତ କିରାଣୀ ଗୌରୀ ଶଙ୍କର ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ନାମରେ ହୋଇଥିବା ଏକ ବ୍ୟବସାୟିକ ୟୁନିଟ୍ ବୋଲି ଜଣାପଡ଼ିଛି। ସେପଟେ ଚୋରୀ ହୋଇଥିବା ନେଇ ଥାନାରେ କୌଣସି ଏଫଆଇଆର ମଧ୍ୟ ଦିଆଯାଇନାହିଁ। ଏନେଇ କୌଣସି ଆକଳନ, ବୈଷୟିକ ଅନୁମୋଦନ, କାର୍ଯ୍ୟ ମାପ, କିମ୍ବା ସମାପ୍ତି ପ୍ରମାଣପତ୍ର ଉପଲବ୍ଧ ନାହିଁ। କଲେଜ ବିଭିନ୍ନ ଯୋଗାଣ ସଂସ୍ଥାଗୁଡ଼ିକ ଠାରୁ ୪୩, ୬୦, ୦୮୭ ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ତଥା ଜିନିଷପତ୍ର କ୍ରୟ କରିଥିଲା। ତଥାପି, ବିଲ୍‌ଗୁଡ଼ିକୁ ଉପଯୁକ୍ତ ଭାବରେ ଦେୟ ପାଇଁ ପାସ୍ ନକରି ତତ୍କାଳୀନ ଅଧ୍ୟକ୍ଷାଙ୍କ ଦ୍ୱାରା ଦେୟଗୁଡ଼ିକୁ ଅନୁମୋଦନ କରାଯାଇଥିଲା ବୋଲି ଜଣାପଡ଼ିଥିଲା। ଯାହା ଏକ ଗୁରୁତର ଅନିୟମିତତା ବୋଲି ସ୍ପଷ୍ଟ ହୋଇଛି। ସେହିପରି ଜୁଲାଇ ୨୦୧୭ରୁ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଆଇଡିପି (ଓଏଚଇପିଆଇ) ପାଣ୍ଠିରୁ ୮, ୨୭, ୬୩୧ ଟଙ୍କା ମୂଲ୍ୟର ସାମଗ୍ରୀ କିଣାଯାଇଥିଲା ବେଳେ ଏହାକୁ କିନ୍ତୁ ଷ୍ଟକ୍ ଏଣ୍ଟ୍ରି କରାଯାଇନଥିଲା। ଏଥିରୁ ସନ୍ଦେହ କରାଯାଉଛି, କୌଣସି ସାମଗ୍ରୀ କ୍ରୟ କରାନଯାଇ ବିଲ୍ ତଥା ଭାଉଚରଗୁଡ଼ିକ ପ୍ରଦାନ କରାଯାଇଛି ଏବଂ ତତ୍କାଳୀନ ଆଇଡିପି ଡିଲିଂ ଆସିଷ୍ଟାଣ୍ଟଙ୍କ ଭୂମିକା ସନ୍ଦେହଜନକ ମନେ ହେଉଛି। ମହାବିଦ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତିରେ ଘୋର ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଡିଲିଂ ଆସିଷ୍ଟାଣ୍ଟ ସମସ୍ତ ନିୟମ ଉଲ୍ଲଂଘନ କରି ତାଙ୍କ ପସନ୍ଦର ଜଣେ ବ୍ୟକ୍ତିଙ୍କୁ ଏଥିରେ ନିଯୁକ୍ତି ଦେଇଥିବା ଅଭିଯୋଗ ହୋଇଛି। ଯିଏ ଏ ସମସ୍ତ କଳା କାରନାମାକୁ ଘଣ୍ଟ ଘୋଡାଇବାରେ ସହଯୋଗ କରୁଥିଲେ। ତେବେ ମହାବିଦ୍ୟାଳୟର ବରିଷ୍ଠ କିରାଣୀ ଗୌରୀଶଙ୍କର ପଣ୍ଡା ନିଜ ପରିବାର ନାମରେ ଜିଏସଆର ଓ ରାଗା ଫାର୍ମ କରି ମହାବିଦ୍ୟାଳୟରୁ ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିବା ବେଳେ ତତ୍କାଳୀନ ଅଧ୍ୟକ୍ଷା ଓ ଆକାଉଣ୍ଟସ ବରସାରମାନେ ଜାଣି ପାରିଲେନି କେମିତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାର ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଚୋରି ବେଳେ ପହଞ୍ଚି ଗଲେ ମାଲିକ; ଚମ୍ପଟ ମାରିଲେ ଦୁର୍ବୃତ୍ତ

ରାଉରକେଲା, ୧୯।୪(ସମିସ): ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିବାକୁ ପଶି ଥିଲେ। ହେଲେ ହଠାତ୍ ମାଲିକ ପହଞ୍ଚି ଯିବାରୁ ଚୋରି ନକରି ପାରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏଭଳି ଘଟଣା ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୨, ବି/୨୪ କ୍ୱାର୍ଟର୍ସରେ ଘଟିଛି। ଏହି କ୍ୱାର୍ଟର୍ସରେ ରହୁଥିବା ପ୍ରଦୀପ ପାଣିଗ୍ରାହୀ ଗତ କିଛି ଦିନ ହେବ ପରିବାର ସହର ବାହାରକୁ ଯାଇଥିଲେ। ତେବେ ଘରେ ଶୋଇବାକୁ ଜଣେ ସମ୍ପର୍କୀୟଙ୍କୁ କହିଥିଲେ। ଶନିବାର ପରିବାର ପହଞ୍ଚିବାକୁ ଥିବା ନେଇ ସମ୍ପର୍କୀୟଙ୍କୁ ଶୋଇବାକୁ ମନା କରି ଦେଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆଜବେଷ୍ଟସ ଭାଙ୍ଗି ଘର ଭିତରେ ପଶିଥିଲେ। ଏହି ସମୟରେ ବିଳମ୍ବିତ ରାତିରେ ପରିବାର ପହଞ୍ଚି ଘରେ ୪ ଜଣ ଦୁର୍ବୃତ୍ତ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଧରିବାକୁ ଚେଷ୍ଟା କରିଥିବା ବେଳେ ଦୁର୍ବୃତ୍ତମାନେ ଛୁରୀ ଦେଖାଇ ଭୟଭୀତ କରିଥିଲେ। ପରେ ଭଙ୍ଗା ଯାଇଥିବା ଆଜବେଷ୍ଟସ ପଟେ ଫେରାର ହୋଇଯାଇଥିଲେ। ଆଲମାରିରୁ ସୁନା ଗହଣା ବାହାର କରିଥିବା ବେଳେ ଘରର ଅନ୍ୟ ସାମଗ୍ରୀ ଏଣେ ତେଣେ ପଡ଼ିଥିଲା। ହେଲେ କିଛି ସାମଗ୍ରୀ ଚୋରି ହୋଇନଥିବା ଜଣାପଡ଼ିଛି। ଏନେଇ ପୁଲିସ ନିକଟରେ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ କ୍ୱାର୍ଟର୍ସ ଥିବା ଗଳିର ଅନ୍ୟ ଏକ ଘରୁ କିଛି ଦିନ ପୂର୍ବେ ଚୋରି ହୋଇଥିଲା। ଏହାଛଡା ଥାନାଞ୍ଚଳରେ ଦିନକୁ ଦିନ ଆଜବେଷ୍ଟସ ଭାଙ୍ଗି ଚୋରି ଘଟଣା ବୃଦ୍ଧି ପାଉଥିବାରୁ ଏହା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

● ସାପ କାମୁଡ଼ି ଥିବା ଆଶଙ୍କା
● ସାର ଦେବାକୁ ରାତିରେ ଜମିକୁ ଯାଇଥିଲେ

ବଣାଇଁ, ୧୯।୪(ସମିସ): ବଣାଇଁ ଥାନା ନରେନ୍ଦ୍ର ପଞ୍ଚାୟତ ଅନ୍ତର୍ଗତ ବିଜାଡିହି ଗ୍ରାମରେ ଜଣେ ଚାଷୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ରାତିରେ ଚାଷ ଜମିରେ ସାର ଦେବାକୁ ଯାଇ ସେଠାରୁ ଫେରୁଥିବା ବେଳେ କୌଣସି ଏକ ବିଷାକ୍ତ ସାପ କାମୁଡ଼ିଥିବା ଯୋଗୁଁ ଚାଷୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାରୁ ପ୍ରକାଶ ଯେ, ବିଜାଡିହି ଗ୍ରାମର ଧନେଶ୍ୱର ନାଏକ ( ଧନୁ) ଶୁକ୍ରବାର ରାତିରେ ନିକଟରେ ଥିବା ନିଜର ଚାଷ ଜମିକୁ ସାର ପକାଇବା ପାଇଁ ଯାଇ ଫେରି ନଥିଲେ। ଶନିବାର ସକାଳେ ଗ୍ରାମ ଲୋକେ ଚାଷ ଜମିରେ ଧନେଶ୍ୱର ପଡ଼ିଥିବା ଓ ତାଙ୍କ ନାକ ଆଉ ଫେଣ ବାହାରୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ଧନେଶ୍ୱରକୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଅଗ୍ନିଶମ ସୁରକ୍ଷା ସପ୍ତାହ ଉପଲକ୍ଷେ ଆର୍‌ଏସ୍‌ପିରେ ବିବିଧ କାର୍ଯ୍ୟକ୍ରମ

ରାଉରକେଲା, ୧୯।୪(ସମିସ): ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନାର ଏସ୍‌ଏମ୍‌ଏସ୍-୧ ବିଭାଗରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର, ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି.ସୁନୀଲ କାର୍ଥା, ଅଗ୍ନିଶମ ସେବା ବିଭାଗର ଜିଏମ, ପିଏସ୍ ଠାକରେ, ଏସପିପି ବିଭାଗର ଜିଏମ, ଡ. ପିକେ ପାଢ଼ୀଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ବିଭିନ୍ନ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ସହିତ ବିଭିନ୍ନ ଅଗ୍ନି ନିର୍ବାପନ ଉପକରଣର ବ୍ୟବହାର ତଥା ପ୍ରୟୋଗ ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏସ୍‌ଏମ୍‌ଏସ୍ -୧ ବିଭାଗର ଏଜିଏମ ଏବଂ ଡିଏସଓ ପିକେ ସାମଲ ସଂଯୋଜନା କରିଥିଲେ। ସେହିଭଳି ସ୍କୁଲ ପିଲାମାନଙ୍କ ପାଇଁ ଏସ୍‌ଏସ୍‌ଆରଭିଏମ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୦ ରେ ଅନୁରୂପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଜିଏମ, ସୁରକ୍ଷା ଓ ଅଗ୍ନିଶମ ହିରାଲାଲ ମହାପାତ୍ର ଏବଂ ଏସ୍‌ଏସ୍‌ଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନିର୍ଦ୍ଦେଶକ ଜିଏସ୍ ଦାସ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନ ଗୁଡ଼ିକ ପିଏସ୍ ଠାକରେଙ୍କ ମାର୍ଗଦର୍ଶନରେ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ଦଳ ଦ୍ୱାରା ସମ୍ପାଦନ କରାଯାଇଥିଲା। ଆର୍‌ଏସ୍‌ପିର ମୁଖ୍ୟ ଫାଟକରୁ ଡିଜାଇନ୍ ବିଲଡିଂ ପର୍ଯ୍ୟନ୍ତ ଏକ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଠିକା କର୍ମଚାରୀଙ୍କ ସମେତ ୨୦୦ରୁ ଅଧିକ କର୍ମଚାରୀ ପ୍ଲାକାର୍ଡରେ ଅଗ୍ନି ସୁରକ୍ଷା ବାର୍ତ୍ତା ନେଇ ମାନବଶୃଙ୍ଖଳ ଗଠନ କରିଥିଲେ।



ବଢୁଛି ପାରଦ

# ଜମୁଛି ଥଣ୍ଡା ପାନୀୟ ଚାହିଦା

ରାଉରକେଲା, ୧୯।୪(ସମିସ)



ଖରା ଓ ଝାଞ୍ଜି ମାଡ଼ରେ ସହରବାସୀ ଅସ୍ତବ୍ୟସ୍ତ। ଅଚାନକ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ଘାଟରେ ନିଆଁ ହୁଳା ଖସିଲା ଭଳି ଲାଗୁଛି। ସକାଳ ୧୦ଟା ପରେ ଘରୁ ଗୋଡ଼ କାଢ଼ିବା କଷ୍ଟକର ହୋଇ ପଡୁଥିବାବେଳେ ଅଧରାତି ପର୍ଯ୍ୟନ୍ତ ଏହି ଗରମ ଲାଗି ରହୁଛି। ଏଭଳି ସମୟରେ ଲୋକେ ଘରୁ ବାହାରକୁ ବାହାରିବା ପାଇଁ ଇଚ୍ଛା କରୁନାହାନ୍ତି। ବଢୁଥିବା ଗରମ ଓ ଖରାକୁ ଦୃଷ୍ଟିରେ ରଖି ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟର ପସରା ଖୋଲାଯାଇଛି। ଶନିବାର ସହରରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ଥିବା ବେଳେ ଗୁଲୁଗୁଳି ଅଧିକ ଭାବରେ ଅନୁଭବ ହେଉଛି। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଏହିଭଳି ତାପମାତ୍ରା ଲାଗି ରହିବା ସହିତ ୨ ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବା ନେଇ ଆଶଙ୍କା କରାଯାଇଛି। ତେଣୁ ଖରା ସାଙ୍ଗକୁ ଗୁଳୁଗୁଳି ବଢ଼ିବାରେ ଲାଗିଛି। ସହରରେ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ଯଥା ଫ୍ରୁଟ ଜୁସ୍, ଦହି ଲସି, ରାବିଡ଼ି ଲସି, ମଟକା ଲସି, ଡ୍ରାଏ ଫ୍ରୁଟସ୍ ଲସି, ଖୁଆ ଲସି, କଦଳୀ ଲସି, ପୋଦିନା ସରବତ, ଲେମ୍ବୁ, ଜଲ୍‌ଜିରା, ଦହି ପାଣି, ପଇଡ଼, ଆଖୁ ରସ, ଚୁସ୍କି, କୋଲ୍ଡ କଫି, ମିକ୍ସ୍ ସେକ୍ ଆଦିର ଚାହିଦା ବଢ଼ିବାରେ ଲାଗିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସାୟୀମାନେ ମାଟି ଗ୍ଲାସରେ ଲସି ଦେଉଛି ତ କିଏ କଂସା ଗ୍ଲାସ୍‌ରେ ଘୋଳ ଦହି ଦେଉଛି। ଯାହାର ମୂଲ୍ୟ ଭିନ୍ନଭିନ୍ନ ରହୁଛି। ସହରେରେ ଆଖୁ ରସ ଗ୍ଲାସ୍ ପ୍ରତି ୧୦ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଫ୍ରୁଟ୍ ଜୁସ୍ ୫୦ ଟଙ୍କାରୁ ଆରମ୍ଭ ହୋଇ ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଅନେକ ସ୍ୱାସ୍ଥ୍ୟ ପ୍ରେମୀ ପରିବା ଜୁସ୍ ପିଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଯାହାର ମୂଲ୍ୟ ୫୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ଦହି ଲସି ଗ୍ଲାସ୍ ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ରାବିଡି ଲସି ୮୦ ଟଙ୍କା, ସ୍ପେସିଆଲ୍ ଲସି ୧୮୦ ଟଙ୍କାରେ ବିକ୍ରି ହେଉଛି। ଶସ୍ତା ଥଣ୍ଡା ପାନୀୟ ହିସାବରେ ଲେମ୍ବୁ ପୋଦିନା ସର୍ବତ ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଦହି ସର୍ବତ ୨୦ ଟଙ୍କା, ଆଖୁ ରସ କିଛି ସ୍ଥାନରେ ୨୦ ଟଙ୍କା ରହିଥିବା ବେଳେ କୋଲ୍ଡ କଫି ୫୦ ଟଙ୍କା, କଦଳୀ ଲସି ୪୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ପଇଡ଼ର ଆକାର ଅନୁଯାୟୀ ୪୦ ଟଙ୍କାରୁ ଆରମ୍ଭ କରି ୬୦ ଟଙ୍କାରେ ବିକ୍ରି ହେଉଛି। ଋତୁକୁ ଆଖିଆଗରେ ରଖି ବ୍ୟବସାୟ କରୁଥିବା ବେପାରୀମାନେ ଗ୍ରୀଷ୍ମ ଋତୁ ପାଇଁ ଥଣ୍ଡା ପାନୀୟର ଦୋକାନ ଖୋଲି ପସରା ଜମାଇଲେଣି। ଏହି ଥଣ୍ଡା ପାନୀୟ ବିଶେଷତଃ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଅଫିସ୍, ସ୍କୁଲ ଓ କଲେଜ, ଛକ ସ୍ଥାନ ମାନଙ୍କରେ ଅଧିକ ଦେଖୁବାକୁ ମିଳୁଛି। ସହରର ପ୍ରମୁଖ ସ୍ଥାନ ପାନପୋଷ, ଏସଟିଆଇ, ସିଭିଲ ଟାଉନ ସିପ, ଉଦିତ ନଗର, ଡେଲି ମାର୍କେଟ, ବାସନ୍ତୀ କଲୋନୀ, ଛେଣ୍ଡ, ବିଶ୍ରା ଛକ, ବାସନ୍ତୀ କଲୋନୀ, କୋଏଲ ନଗର ସମେତ ସେକ୍ଟର ଆଦି ଅଞ୍ଚଳରେ ଏହି ଦୋକାନ ଅଧିକ ଦେଖୁବାକୁ ମିଳୁଛି।

● ବଣାଇଁ ଚୈତ୍ର ପର୍ବ ସାଂସ୍କୃତିକ କାର୍ଯ୍ୟକ୍ରମ

## ଟି ସୌରୀଙ୍କ ଗୀତରେ ଝୁମିଲେ ଦର୍ଶକ



ବଣାଇଁ, ୧୯।୪(ସମିସ): ବଣାଇଁର ପ୍ରସିଦ୍ଧ ଚୈତ୍ର ପର୍ବ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଓ ସହକାରୀ ଜିଲ୍ଲାପାଳ କୁଳମଣି ଧଳ ଉପସ୍ଥିତ ଥିଲେ। ଉପ ବାଚସ୍ପତିଙ୍କୁ ରାଉରକେଲା ବିଜେପି ଯୁବ ସଭାପତି ଅଭିନାଶ ବ୍ରହ୍ମଙ୍କ ନେତୃତ୍ୱରେ ଦେଓଗାଁ ନିକଟରୁ ଏକ ବିଶାଳ ବାଇକ ରାଲି ବାହାରି ସହର ପରିକ୍ରମା କରିଥିଲା। ପ୍ରଥମେ ସେ ବଣାଇଁ ରାଜବାଟୀକୁ ଯାଇ ବଣାଇଁର ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବଙ୍କୁ ସାକ୍ଷାତ କରିଥିଲେ। ପରେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ। ଏହି ଅବସରରେ ଉପ ବାଚସ୍ପତି କହିଥିଲେ, ବଣାଇଁ ଚୈତ୍ର ପର୍ବ ୩୦୯ ବର୍ଷର ଐତିହ୍ୟ ଓ ପରମ୍ପରାକୁ ବଜାଇ ରଖିଛି। ମା' ବାସୁଳୀ ଦେବୀଙ୍କ ଆଶୀର୍ବାଦ ଓ ରାଜା ସାହେବଙ୍କ ନେତୃତ୍ୱରେ ଏହି ପର୍ବ ଅଞ୍ଚଳର କଳା, ସଂସ୍କୃତି ଓ ପାରମ୍ପରିକତାର ଉନ୍ନତିରେ ମୁଖ୍ୟ ଭୂମିକା ନେଇଆସୁଛି। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସୁନାମଧନ୍ୟ କଣ୍ଠଶିଳ୍ପୀ ଟି. ସୌରୀ। ଗୋଟିଏ ପରେ ଗୋଟିଏ ଓଡ଼ିଆ ହିଟ୍ ଗୀତ ଗାଇ ଟି. ସୌରୀ ଦର୍ଶକଙ୍କୁ ଝୁମାଇଥିଲେ। ବିଜେପି ଯୁବ ସଭାପତି ଅଭିନାଶ ବ୍ରହ୍ମ, ବିଶ୍ୱଜିତ ସାହୁ, ସଞ୍ଜୀବ ମହାନ୍ତି, ଦିବ୍ୟ ମଞ୍ଜରୀ ଶେଖର ଦେଓ, ପଦ୍ମ ଚରଣ ଆଚାର୍ଯ୍ୟ, ଜୟନ୍ତ ଦେଓ, ଭବତୋଷ ଦେଓ, ସଚିନ୍ଦ୍ର ସାହୁ, ଚିନ୍ମୟ ତ୍ରିପାଠୀ, ସମ୍ପଦ ଦ୍ୱିବେଦୀ ଓ ଲିଙ୍ଗରାଜ ପୃଥାଳ ଆଦିଙ୍କ ସହଯୋଗ କରିଥିଲେ। ବଣାଇଁ ଚୈତ୍ର ପର୍ବ ଗତ ୬ ତାରିଖରୁ ଆରମ୍ଭ ହୋଇ ମେ ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# ସମ୍ପାଦକୀୟ



ବିଶ୍ୱର ୪୦ ପ୍ରତିଶତ ଲୋକଙ୍କ ଅର୍ଦ୍ଧାଧିକ ପାନୀୟଜଳ ଚାହିଦା ହିମାଳୟ ଦ୍ୱାରା ପୂରଣ ହେଉଛି । ତେଣୁ ହିମାଳୟର ସୁରକ୍ଷା ସର୍ବାଗ୍ରେ ।
-ଅଲ୍ ଗୋରେ

ସକାଳ
THE SAKALA

## ସତ କ'ଣ ?

୧୭ ଏପ୍ରିଲ ୨୦୨୬ । ଏହି ତାରିଖକୁ ନେଇ ଏବେ ଭାରତୀୟ ରାଜନୀତି ଉଠୁଛି ଏବଂ ପଡୁଛି । ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସବୁଠାରେ ଏହାକୁ ନେଇ ଚର୍ଚ୍ଚା ଆଲୋଚନା । ଯେଉଁ ପ୍ରସଙ୍ଗକୁ ନେଇ ଏତେସବୁ ବିତର୍କ ଚାଲିଛି, ତାହା ହେଉଛି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ । ଏହା ୧୭ ଏପ୍ରିଲ ସନ୍ଧ୍ୟାରେ ଲୋକସଭାରେ କାଟ୍ ଖାଇଗଲା । ଏହି ବିଲ୍‌ରେ କ'ଣ ବ୍ୟବସ୍ଥା ଥିଲା? ଏହା କାହିଁକି କାଟ୍ ଖାଇଲା? ଯଦି ସରକାର ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା, ତାହାହେଲେ ଏଭଳି ବିଲ୍ ଆସିଲା କାହିଁକି? ଏହା ଉପରେ ସହମତି ପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହିତ ବିଚାରବିମର୍ଶ କରାଯାଇଥିଲା କି? ଏହିସବୁ ପ୍ରଶ୍ନ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହାକୁ ଭିନ୍ନ ଚିତ୍ର ଦେବାରେ ଲାଗିଛନ୍ତି ।

ଉପରୋକ୍ତ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ଓ ଅନୁମୋଦନ ଲାଗି ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ । ଅଧିବେଶନର ପ୍ରଥମ ଦିନ ୧୬ ତାରିଖରେ ସରକାର ତିନିଟି ବିଲ୍ ଆଗତ କରିଥିଲେ ଏବଂ ତିନିଟି ଯାକ ବିଲ୍‌କୁ ଯୋଡ଼ି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ ସାମିଲ କରାଯାଇଥିଲା । ଏହି ବିଲ୍‌ରେ ଥିଲା ଦୁଇଟି ମୁଖ୍ୟ ପ୍ରସଙ୍ଗ । ପ୍ରଥମଟି ହେଲା ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଏବଂ ଦ୍ୱିତୀୟଟି ଥିଲା ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ । ଏହି ବିଲ୍ ଆଗତ କରି ସରକାର ଯୁକ୍ତି ରଖିଥିଲେ ଯେ ମହିଳା ଆସନ ସଂରକ୍ଷଣ ପାଇଁ ଲୋକସଭା ଏବଂ ବିଧାନସଭାରେ ନିର୍ବାଚନମଣ୍ଡଳୀ ସଂଖ୍ୟା ବଢ଼ିବା ଜରୁରୀ । ଏଥିପାଇଁ ଲୋକସଭାରେ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସରକାରଙ୍କ ଯୁକ୍ତି ସହ ବିରୋଧୀ ଦଳ ସହମତ ନ ଥିଲେ । ବିରୋଧୀ ଦଳ କହିଥିଲେ ଯେ ସେମାନେ କେବେହେଲେ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ବିରୋଧ କରନ୍ତି ନାହିଁ କି କରିବେ ବି ନାହିଁ । କିନ୍ତୁ ଏହାସହିତ ସୀମା ପୁନଃନିର୍ଦ୍ଧାରଣକୁ କାହିଁକି ଯୋଡ଼ାଯାଉଛି । ସୀମା ପୁନଃନିର୍ଦ୍ଧାରଣ ନ କରି ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ଭାଗ ଆସନ ସଂରକ୍ଷଣ କରାଯାଇପାରିବ । ସରକାର ସୀମା ପୁନଃନିର୍ଦ୍ଧାରଣକୁ ବାଦ୍ ଦେଇ କେବଳ ମହିଳା ସଂରକ୍ଷଣ ବିଲ୍ ଆଣନ୍ତୁ, ଏହାକୁ ପୂର୍ଣ୍ଣମାତ୍ରାରେ ସମର୍ଥନ ଦେବାକୁ ସେମାନେ ପ୍ରସ୍ତୁତ ଅଛନ୍ତି । ୨୦୨୩ରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ସବୁ ଦଳର ସହମତି ଓ ସମର୍ଥନରେ ପାସ୍ ହୋଇଥିଲା । ଏହି ଆଇନକୁ କତୁରନ୍ତ କାର୍ଯ୍ୟକାରୀ କରାଯାଉ । ନ ହେଲେ, ଯଦି ସରକାର ଏଥିରେ ସଂଶୋଧନ କରି ସଂରକ୍ଷଣ ପ୍ରତିଶତ ହାର ୫୦ ଭାଗ କରିବାକୁ ଚାହାନ୍ତି, ତାହା ମଧ୍ୟ ଆଣନ୍ତୁ, ସେମାନେ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛନ୍ତି । ବିରୋଧୀ ବେଞ୍ଚରେ ଥିବା ସବୁ ରାଜନୈତିକ ଦଳର ଏହି ମତ ଥିଲା; କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ସେମାନେ ମନା କରିଦେଇଥିଲେ । ବିରୋଧୀ ଅଭିଯୋଗ କରିଥିଲେ ଯେ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ହେଲେ ଅନେକ ରାଜ୍ୟ ଉଚିତ ପ୍ରତିନିଧିତ୍ୱରୁ ବଞ୍ଚିତ ହେବେ । ସୀମା ପୁନଃନିର୍ଦ୍ଧାରଣ ପାଇଁ ସରକାର ୨୦୨୬ ଜନଗଣନାକୁ ଅପେକ୍ଷା କରନ୍ତୁ ବୋଲି ସେମାନେ ଦାବି କରିଥିଲେ । କିନ୍ତୁ ସରକାର ସେମାନଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଏହି ଦୁଇଟି ପ୍ରସଙ୍ଗକୁ ଯୋଡ଼ି ସମ୍ବିଧାନ ସଂଶୋଧନ ବିଲ୍ ଆଣିଲେ ଏବଂ ଏହା କାଟ୍ ଖାଇଗଲା ।

ଗୃହରେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇବାକୁ ହେଲେ ମତଦାନ ବେଳେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସମର୍ଥନ ଜରୁରୀ । ମତଦାନ ବେଳେ ଲୋକସଭାରେ ୫୨୮ ସାଂସଦ ଭାଗ ନେଇଥିବା ବେଳେ ବିଲ୍ ସପକ୍ଷରେ ୨୯୮ ଏବଂ ବିରୋଧରେ ୨୩୦ଟି ଭୋଟ୍ ପଡ଼ିଥିଲା । ବିଲ୍ ପାସ୍ ଲାଗି ୩୫୨ଟି ଭୋଟ୍ ଦରକାର ଥିବା ବେଳେ ୫୪ଟି ଭୋଟ୍ କମ୍ ପଡ଼ିଲା । ତେଣୁ ବିଲ୍ କାଟ୍ ଖାଇଲା । ଏବେ ପ୍ରଶ୍ନ ଉଠୁଛି ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା ଏବଂ ସରକାର ଜାଣିଥିଲେ ଯେ ଏହି ବିଲ୍ ବିରୋଧୀଙ୍କ ବିନା ସମର୍ଥନରେ ପାସ୍ ହୋଇପାରିବ ନାହିଁ । ତଥାପି ସରକାର ବିଲ୍ ଆଣିଲେ କାହିଁକି ଏବଂ ଏ ସଂପର୍କରେ ସର୍ବଦଳୀୟ ବୈଠକ ଡାକି ଆଗରୁ ଆଲୋଚନା କରାଗଲା ନାହିଁ କାହିଁକି? ବିରୋଧୀମାନଙ୍କ ଏହି ପ୍ରଶ୍ନର ଜବାବ ଦେବାକୁ କେହି ପ୍ରସ୍ତୁତ ନୁହନ୍ତି ।

ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ମହିଳା ସଂରକ୍ଷଣ ବିଲ୍‌କୁ ଢାଲ କରି ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ଚାହୁଁଥିଲେ ସରକାର । ସରକାର ଏହି ବିଲ୍ ଜରିଆରେ ସମଗ୍ର ଭାରତ ବର୍ଷରେ ଏଭଳି ନିର୍ବାଚନୀ ମାନଚିତ୍ର ତିଆରି କରିବାକୁ ଯାଉଥିଲେ, ଯାହା କେବଳ କ୍ଷମତାସୀନ ବିଜେପିକୁ ଲାଭ ପହଞ୍ଚାଇ ଥାଆନ୍ତା । ସରକାରଙ୍କ ଅନୁସାରେ ଯଦି ୫୦ ପ୍ରତିଶତ ଆସନ ସଂଖ୍ୟାର ହିସାବ କରାଯାଏ, ତାହାହେଲେ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଆସନ ତାରତମ୍ୟ ଆହୁରି ବଢ଼ିଯିବ । ଉତ୍ତର ଭାରତକୁ ପ୍ରାୟ ୨୦୦ ଆସନର ଫାଇଦା ମିଳିବ ଏବଂ ଦକ୍ଷିଣ ଭାରତ ରାଜ୍ୟମାନଙ୍କ ଭାଗରେ ପଡ଼ିବ ମାତ୍ର ୬୬ଟି ଅଧିକ ଆସନ । ଓଡ଼ିଶା ସମେତ ଅନ୍ୟ ଛୋଟ ଛୋଟ ରାଜ୍ୟଙ୍କୁ ମଧ୍ୟ ଏହି ଦଶା ଭୋଗିବାକୁ ପଡ଼ିବ । ବିରୋଧୀଙ୍କର ଯୁକ୍ତି ହେଲା ଯେ ୮୫୦ ସଭ୍ୟ ବିଶିଷ୍ଟ ଲୋକସଭାରେ ସଂଖ୍ୟାଗରିଷ୍ଠତା ସଂଖ୍ୟା ହେଉଛି ୪୨୬ । ଦକ୍ଷିଣ ଭାରତ ଅପେକ୍ଷା ଉତ୍ତର ଭାରତକୁ ଅଧିକ ଆସନ ମିଳିଲେ ଜାତୀୟ ରାଜନୀତି ଓ ନୀତି ନିର୍ଦ୍ଧାରଣରେ ଉତ୍ତର ଭାରତର ଆଧିପତ୍ୟ ରହିବ । ପୁଣି ଦକ୍ଷିଣ ଭାରତ ତୁଳନାରେ ଉତ୍ତର ଭାରତ ସମେତ ମଧ୍ୟ ଓ ପଶ୍ଚିମ ଭାରତରେ ବିଜେପିର ସ୍ଥିତି ଭଲ ରହିଥିବାରୁ ନିଜର ନିର୍ବାଚନୀ ଫାଇଦା ଲାଗି ସରକାର ଏଭଳି ଚାଲ୍ ଖେଳିଥିଲେ । ମହିଳା ସଂରକ୍ଷଣ ଅପେକ୍ଷା ସୀମା ପୁନଃନିର୍ଦ୍ଧାରଣକୁ ସରକାର ଅଗ୍ରାଧିକାର ଦେଉଥିଲେ । ମହିଳାଙ୍କ ସଂରକ୍ଷଣ ପ୍ରତି ଯଦି ସରକାରଙ୍କ ଆନ୍ତରିକତା ଥିଲା, ତାହା ହେଲେ ସୀମା ପୁନଃନିର୍ଦ୍ଧାରଣ ବିଲ୍‌ଠାରୁ ଏହାକୁ ଅଲଗା କରି ଆଗତ କରିଥା'ନ୍ତେ । ଏହାକୁ ସମର୍ଥନ ପାଇଁ ସବୁ ଦଳ ପ୍ରସ୍ତୁତ ଥିଲେ । କିନ୍ତୁ ଏହା ନ କରି ସରକାର ସୀମା ପୁନଃନିର୍ଧାରଣ ଜିଦ୍‌ରେ ଅଟଳ ରହିଲେ । ଏହା ସରକାରଙ୍କ ଅସଲ ଉଦ୍ଦେଶ୍ୟ ଧରାଇଦେଲା । ସୀମା ପୁନଃନିର୍ଦ୍ଧାରଣ ପାଇଁ ମହିଳାଙ୍କୁ ଢାଲ ଭାବେ ବ୍ୟବହାର କରି ନାରୀଙ୍କୁ ଅପମାନିତ କରିଛନ୍ତି ସରକାର । ତେଣୁ ସରକାର ଭାରତୀୟ ନାରୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ସନାତନ ସଂସ୍କୃତିର ବାହକ ଅକ୍ଷୟ ତୃତୀୟା

ନାଟ୍ୟକାର ଜଗନ୍ନାଥ ବେହେରା

ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶା କୃଷି କାର୍ଯ୍ୟରେ ଅକ୍ଷୟ ତୃତୀୟା ଦିନ ଟି ଅତି ଗୁରୁତ୍ୱପୂର୍ଣ୍ଣ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳିତ ହୋଇଥାଏ ଏହି ପର୍ବ । ଭାରତୀୟ ଧାର୍ମିକ ଭାବନା ଏବଂ ସାଂସ୍କୃତିକ ଅନୁସାରେ ଏକ ତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଅଟେ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଧାନ, ପାନ ଏବଂ ମୀନ ଚାଷ ପାଇଁ ଭାରତ ବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପରେ ପରିଗଣତି ହୋଇଛି । ସାଧାରଣତଃ ଏହି ତୃତୀୟା ଦିନ ସକାଳୁ ସକାଳୁ କୃଷକମାନେ ଅକ୍ଷି ମୁଠି ଅନୁକୂଳ କରନ୍ତି । କିଛି ଶସ୍ୟ ତଥା ବୀଜ ବା ବିହନ ବୁଣିବା କାର୍ଯ୍ୟ ସକାଳୁ ସମ୍ପାଦନ କରନ୍ତି । ସକାଳୁ ଉଠି ସ୍ନାନ କରି ନୂଆ ବସ୍ତ୍ର ପରିଧାନ ପୂର୍ବକ ଜମିକୁ ପୂଜା କରି ଭଗବାନଙ୍କ ନାମରେ ବିହନ ବୁଣନ୍ତି । ଓଡ଼ିଶାର ମଉଡ଼ମଣି ବିଶ୍ୱବନ୍ଦିତ ଠାକୁର କାଳିଆ ସାଆନ୍ତ ନରେନ୍ଦ୍ର ପୋଖରୀରେ ଆଜିଠାରୁ ଚାପ ଖେଳନ୍ତି । ଏହାକୁ ଚନ୍ଦନ ଯାତ୍ରା କୁହାଯାଏ, ଯାହା କି ଏକୋଇଶି ଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ନିମନ୍ତେ ପ୍ରଭୁ ଜଗନ୍ନାଥ ଦେହରେ ଚନ୍ଦନ ବୋଳି ହୋଇ ନୌ-ବିହାର କରନ୍ତି । ରଥ ଖଳାରେ ଗୁଣ୍ଡିଚା ଯାତ ନିମନ୍ତେ ପ୍ରସ୍ତୁତ ହେବାକୁ ଥିବା ତିନି ରଥ ପାଇଁ ଅକ୍ଷୟ ତୃତୀୟା ଦିନ କାଠ କାମ ପୂଜାର୍ଚ୍ଚନା ସହିତ ଆରମ୍ଭ ହୋଇଥାଏ ।

ଅକ୍ଷୟ ତୃତୀୟା ପଛରେ କିଛି ପୌରାଣିକ ତଥ୍ୟ ରହିଛି । ମଦୁରାଇ ମନ୍ଦିରରେ ଆଜିର ଦିନରେ ମାତା ମିନାକ୍ଷୀ ଦେବୀଙ୍କର ପ୍ରଭୁ ସୁନ୍ଦରେଶ୍ୱରଙ୍କ ସହିତ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ସନ୍ଦୀପନି ଋଷି ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଏବଂ ସୁଦାମା ଏକତ୍ର



ବିଦ୍ୟା ଅଧ୍ୟୟନ କରୁଥିଲେ । ସମୟକ୍ରମେ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ହୋଇଥିବା ବେଳେ ସୁଦାମା ଦରିଦ୍ରତମ ଜୀବନଯାପନ କରୁଥିଲେ । ନିଜର ଦରିଦ୍ରତା ଦୂରୀକରଣ ନିମନ୍ତେ ଭଗବାନଙ୍କ ଦରବାରରେ ଗାମୁଛାରେ ମୁଠାଏ ଖୁଦଭଜା ଧରି ପହଞ୍ଚି ଥିଲେ ସୁଦାମା । କିନ୍ତୁ ପିଲାଦିନର ସାଙ୍ଗକୁ ରାଜା ବେଶରେ ଦେଖି ନିଜ ମନ କଥା କହି ପାରିଲେ ନାହିଁ । ଭାବଗ୍ରାହୀ ଭଗବାନ ଶ୍ରୀକୃଷ୍ଣ ମନକଥା ଜାଣି ପାରି ସୁଦାମାଙ୍କୁ ମୁଠାଏ ଖୁଦ ବଦଳରେ ମୁଠାଏ କଉଡ଼ି ପ୍ରଦାନ କରି କହିଥିଲେ, ଆଜିଠାରୁ ତୁମର କୌଣସି ଅଭାବ ରହିବ ନାହିଁ । ସେହିଦିନଟି ଥିଲା ଅକ୍ଷୟ ତୃତୀୟା ।

ଅନ୍ୟ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ, ପାଣ୍ଡବମାନେ ଘୋର ବନାନୀ ମଧ୍ୟରେ ଋଷିମାନଙ୍କୁ ଅନ୍ନ ପ୍ରଦାନ କରିବାର ଥିଲା । ପାଣ୍ଡବ ମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସାଦ ସେବନ ନିମନ୍ତେ ଆଶାଠାରୁ ଅଧିକ ଋଷି ଉପସ୍ଥିତ ହୋଇଗଲେ । ପାଣ୍ଡବ ପାଞ୍ଚ ଭାଇ ବଡ଼ ଚିନ୍ତା ବା ଧର୍ମସଙ୍କଟରେ ପଡ଼ିଗଲେ । ହଜାର ହଜାର ଋଷିଙ୍କୁ କିପରି ଆପ୍ୟାୟିତ କରିବେ । ଅନ୍ତର୍ଯ୍ୟାମୀ ଭଗବାନ ଶ୍ରୀକୃଷ୍ଣ ସବୁ ଜାଣି ପାରି ପାଣ୍ଡବମାନଙ୍କୁ ଏକ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ । ସେଥିରୁ ଯେତେ ଖାଦ୍ୟ ଦିଆଗଲେ ମଧ୍ୟ କୌଣସିମତେ ଖାଦ୍ୟ ସରିବ ନାହିଁ । ଏହି ଅକ୍ଷୟ ପାତ୍ରକୁ ଅକ୍ଷୟ ତୃତୀୟା ଦିନ ଶ୍ରୀକୃଷ୍ଣ ପ୍ରଦାନ କରିଥିଲେ ।

ଆଉ ଏକ ତଥ୍ୟ ଅନୁଯାୟୀ, ବେଦବ୍ୟାସ ମୁନି ନିଜ ଲିଖନ ମୁନ ସାହାଯ୍ୟରେ ଅକ୍ଷୟ ତୃତୀୟା ଦିନ ହିଁ ମହାଭାରତ ରଚନା ଆରମ୍ଭ କରିଥିଲେ । ଅକ୍ଷୟ ତୃତୀୟା ଦିନ ଭଗବାନ ତାଙ୍କର ଷଷ୍ଠ ଅବତାର ନେଇ ଧରା ପୃଷ୍ଠକୁ ଅବତରଣ କରିଥିଲେ, ଯାହାକି ପର୍ଶୁରାମ ଅବତାର ନେଇ ଦୁଷ୍ଟ ଦମନ କରିଥିଲେ । ଭାଗିରଥୀ ନିଜ ତପସ୍ୟା ବଳରେ ଗଙ୍ଗା ନଦୀକୁ ଧରାରେ ଅବତରଣ କରିବାକୁ ସକ୍ଷମ ଏହି ଅକ୍ଷୟ ତୃତୀୟା ଦିନ ହିଁ ହୋଇଥିଲେ ।

ଉପରୋକ୍ତ ସମସ୍ତ ପୁରାଣ ବିଷୟ ଅନୁଯାୟୀ, ଅକ୍ଷୟ ତୃତୀୟା ଦିନ ଯେକୌଣସି କାର୍ଯ୍ୟ ଆରମ୍ଭ କଲେ, ତାହା ଶୁଭ ଏବଂ ଲାଭ ହୋଇଥାଏ । ପାଠ ଆରମ୍ଭ, ଧନ ସଞ୍ଚୟ କୃଷି ଅନୁକୂଳ ପରି ବିଭିନ୍ନ କାର୍ଯ୍ୟ ଆରମ୍ଭ କଲେ, ତାହା ଯୁଗ ଯୁଗ ପାଇଁ ଶୁଭ ଫଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ସନାତନ ସଂସ୍କୃତିରେ ଅକ୍ଷୟ ତୃତୀୟା ହେଉଛି ଏକ ସ୍ୱତନ୍ତ୍ର ବିଶେଷତ୍ୱ ରଖୁଥିବା ପର୍ବ ମଧ୍ୟରୁ ଗୋଟିଏ ।

ଗାୟତ୍ରୀ ନଗର, ନବରଙ୍ଗପୁର
ମୋ- ୯୪୩୭୭୮୫୧୫୮

# ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକତା: ସମୃଦ୍ଧି ସହ ମୂଲ୍ୟବୋଧର ସମନ୍ୱୟ

ଅନନ୍ତ ଚରଣ ସ୍ୱାଇଁ

ଆଧୁନିକ ଯୁଗରେ ଅର୍ଥନୀତି ଓ ଆର୍ଥିକ ପରିଚାଳନା ମାନବ ଜୀବନର ଅଖଣ୍ଡ ଅଂଶ ହୋଇପଡ଼ିଛି । ଏହା ସହିତ ଆଧ୍ୟାତ୍ମିକ ଚିନ୍ତନର ସମ୍ମିଳନ ହେଲେ, ଏହାର ସଠିକ ଓ ସାର୍ଥକ ପରିଣାମ ଦେଖିବାକୁ ମିଳେ । ଆଧ୍ୟାତ୍ମିକ ବିଚାରଧାରା ମାନବଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ଆଣିଥାଏ, ଏବଂ ଅର୍ଥ ପରିଚାଳନାରେ ଏହା ନୈତିକ ମୂଲ୍ୟବୋଧ, ସତ୍ୟନିଷ୍ଠା ଓ କରୁଣାକୁ ପ୍ରୋତ୍ସାହିତ କରେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଧନ କେବଳ ଏକ ସଂଗ୍ରହ କରିବାର ବସ୍ତୁ ନୁହେଁ; ବରଂ ଏକ ସାଧନ । ଧନ ଉପାର୍ଜନ, ସଞ୍ଚୟ, ବିନିଯୋଗ ଓ ବ୍ୟୟ—ଏସବୁକୁ ଆତ୍ମିକ ସଚେତନତା, ଧର୍ମ ଓ ନୈତିକତା ସହ ଯୋଡ଼ିଲେ, ଏହା ଜୀବନକୁ ସୁସଂଗଠିତ କରିଥାଏ । ପ୍ରାଚୀନ ଋଷିମାନେ ଧନକୁ ଏକ ଶକ୍ତି ଭାବରେ ଦେଖୁଥିଲେ, ଯାହା ସମୃଦ୍ଧି, ସମ୍ମାନ ଓ ସାମର୍ଥ୍ୟର ପ୍ରତୀକ ।

ଗତ କିଛି ବର୍ଷ ଧରି ଦେଶର ଅର୍ଥନୀତିରେ ଅନେକ ଉନ୍ନତି ଦେଖାଯାଇଛି । ଦାରିଦ୍ର୍ୟର ହାର କମିଛି ଓ ଅନେକ ଲୋକ ଆର୍ଥିକ ଭାବେ ସମୃଦ୍ଧ ହୋଇଛନ୍ତି; ତଥାପି ଏହି ସମୃଦ୍ଧି ସହିତ ଅସମତା ମଧ୍ୟ ବଢ଼ୁଛି । ସମ୍ପତ୍ତିର ବିତରଣରେ ଏହି ବ୍ୟାପକ ଅସମାନତା ସମାଜରେ ଅଶାନ୍ତି, ଅସନ୍ତୋଷ ଓ ଅନ୍ୟାୟର ଭାବନାକୁ ଜନ୍ମ ଦେଉଛି । ଆଜିର ଭୋଗବାଦୀ ସମାଜରେ ଧନ କେବଳ ଆବଶ୍ୟକତା ପୂରଣରେ ସୀମିତ ନ ରହି, ଏହା ପ୍ରଭାବ, ପ୍ରଭୁତ୍ୱ ଓ ଆତ୍ମସମ୍ମାନର ମାପଦଣ୍ଡ ହୋଇଯାଇଛି । ଏହି ପରିସ୍ଥିତି ମାନବକୁ ଲୋଭ, ଭୟ, ଈର୍ଷା ଓ ଅସନ୍ତୋଷର ଚକ୍ରବ୍ୟୂହରେ ପକାଇଦେଉଛି । ଏହି ସମୟରେ ଆଧ୍ୟାତ୍ମିକତା ଆମକୁ ଶିଖାଏ ଯେ ଧନର ଦାସ ହେବା ନୁହେଁ; ବରଂ ଧନକୁ ମାନବ ସେବାର ଉପକରଣ ଭାବେ ବ୍ୟବହାର କରିବା ଉଚିତ୍ । ଆଧ୍ୟାତ୍ମିକ ଅର୍ଥନୀତିର ମୂଳ ଲକ୍ଷ୍ୟ ହେଉଛି—ଆର୍ଥିକ ସଫଳତା ସହ ଆନ୍ତରିକ ଶାନ୍ତିର ସାଧନ । ପାରମ୍ପରିକ ଅର୍ଥନୀତି ଯେଉଁଠାରେ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିରେ ଜୋର୍ ଦିଏ, ସେଠାରେ ଆଧ୍ୟାତ୍ମିକ ଅର୍ଥନୀତି ନୈତିକତା, ସଚ୍ଚୋଟତା, ସାମୂହିକ ସମୃଦ୍ଧି ଓ ମାନବୀୟ ମୂଲ୍ୟବୋଧକୁ ଗୁରୁତ୍ୱ ଦିଏ । ସତ୍ୟ ସମୃଦ୍ଧି କେବଳ ଧନରେ ନୁହେଁ; ଏହା ସ୍ୱାସ୍ଥ୍ୟ, ସୁଖ, ପ୍ରେମ, ଜ୍ଞାନ ଓ ଆନ୍ତରିକ ଶାନ୍ତିର ସମନ୍ୱୟ । ଏହା ଭଗବାନଙ୍କ ଆଶୀର୍ବାଦ ଓ ସମାଜ ପାଇଁ ଏକ ମୂଲ୍ୟବାନ ଉପହାର ।

କର୍ମ ଓ ଧନ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ସତ୍ୟ, ନ୍ୟାୟ ଓ ନୈତିକତା ଉପରେ ଆଧାରିତ କର୍ମ ଦ୍ୱାରା ଅର୍ଜିତ ଧନ ଦୀର୍ଘସ୍ଥାୟୀ ଓ ଶାନ୍ତିଦାୟକ ହୁଏ । ଅନ୍ୟାୟ ଉପାୟରେ ଅର୍ଜିତ ଧନ ଅଶାନ୍ତି ଓ ଦୁଃଖ ଆଣିଥାଏ । ଦାନ ଓ ପରୋପକାର ଭାରତୀୟ ସଂସ୍କୃତିର ମୂଳ ଆଧାର । ଆୟର ଏକ ଅଂଶ ସମାଜକଲ୍ୟାଣ ପାଇଁ ବ୍ୟୟ କରିବା ଧନର ପବିତ୍ରତାକୁ ବଢ଼ାଇଥାଏ ଓ ଆଧ୍ୟାତ୍ମିକ ଉନ୍ନତିକୁ ସହାୟତା କରେ । ଗୀତାର କର୍ମଯୋଗ ଆମକୁ ଶିଖାଏ—ଫଳର ଆଶା ବିନା କର୍ତ୍ତବ୍ୟ ପାଳନ କରିବା, ଯାହା ଆର୍ଥିକ କାର୍ଯ୍ୟରେ ମଧ୍ୟ ପ୍ରାସଙ୍ଗିକ । ଆଧ୍ୟାତ୍ମିକ ଅର୍ଥ ପରିଚାଳନା ପାଇଁ କିଛି ମୂଳ ଅଭ୍ୟାସ ଅତ୍ୟାବଶ୍ୟକ—ସଚେତନ ବ୍ୟୟ, ନୈତିକ ଉପାର୍ଜନ, ସରଳ ଜୀବନ ଓ କୃତଜ୍ଞତା । ପ୍ରତ୍ୟେକ ଖର୍ଚ୍ଚ ପୂର୍ବରୁ ଏହା ଭାବିବା ଉଚିତ୍—ଏହା ଆବଶ୍ୟକ କି? ଏହା ସମାଜ ପାଇଁ ଉପକାରୀ କି? ଏହି ପ୍ରଶ୍ନଗୁଡ଼ିକ ଆମକୁ ସଠିକ ନିଷ୍ପତ୍ତି ନେବାରେ ସହାୟ କରେ । ବ୍ୟାଙ୍କିଂ, ବିମା ଓ ବିନିଯୋଗ କ୍ଷେତ୍ରରେ ମଧ୍ୟ ଆଧ୍ୟାତ୍ମିକ ମୂଲ୍ୟବୋଧ ଆଣିବା ଆବଶ୍ୟକ, ଯାହା ନୈତିକତା ଓ ଆଦର୍ଶକୁ ଶକ୍ତିଶାଳୀ କରିବ । ଅର୍ଥନୀତିରେ ଆଧ୍ୟାତ୍ମିକତା ଆମକୁ ଏକ ସନ୍ତୁଳିତ ଜୀବନ ଦର୍ଶନ ଦିଏ । ଏହା ଶିଖାଏ ଯେ ଧନ ଜୀବନର ଏକ ଅଂଶ; ସମଗ୍ର ଜୀବନ ନୁହେଁ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଓ ସାମୂହିକ ଜୀବନ ଏହି ଦର୍ଶନର ଉତ୍କୃଷ୍ଟ ଉଦାହରଣ । ଆଜିର ବିଶ୍ୱରେ ବଢ଼ୁଥିବା ଆର୍ଥିକ ସଙ୍କଟ, ଚିନ୍ତା ଓ ଅସନ୍ତୋଷକୁ ଦୂର କରିବା ପାଇଁ ଆଧ୍ୟାତ୍ମିକ ଚିନ୍ତନର ଅତ୍ୟନ୍ତ ଆବଶ୍ୟକତା ରହିଛି । ଦାରିଦ୍ର୍ୟକୁ କେବଳ ଧନର ଅଭାବ ଭାବେ ନୁହେଁ; ବରଂ ସୁଯୋଗ, ଶିକ୍ଷା ଓ ସମ୍ମାନର ଅଭାବ ଭାବେ ବୁଝିବା ଦରକାର । ସମାଜର ସମୃଦ୍ଧ ଓ ଶିକ୍ଷିତ ଶ୍ରେଣୀ ଯଦି ସବଳ ଓ ସମବେଦନାଶୀଳ ଭାବରେ ଦୁର୍ବଳ ବର୍ଗଙ୍କୁ ସହଯୋଗ କରନ୍ତି, ତେବେ ଦାରିଦ୍ର୍ୟ ହ୍ରାସ ପାଇ ଏକ ସନ୍ତୁଳିତ, ସଫଳ ଓ ଶାନ୍ତିପ୍ରିୟ ସମାଜ ଗଠନ ହୋଇପାରିବ ।

ପଲେଇ (ଚାନ୍ଦୋଳ), କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

# ବିକାଶର ପଥରେ ବାଧା: ରେଳ ସଂଯୋଗର ଅଭାବ

ସିତାଂଶୁ ଶେଖର ମିଶ୍ର

ସ୍ୱାଧୀନତା ପରେ ଭାରତ ଆଧୁନିକ ଢାଞ୍ଚାଗତ ବିକାଶରେ ଅନେକ ମାଇଲଷ୍ଟୋନ ସ୍ଥାପନ କରିଛି । ରାସ୍ତା, ବିମାନବନ୍ଦର, ବନ୍ଦର ଏବଂ ବିଶେଷତଃ ରେଳପଥରେ ଦେଶ ଦ୍ରୁତଗତିରେ ଆଗକୁ ବଢ଼ିଛି । ତଥାପି ଏହି ଉନ୍ନତିର ଚିତ୍ର ପୂର୍ଣ୍ଣ ନୁହେଁ । ଆଜି ମଧ୍ୟ ଭାରତର ଅନେକ ଉପଖଣ୍ଡ ରେଳପଥ ସଂଯୋଗରୁ ବଞ୍ଚିତ, ଯାହାର ପରିଣାମରେ ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ଅପହଞ୍ଚ ରହିଯାଉଛି ।

ଭାରତର ରେଳ ନେଟ୍‌ୱର୍କ ବିଶ୍ୱର ଚତୁର୍ଥ ସବୁଠାରୁ ବଡ଼ ହୋଇଥିବା ସତ୍ତ୍ୱେ, ଏହାର ବିତରଣ ସମତାମୂଳକ ନୁହେଁ । ମେଟ୍ରୋ ସହର ଓ ଶିଳ୍ପାଞ୍ଚଳଗୁଡ଼ିକ ଉତ୍ତମ ସଂଯୋଗ ପାଇଥିବା ବେଳେ, ଗ୍ରାମୀଣ ଓ ପାର୍ବତୀୟ ଅଞ୍ଚଳଗୁଡ଼ିକ ଏପର୍ଯ୍ୟନ୍ତ ଅବହେଳିତ । ଏହାର ଫଳରେ ଶିକ୍ଷା, ଚିକିତ୍ସା, ବ୍ୟବସାୟ ଓ ରୋଜଗାରର ସୁଯୋଗ ସେଠାକୁ ପହଞ୍ଚି ପାରୁନାହିଁ ।

ଓଡ଼ିଶା ପରିପ୍ରେକ୍ଷୀରେ ଏହି ସମସ୍ୟା ଅଧିକ ସ୍ପଷ୍ଟ ଭାବେ ପ୍ରକାଶ ପାଉଛି । ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ସତ୍ତ୍ୱେ, ସମ୍ବଲପୁର–ସୁବର୍ଣ୍ଣପୁର ରେଳପଥ ପ୍ରକଳ୍ପ ପରି ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନା ଆଜି ପର୍ଯ୍ୟନ୍ତ କାର୍ଯ୍ୟରୂପ ନେଇପାରି ନାହିଁ । ଏହାର ପଛରେ ପ୍ରଶାସନିକ ଅସମର୍ଥତା ସହିତ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ମୁଖ୍ୟ କାରଣ ଭାବେ ଦେଖାଯାଏ ।

ସରକାର ବିଭିନ୍ନ ସମୟରେ ନୂତନ ରେଳପଥ ଘୋଷଣା କରୁଥିବା ସତ୍ତ୍ୱେ, ସୁବର୍ଣ୍ଣପୁର ଜିଲ୍ଲାର ଏହି ପ୍ରମୁଖ ଦାବି ପ୍ରତି ଅଣଦେଖା କରାଯାଇଛି । ସମ୍ବଲପୁର ସହିତ ସୁବର୍ଣ୍ଣପୁରର ରେଳ ସଂଯୋଗୀକରଣ ଦାବି କୌଣସି ନୂତନ ବିଷୟ ନୁହେଁ; ଏହା ରାଜା-ରାଜୁଡ଼ା ସମୟରୁ ଚାଲିଆସୁଥିବା ଏକ ଐତିହାସିକ ଆକାଂକ୍ଷା । ଐତିହାସିକ ତଥ୍ୟରୁ ଜଣାଯାଏ ଯେ, ୧୯୪୫-୪୬ ମସିହାରେ ସମ୍ବଲପୁର ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଏକ



ରେଳପଥ ନିର୍ମାଣ ପାଇଁ ବେଙ୍ଗଲ ନାଗପୁର ରେଳୱେ କମ୍ପାନୀକୁ ପ୍ରସ୍ତାବ ଦିଆଯାଇଥିଲା । ଯାହାକି ସ୍ୱାଧୀନତା ପରେ ଅନେକ ଆନ୍ଦୋଳନ ପରେ ନବେ ଦଶକରେ ଖୋର୍ଦ୍ଧାକୁ ବଲାଙ୍ଗିର ସହିତ ସଂଯୋଗୀକରଣର ନିଷ୍ପତ୍ତି ନିଆଗଲା, ଯାହାକି ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବା ଅପେକ୍ଷାରେ । ଫଳସ୍ୱରୂପ, ସୁବର୍ଣ୍ଣପୁର ସହିତ ସମ୍ବଲପୁରର ରେଳ ସଂଯୋଗୀକରଣର ସ୍ୱପ୍ନ ଅଧୁରା ହୋଇ ରହିଗଲା । ସ୍ୱାଧୀନତା ପରେ ପ୍ରାୟ ତିନି ଦଶକ ଅତୀତ ହେବା ପରେ ସମ୍ବଲପୁର–ଭୁବନେଶ୍ୱର ରେଳପଥ ରେଢ଼ାଖୋଲ, ଅନୁଗୁଳ ଓ ଢେଙ୍କାନାଳ ମାର୍ଗରେ କାର୍ଯ୍ୟକାରୀ କରାଯାଇଥିଲା । ଏହାର ପରିଣାମରେ ସୁବର୍ଣ୍ଣପୁର ମାର୍ଗରେ ସମ୍ବଲପୁର ସହ ରେଳ ସଂଯୋଗ ସ୍ଥାପନର ପ୍ରସଙ୍ଗ ଧୀରେ ଧୀରେ ଗୁରୁତ୍ୱହୀନ ହୋଇ ପଡ଼ିଲା । ତଥାପି, ଏହି ଦାବିକୁ ନେଇ ଅଞ୍ଚଳର ଜନସାଧାରଣ ନିରନ୍ତର ଭାବରେ ସରକାରଙ୍କ ନଜରକୁ ଆଣୁଥିବା ସହିତ ତାହାର ପୂରଣ ପାଇଁ ଆଶା ରଖିଆସୁଛନ୍ତି ।

ଯଦି ତଥ୍ୟକୁ ଦେଖାଯାଏ, ସ୍ୱାଧୀନତା ପରେ ଦେଶର ମୋଟ ରେଳ ଲାଇନ୍ ଦୈର୍ଘ୍ୟ ଅନେକଗୁଣ ବଢ଼ିଛି, କିନ୍ତୁ ଆନୁପାତିକ ଭାବେ ସମସ୍ତ ଅଞ୍ଚଳରେ ଏହାର ବିକାଶ ହୋଇନାହିଁ । ବିଶେଷତଃ ପୂର୍ବ ଓ ମଧ୍ୟ ଭାରତର ଅନେକ ଜିଲ୍ଲା ଆଜି ମଧ୍ୟ ରେଳ ସଂଯୋଗରୁ ବଞ୍ଚିତ ଅଛନ୍ତି ।

ଏହି ପରିସ୍ଥିତିରେ ପ୍ରଶ୍ନ ଉଠେ—ଉପଖଣ୍ଡମାନଙ୍କୁ ରେଳପଥରେ ଯୋଡିବା କେବେ ସମ୍ଭବ ହେବ?

ଏହାର ଉତ୍ତର କେବଳ ସରକାରୀ ଯୋଜନାରେ ନୁହେଁ; ବରଂ ସାମୁହିକ ସଚେତନତା ଓ ଦାବିରେ ନିହିତ ଅଛି ।

ଜନସାଧାରଣଙ୍କୁ ନିଜ ଅଧିକାର ପ୍ରତି ସଚେତନ ହେବା ସହିତ, ସଂଗଠିତ ଭାବରେ ନିଜ ଦାବିକୁ ଉପସ୍ଥାପନ କରିବାକୁ ହେବ । ମାଟିର ସ୍ୱାଭିମାନ ଓ ଅଞ୍ଚଳର ବିକାଶ ପାଇଁ ଏକତାବଦ୍ଧ ଚେଷ୍ଟା ହେଲେ ଶାସକ ବାଧ୍ୟ ହେବେ ପଦକ୍ଷେପ ନେବାକୁ ।

ସେପଟେ, ଶାସନ ମାଧ୍ୟମରେ ପ୍ରାଥମିକତା ଭିତ୍ତିରେ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ରେଳ ମାନଚିତ୍ରରେ ଆଣିବା ଆବଶ୍ୟକ । ପ୍ରକଳ୍ପଗୁଡ଼ିକର ନିୟମିତ ନିରୀକ୍ଷଣ, ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଓ ପାରଦର୍ଶିତା ନିଶ୍ଚିତ କରିଲେ ମାତ୍ର ଏହା ସମ୍ଭବ ।

ଶେଷରେ କୁହାଯାଇପାରେ, ରେଳପଥ କେବଳ ଯାତାୟାତର ଏକ ମାଧ୍ୟମ ନୁହେଁ— ଏହା ଉନ୍ନତିର ଜୀବନରେଖା । ଯେତେବେଳେ ଉପଖଣ୍ଡମାନେ ରେଳ ଯୋଗାଯୋଗରେ ସଂଯୁକ୍ତ ହେବେ, ସେତେବେଳେ ମାଟି ହସିଉଠିବ ଏବଂ ମାଟିର ଲୋକମାନେ ମଧ୍ୟ ସମୃଦ୍ଧିର ନୂତନ ଦିଗ ଦେଖିବେ । ଏହି ସଂଯୋଗ କେବଳ ଅର୍ଥନୈତିକ ଗତିକୁ ତେଜ କରିବ ନୁହେଁ; ବରଂ ସମାନ ଉନ୍ନତିର ଭିତ୍ତିକୁ ମଧ୍ୟ ମଜବୁତ କରିବ । ଏଭଳି ପଦକ୍ଷେପସବୁ ଭାରତକୁ ତାହାର ୨୦୪୭ର 'ବିକଶିତ ଭାରତ' ଲକ୍ଷ୍ୟ ପ୍ରାପ୍ତିରେ ଅଧିକ ସୁଦୃଢ଼ ଓ ସାମର୍ଥ୍ୟଶୀଳ କରିପାରିବ ।

ଶାନ୍ତିନଗର, ସୋନପୁର
ମୋ.- ୮୧୪୪୮ ୭୦୭୨୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ

# ବିଜେପି ଦେଶବାସୀଙ୍କୁ ଭ୍ରମିତ କରୁଛି: ବିଜେଡି

■ ମହିଳା ସଂରକ୍ଷଣ ବିଲ୍ ସହିତ ଡିଲିମିଟେସନ ବିଲକୁ ଆଣିବା ଏକ ପ୍ରହସନ
■ ସମ୍ବିଧାନିକ ପଦବୀରେ ମହିଳାଙ୍କୁ ସଂରକ୍ଷଣ ପ୍ରଦାନରେ ବିଜେଡି ସର୍ବାଗ୍ରେ
■ ଡିଲିମିଟେସନରେ ଓଡ଼ିଶାର କ୍ଷତି ସମ୍ପର୍କରେ ବିଜେପି ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୧୯।୪(ସମିସ): ବିରୋଧୀ ଦଳମାନେ ସମର୍ଥନ ନଦେବାରୁ ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇଗଲା ବୋଲି ବିଜେପି ପକ୍ଷରୁ ପ୍ରଚାର ଚାଲିଥିବା ବେଳେ ଏହାର ଦୃଢ଼ ଖଣ୍ଡନ କରିଛି ବିଜେଡି। ଯେଉଁଭଳି ଭାବେ ଡିମିଲଟେସନ ବିଲ ସହିତ ମହିଳା ସଂରକ୍ଷଣ ବିଲକୁ ଯୋଡି ସଂସଦରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଆଣିଲା, ତାହା କୌଣସି ପ୍ରହସନରୁ କମ ନଥିଲା ବୋଲି ଦଳ କଟାକ୍ଷ କରିଛି। ରବିବାର ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠି ମହିଳା ସଂରକ୍ଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ରାଜ୍ୟ ବିଜେପି ଚଞ୍ଚକତା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ।




ଶର୍ମିଷ୍ଠା ସେଠି କହିଛନ୍ତି ଯେ ସେପ୍ଟେମ୍ବର ୨୦୨୩ରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ସମସ୍ତ ରାଜନୈତିକ ଦଳମାନଙ୍କ ସମର୍ଥନରେ ପାସ ହୋଇଥିଲା। ଏହାକୁ ତୁରନ୍ତ ଲାଗୁ ନ କରି ନୂତନ ଜନଗଣନା ମାଧ୍ୟମରେ ଡିମିଲଟେସନ ପରେ ଏହାକୁ ଲାଗୁ କରାଯିବ ବୋଲି କୁହାଯାଇଥିଲା । କିନ୍ତୁ ଅପ୍ରତ୍ୟାଶିତ ଭାବେ ହଠାତ କେନ୍ଦ୍ର ସରକାର ଡିଲିମିଟେସନ ବିଲ ସହିତ ମହିଳା ସଂରକ୍ଷଣ ବିଲକୁ ଯୋଡି ସଂସଦର ବିଶେଷ ଅଧିବେଶନରେ ଉପସ୍ଥାପନା କଲେ । ମହିଳା ସଂରକ୍ଷଣ ବିଲ ନେଇ କୌଣସି ରାଜନୈତିକ ଦଳର ସଂଶୟ ନ ଥିଲା, କିନ୍ତୁ ପ୍ରସ୍ତାବିତ ଡିମିଲଟେସନ ବିଲକୁ ନେଇ ଅନେକ ଅସହମତି ରହିଥିଲା । ବିଶେଷକରି ଡିଲିମିଟେସନ ମାଧ୍ୟମରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ ପ୍ରତିଶତରୁ ୩.୫ ପ୍ରତିଶତ ହ୍ରାସ ପାଉଥିବା ଆଶଙ୍କା ଉପୁଜିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟର ସମସ୍ତ ସାଂସଦଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିଠି ଲେଖିଥିଲେ । ଓଡ଼ିଶା ପ୍ରତି ହେବାକୁ ଯାଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ । କିନ୍ତୁ ବିଜେପି ସାଂସଦ ମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ ଦୂରର କଥା ସେମାନେ ଏହି ବିଲ ସପକ୍ଷରେ ଭୋଟ ଦେଲେ । ବିଲ କାଟ ଖାଇବା ପରେ ମହିଳା ସଂରକ୍ଷଣ ବିଲକୁ ବିଜେଡି ବିରୋଧ କଲା ବୋଲି ଅମୂଳକ ଅଭିଯୋଗ କରାଯାଉଛି। ମହିଳା ସଂରକ୍ଷଣ ବିଲକୁ ବିଜେଡି ପ୍ରଥମ ଦିନରୁ ସମର୍ଥନ ଦେଇ ଆସୁଛି । କିନ୍ତୁ ଡିଲିମିଟେସନ ମାଧ୍ୟମରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପାଉଥିବାରୁ ବିଜେଡି ଏହାକୁ ବିରୋଧ କରୁଛି । ଏହା ହେଲେ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସ୍ତରରେ କ୍ଷତି ହେବ।

ଟୁକୁନି ସାହୁ କହିଥିଲେ ଯେ ମହିଳା ସଂରକ୍ଷଣ ପ୍ରଦାନ ବା ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସବୁ ସମୟରେ ଆଗରେ ରହି ଆସିଛି । ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ନବୀନ ପଟ୍ଟନାୟକ ତାଙ୍କ ଶାସନ ସମୟରେ ଏହି ସଂରକ୍ଷଣ ସଂଖ୍ୟାକୁ ୫୦ପ୍ରତିଶତକୁ ବଢ଼ାଇଥିଲେ । ଏହାଛଡା ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ ୨୦୧୮ ମସିହାରେ ବିଜେଡି ସରକାରଙ୍କ ଦ୍ୱାରା ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରାଯାଇଥିଲା । ଏଥି ସହିତ ଦେଶର ପ୍ରାୟ ୨୨ଟି ରାଜନୈତିକ ଦଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଭେଟି ଏହା ସପକ୍ଷରେ ମତ ଦେବାପାଇଁ ପ୍ରବର୍ତ୍ତାଇ ଥିଲେ । ୨୦୧୯ ଓ ୨୦୨୪ ନିର୍ବାଚନରେ ଓଡ଼ିଶାର ସଂସଦ କ୍ଷେତ୍ର ଗୁଡିକରେ ବିଜେଡି ୩୩ ପ୍ରତିଶତ ସ୍ଥାନରେ ମହିଳା ମାନଙ୍କୁ ପ୍ରାର୍ଥୀ କରିଥିଲା । ଏହା ବିଜେଡିର ମହିଳା ସଂରକ୍ଷଣ ବା ମହିଳା ସଶକ୍ତିକରଣ ପ୍ରତି ଥିବା ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏହାଛଡା ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବି କରିବା କ୍ଷେତ୍ରରେ ନବୀନ ସରକାରଙ୍କର ଯୋଜନା ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୮୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଥିଲା । ଆଜି ବିଜେପି ସରକାର କ୍ଷମତାକୁ ଆସିବାର ଦୁଇ ବର୍ଷ ପରେ ମିଶନ ଶକ୍ତି ଦ୍ୱାରା ସଶକ୍ତ ହୋଇଥିବା ମହିଳା ମାନେ ଘର କୋଣରେ ସୀମିତ ହୋଇ ଯାଇଥିବା ଦେଖିବାକୁ ମିଳୁଛି। ତେଣୁ ମହିଳା ସଙ୍ରକ୍ଷଣ ବିଲକୁ ବିଜେଡି ବିରୋଧ କରୁଛି ବୋଲି ବିଜେପିର ଦାବିକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ।

## ଉତ୍ତରପ୍ରଦେଶରେ ସ୍ମାର୍ଟ ମିଟର ଉପରେ ପ୍ରତିବନ୍ଧକ

# 'ଉତ୍ତରପ୍ରଦେଶଠାରୁ ଶିଖନ୍ତୁ ଓଡ଼ିଶା ସରକାର'

ଭୁବନେଶ୍ୱର,୧୯।୪(ସମିସ): ସ୍ମାର୍ଟ ମିଟରକୁ ନେଇ ସାଧାରଣ ଲୋକ, ସାମାଜିକ ସଂଗଠନ, ବିରୋଧୀ ଦଳଙ୍କ ପ୍ରବଳ ପ୍ରତିକ୍ରିୟା ପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ଉତ୍ତର ପ୍ରଦେଶ ସରକାର। ଉତ୍ତର ପ୍ରଦେଶ ପାୱାର କର୍ପୋରେସନ୍ (ୟୁପିପିସିଏଲ) ଘରୋଇ ଉପଭୋକ୍ତାଙ୍କ ପୁରୁଣା ମିଟରକୁ ସ୍ମାର୍ଟ ମିଟରରେ ବଦଳାଇବା ପ୍ରକ୍ରିୟା ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ଅଧିକ ବିଲ୍ ଆସିବା, ସହମତି ବିନା ଲଗାଇବା, ବାଲାନ୍ସ ଶେଷ ହେଲେ ରାତିରେ ବିଜୁଳି କଟିବା ଓ ଯାନ୍ତ୍ରିକ ସମସ୍ୟା ଦେଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ୟୁପିପିସିଲଏଲ ପକ୍ଷରୁ କୁହାଯାଇଛି। ଏବେ ଉତ୍ତର ପ୍ରଦେଶ ଏବଂ ଓଡ଼ିଶାର ବିଜେପି ସରକାର ଚାଲିଛି। ମାତ୍ର ଗୋଟିଏ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ଦୁଇରାଜ୍ୟ ଭିନ୍ନଭିନ୍ନ ଆଚରଣ ଓ ପଦକ୍ଷେପ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉପଭୋକ୍ତାଙ୍କ ଆକ୍ରୋଶକୁ ସମ୍ମାନ ଦେଇ ଉତ୍ତର ପ୍ରଦେଶ ସରାର ଏହାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଓଡ଼ିଶା ସରକାର ସ୍ମାର୍ଟ ମିଟର ଲଗାଇବା ପାଇଁ ରାଜକୋଷରୁ ଶହ ଶହ କୋଟି ବ୍ୟୟ କରିବାକୁ ନିଷ୍ପତ୍ତି ପଛରେ କାହାର ହାତ ଅଛି ବୋଲି ପ୍ରଶ୍ନ ଉଠିଛି ।



**ସ୍ମାର୍ଟ ମିଟର ଦକ୍ଷତା ଯାଞ୍ଚ ପାଇଁ ଗଠନ ହେଉ ଯାଞ୍ଚ କମିଟି**

ସୂଚନା ଅନୁଯାୟୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ବୈଷୟିକ କମିଟି ଯେପର୍ଯ୍ୟନ୍ତ ନିଜର ରିପୋର୍ଟ ପ୍ରସ୍ତୁତ ନ କରିଛି ଏବଂ ରିପୋର୍ଟର ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନହୋଇଛି, ସେ ଯାଏଁ ଏହି ଆଦେଶ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହାସହ ଉପଭୋକ୍ତାଙ୍କ ଫିଡବ୍ୟାକକୁ ମଧ୍ୟ ଏକ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ବୋଲି ୟୁପିପିସିଏଲ ପକ୍ଷରୁ କୁହାଯାଇଛି। ମାତ୍ର ଓଡ଼ିଶା ସରକାର ସ୍ମାର୍ଟ ମିଟର କ୍ଷେତ୍ରରେ ଭିନ୍ନ ପଦକ୍ଷେପ ନେଇଛନ୍ତି। ସ୍ମାର୍ଟ ମିଟର ବିରୋଧରେ ଲୋକଙ୍କ ମନରେ ଉଠିଥିବା ସନ୍ଦେହ, ପ୍ରଶ୍ନ ଓ ଅସନ୍ତୋଷକୁ ଦୂର ପରିବର୍ତ୍ତେ ୧୧,୫୩,୧୦୦ଟି ସ୍ମାର୍ଟ ମିଟର ସ୍ଥାପନ ହେବାକୁ ଥିବାବେଳେ ସରକାର ମୋଟ ୭୩୫ କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଲେ। ସ୍ମାର୍ଟ ମିଟର ସ୍ଥାପନ ପାଇଁ ଅନ୍ୟ ରାଜ୍ୟ ନିଜ ରାଜକୋଷରୁ ଅର୍ଥ କରୁ ନ ଥିବାବେଳେ ଓଡ଼ିଶା ସରକାର କାହିଁକି ରାଜକୋଷରୁ ଏହାକୁ ବ୍ୟୟ କରିବେ ବୋଲି ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାର ଆରଡିଏସଏସ ଯୋଜନାରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ଦେଉଥିବା ବେଳେ ଓଡ଼ିଶା କାହିଁକି ତାହାର ଲାଭ ଉଠାଇ ନାହିଁ? ପୁନଶ୍ଚ ଅନ୍ୟସବୁ ରାଜ୍ୟରେ ସ୍ମାର୍ଟ ମିଟର ଦକ୍ଷତାକୁ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ଅଛି। ସେହି ରାଜ୍ୟଗୁଡ଼ିକରେ ବିତରଣ କମ୍ପାନୀଗୁଡିକୁକୁ ସିଏଜି ଅଡିଟ କରୁଛନ୍ତି। କିନ୍ତୁ ଓଡ଼ିଶାରେ କୌଣସି ଯାଞ୍ଚ ବ୍ୟବସ୍ଥା ନାହି ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି। କୌଣସି ଜନସ୍ୱାର୍ଥ ପ୍ରସଙ୍ଗରେ ଜନତାଙ୍କ ଉଦବେଗକୁ ପ୍ରାଧାନ୍ୟ କେମିତି ଦିଆଯାଏ, ତାହା ଓଡ଼ିଶା ସରକାର ଶିଖନ୍ତୁ ବୋଲି ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

## ବଡଗାଁରେ ହତ୍ୟା

# ଘରେ ପଶି ଲଙ୍ଗଳ ମୁନରେ ମାରିଦେଲା

ରାଉରକେଲା, ୧୯।୪(ସମିସ): ଘରେ ପଶି ଯୁବକଙ୍କୁ ଲଙ୍ଗଳ ମୁନରେ ଆକ୍ରମଣ କରି ହତ୍ୟା। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ବଡ଼ଗାଁ ଥାନା ସାହାଜବାହାଲ ଗାଁ ଲଖୁଆପଡ଼ା ବସ୍ତିର ରାଜକୁମାର ବରୁଆ (୫୬)। ରାଜକୁମାରଙ୍କ ପରିବାର ସହ ଧସ୍ତାଧସ୍ତି ବେଳେ ନିଜେ ଅଭିଯୁକ୍ତ ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ବଡ଼ଗାଁ ଥାନା ସାହାଜବାହାଲ ଗାଁ ଲଖୁଆପଡା ବସ୍ତିରେ ରାଜକୁମାର ରହୁଥିଲେ। ଶନିବାର ରାତି ପ୍ରାୟ ୧୧ଟା ବେଳେ ସାହାଜବାହାଲ ଗାଁର ଯୋଗେଶ୍ୱର ରୋହିଦାସ (୩୭) ତାଙ୍କ ଘରକୁ ଯାଇ କୌଣସି ଏକ ଘଟଣାକୁ ନେଇ ପାଟିତୁଣ୍ଡ କରିଥିଲେ। ପରେ ରାଜକୁମାର ଓ ଯୋଗେଶ୍ୱରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଉଗ୍ର ହେବାରୁ ଯୋଗେଶ୍ୱର ସାଙ୍ଗରେ ଆଣିଥିବା ଏକ ଲଙ୍ଗଳ ଲୁହା ସାହାଯ୍ୟରେ ରାଜକୁମାରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରାଜକୁମାର ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ଅନ୍ୟପଟରେ ଧସ୍ତାଧସ୍ତିରେ ଅଭିଯୁକ୍ତ ଯୋଗେଶ୍ୱର ବି ଗୁରୁତର ଆହତ ହୋଇଥିଲେ। ଖବର ପାଇ ବଡ଼ଗାଁ ଥାନା ଅଧିକାରୀ ଦିନେଶ କୁମାର ପଟ୍ଟା ସଦଳବଳେ ପହଞ୍ଚି ଉଭୟ ଆହତଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ଯୋଗେଶ୍ୱର ସମ୍ପ୍ରତି ସୁନ୍ଦରଗଡ଼ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ। ତେବେ ରାଜକୁମାରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ଗାଁ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଡ୍ରେନ୍‌ରେ ପଡ଼ି ଯୁବକଙ୍କ ମୃତ୍ୟୁ

କଟକ, ୧୯।୪(ସମିସ): ଖାନନଗର ଅଞ୍ଚଳରେ ଥିବା ମୁଖ୍ୟ ଡ୍ରେନରେ ଗଳିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖାନନଗରର ରଣାମା' ସାହିର ସରୋଜ ସାହୁ(୪୫)। ମୃତଦେହକୁ ବାଦାମବାଡ଼ି ଥାନା ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଖାନନଗର ପମ୍ପହାଉସ ପାଖ ମୁଖ୍ୟ ଡ୍ରେନରେ ଜଣେ ଯୁବକ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଡ୍ରେନରେ ପାଣି କମ ଥିବାରୁ ଯୁବକ ଜଣକ ଅଧା ବୁଡି ରହଥିଲେ। ସୂଚନା ପାଇ ବାଦାମବାଡି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ଟିମ ସହାୟତାରେ ଯୁବକଙ୍କୁ ଉଦ୍ଧାର କରିଥିଲା। ସେଠାରେ ସ୍ଥାନୀୟ ଲୋକେ ତାଙ୍କୁ ସରୋଜ ବୋଲି ଚିହ୍ନଟ କରିବା ସହ ତୁରନ୍ତ ଏସ୍‌ସିବି ନିଆଯାଇଥିଲା। ମାତ୍ର ଡାକ୍ତର ସରୋଜଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହା ପରେ ବାଦାମବାଡି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଏସ୍‌ସିବି ଶବଗୃହରେ ରଖିଛି। ରବିବାର ସରୋଜଙ୍କର ଶବ ବ୍ୟବଚ୍ଛେଦ କରାଯିବ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସରୋଜଙ୍କ ପରିବାରରେ ୩ ଭାଇ ଅଛନ୍ତି। ସେ ମଝିଆ ଭାଇ। ବଡ଼ ଭାଇ ପରିବା ଦୋକାନୀ ଓ ସାନ ଅନ୍ୟ କାମ କରି ଚଳନ୍ତି। ଲିଙ୍କରୋଡ ଅଞ୍ଚଳରେ ସରୋଜଙ୍କର ଏକ ପାନ ଦୋକାନ ରହିଥିଲା। ମାତ୍ର କୌଣସି କାରଣରୁ କିଛି ବର୍ଷ ପୂର୍ବେ ଉକ୍ତ ଦୋକାନକୁ ଉଚ୍ଛେଦ କରାଯାଇଥିଲା। ଏହାପରେ ସେ ଆଉ କୌଣସି ବ୍ୟବସାୟ କରୁନଥିଲେ। ଆଜି ଦ୍ୱିପ୍ରହରରେ ସରୋଜ ଖାନନଗର ପମ୍ପହାଉସ ପାଖାପାଖି ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକ ଦେଖିଥିବା କହିଛନ୍ତି। ମାତ୍ର ମୁଖ୍ୟ ଡ୍ରେନ ଭିତରେ କେମିତି ପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଅଧିକ ଖରାରୁ ମୁଣ୍ଡ ବୁଲାଇ ଦେବା ପରେ ସେ ପାଣିରେ ପଡ଼ିଯାଇ ସେଠାରୁ ଉଠି ପାରିନଥିବା ଆଶଙ୍କା କରାଯାଉଥିବା ନେଇ ବାଦାମବାଡି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ନନ୍ଦନକାନନ ଆସିପାରେ ବିରଳ ଆଲବିନୋ ରଣା

ଭୁବନେଶ୍ୱର, ୧୯।୪(ସମିସ): ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକର ଛୁଆଳସିଂହ ଅଞ୍ଚଳରୁ ଏକ ହଳଦିଆ ଧଳା ରଙ୍ଗର ସାପ ସ୍ଥାନୀୟ ଲୋକେ ଧରି ଏକ ପ୍ଲାଷ୍ଟିକ ଡବାରେ ରଖି ଥିଲେ। ସ୍ନେକ୍ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ସାପର ଫଟୋ ପଠେଇ, ସାପଟିକୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ଶୁଭେନ୍ଦୁ ସେଇ ସାପକୁ ଆଲବିନୋ ରଣା ସାପ ବୋଲି ଚିହ୍ନଟ କରିବା ସହିତ ଭଦ୍ରକ ଡିଭିଜନର ଏଫ୍‌ସି ସୁମିତ୍ ମହାନ୍ତିଙ୍କୁ ସେଇ ଫଟୋ ପଠେଇଥିଲେ। ଏଫ୍‌ସିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ରେଞ୍ଜ କର୍ମଚାରୀମାନେ ଘଟଣା ସ୍ଥଳକୁ ଯାଇ ସାପଟିକୁ ଉଦ୍ଧାର କରିବା ସହିତ ସାପଟିକୁ ଭଦ୍ରକ ରେଞ୍ଜ ଅଫିସକୁ ଆଣିଥିଲେ। ସାପଟିର ରକ୍ଷଣାବେକ୍ଷଣ ଏବଂ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିବା ପାଇଁ ଏଫ୍‌ସିଙ୍କ ଅନୁରୋଧ ରକ୍ଷା କରି ଯାଜପୁରରୁ ସ୍ନେକ ହେଲ୍ପ ଲାଇନ୍‌ର ଏକ ୩ ଜଣିଆ ଟିମ୍ ଭଦ୍ରକ ରେଞ୍ଜ ଅଫିସ ଷ୍ଟାଫ୍‌ଙ୍କ ସହାୟତାରେ ସାପଟିର ପ୍ରାଥମିକ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିଥଲେ। ସାପ ଦେହରେ ଅନ୍ୟ କୌଣସି ଜାଗାରେ ଆଘାତ ନ ଥିଲା, କିନ୍ତୁ ତାର ମୁହଁରେ ଏକ କ୍ଷତ ଥିଲା। ଡାକ୍ତରୀ ଟିମ୍ ଯାଞ୍ଚ ଏବଂ ପରବର୍ତ୍ତୀ ଚିକିତ୍ସା ପାଇଁ ତାହାକୁ ନନ୍ଦନକାନନ ଚିଡ଼ିଆଖାନାକୁ ପଠେଇବା ପାଇଁ ଶୁଭେନ୍ଦୁ ପରାମର୍ଶ ଦେଇଛନ୍ତି। ସ୍ନେକ୍ ହେଲ୍ପ ଲାଇନ୍‌ର କୋର୍ଡିନେଟର ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ଅର୍ଚ୍ଚନା ମିଶ୍ର, ଏବଂ ଜାହାଙ୍ଗୀର ଖାନ୍ ଉପସ୍ଥିତ ରହିଥିଲେ। ସାପର ବିରଳ ଜୀନ୍ ଅବସ୍ଥା ଏବଂ ମୁହଁରେ ଥିବା କ୍ଷତ ବିଷୟରେ ନନ୍ଦନକାନନ ଚିଡ଼ିଆଖାନାର ନିର୍ଦ୍ଦେଶକ ସନତ କୁମାରଙ୍କୁ ଶୁଭେନ୍ଦୁ ଅବଗତ କରିଥିଲେ। ଆବଶ୍ୟକ କାଗଜପତ୍ର କରିବା ପରେ ସେଇ ବିରଳ ଆଲବିନୋ ରଣା ସାପଟିକୁ ନନ୍ଦନକାନନ ପଠା ଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ମିଳିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯ ଲକ୍ଷ ଡଲାରରେ...

ଏହାର ପକେଟ୍‌ରେ ଠିପି (କର୍କ) ଭର୍ତ୍ତି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ଲୌରା ଏବଂ ତାଙ୍କ ସହ ବଞ୍ଚିଥିବା ଅନ୍ୟ ଯାତ୍ରୀମାନଙ୍କର ସ୍ୱାକ୍ଷର ରହିଛି। କେବଳ ଲାଇଫ୍ ଜ୍ୟାକେଟ୍ ନୁହେଁ, ଏହି ନିଲାମରେ ଟାଇଟାନିକର ଏକ ଲାଇଫ୍ ବୋଟ୍‌ରେ ବ୍ୟବହୃତ ସିଟ୍ ଗଦି ମଧ୍ୟ ୩,୯୦,୦୦୦ ପାଉଣ୍ଡରେ ବିକ୍ରି ହୋଇଛି। ଆମେରିକାର ଏକ ଟାଇଟାନିକ୍ ମ୍ୟୁଜିୟମର ମାଲିକ ଏହାକୁ କିଣିଛନ୍ତି। ୧୫ ଏପ୍ରିଲ ୧୯୧୨ରେ ଆରଏମଏସ ଟାଇଟାନିକ୍ ନିଜର ପ୍ରଥମ ଯାତ୍ରାରେ ଏକ ବରଫ ପାହାଡ଼ (ଆଇସ୍‌ବର୍ଗ) ସହ ଧକ୍କା ହୋଇ ଆଟଲାଣ୍ଟିକ୍ ମହାସାଗରରେ ବୁଡ଼ି ଯାଇଥିଲା। ଏଥିରେ ଥିବା ପ୍ରାୟ ୨,୨୦୦ ଯାତ୍ରୀଙ୍କ ମଧ୍ୟରୁ ୧,୫୦୦ ଜଣ ପ୍ରାଣ ହରାଇଥିଲେ ଏବଂ ମାତ୍ର ୭୦୦ ଜଣ ବଞ୍ଚିବାକୁ ସକ୍ଷମ ହୋଇଥିଲେ। ନିଲାମକାରୀ ଆଣ୍ଡ୍ରୁ ଆଲଡ୍ରିଜଙ୍କ ଅନୁଯାୟୀ, ଏହି ରେକର୍ଡ ମୂଲ୍ୟ ଦର୍ଶାଉଛି ଯେ ଆଜି ମଧ୍ୟ ଟାଇଟାନିକ୍ ପ୍ରତି ଲୋକଙ୍କ ମନରେ ସମ୍ମାନ ଏବଂ ସେହି ଦୁଃଖଦ କାହାଣୀ ଜାଣିବା ପାଇଁ ଆଗ୍ରହ ରହିଛି।

### ଏକ୍ସପ୍ରେସ୍‌ୱେରେ ଭାରୀଯାନ...

ସମସ୍ତ ପୁରୁଣା ଅବୈଧ ନିର୍ମାଣକୁ ୬୦ ଦିନ ମଧ୍ୟରେ ହଟାଇବାକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ଯାଇଥିବା ପ୍ରତି ଜିଲ୍ଲାରେ ୧୫ ଦିନ ମଧ୍ୟରେ ଏକ 'ସୁରକ୍ଷା ଟାସ୍କ ଫୋର୍ସ' ଗଠନ କରାଯିବ। ଏଥିରେ ପ୍ରଶାସନ, ପୋଲିସ, ଏନ୍‌ଏଚ୍‌ଏଆଇ ଏବଂ ପିଡବ୍ଲ୍ୟୁଡିର ଅଧିକାରୀମାନେ ସାମିଲ ରହିବେ। ୨୦୨୫ ନଭେମ୍ବର ମାସରେ ରାଜସ୍ଥାନର ଫଲୋଦୀ ଏବଂ ତେଲେଙ୍ଗାନାର ରଙ୍ଗାରେଡ୍ଡୀଠାରେ ଘଟିଥିବା ଦୁଇଟି ଭୟଙ୍କର ସଡ଼କ ଦୁର୍ଘଟଣାର ଶୁଣାଣି ସମୟରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ସେହି ଦୁର୍ଘଟଣାରେ ୩୪ ଜଣ ପ୍ରାଣ ହରାଇଥିଲେ। କୋର୍ଟ ଅନୁଭବ କରିଛନ୍ତି ଯେ, ଏହି ମୃତ୍ୟୁ ପାଇଁ ବ୍ୟବସ୍ଥାଗତ ଅବହେଳା ଏବଂ ଭିତ୍ତିଭୂମିର ବିଫଳତା ହିଁ ଦାୟୀ। ଶୁଣାଣି ବେଳେ ଏକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଜାତୀୟ ରାଜପଥ ଦେଶର ମୋଟ ରାସ୍ତା ଲମ୍ବର ମାତ୍ର ୨% ହୋଇଥିବା ବେଳେ, ଦେଶର ମୋଟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାର ପ୍ରାୟ ୩୦% କେବଳ ଏହି ରାଜପଥଗୁଡ଼ିକରେ ହିଁ ଘଟିଥାଏ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏନ୍‌ଏଚ୍‌ଏଆଇ, ରାଜ୍ୟ ପୋଲିସ ଏବଂ ପରିବହନ ବିଭାଗ ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବେ। ଜିଲ୍ଲା କଲେକ୍ଟରମାନେ ଏକ ନିର୍ଦ୍ଦିଷ୍ଟ ଏସଓପି ପ୍ରସ୍ତୁତ କରି ୬୦ ଦିନ ମଧ୍ୟରେ ଲାଗୁ କରିବେ। କୌଣସି ବିଭାଗ ଏନ୍‌ଏଚ୍‌ଏଆଇର ବିନା ଅନୁମତିରେ ରାଜପଥ ସୁରକ୍ଷା ଜୋନ୍ ମଧ୍ୟରେ କୌଣସି ବାଣିଜ୍ୟିକ ଲାଇସେନ୍ସ ନବୀକରଣ କରିପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ଏହି କଠୋର ଆଭିମୁଖ୍ୟ ପରେ ଆଗାମୀ ଦିନରେ ଜାତୀୟ ରାଜପଥରେ ଯାତ୍ରା ଅଧିକ ଶୃଙ୍ଖଳିତ ଏବଂ ନିରାପଦ ହେବ ବୋଲି ଆଶା କରାଯାଉଛି। ରାସ୍ତା କଡ଼ରେ ଅନିୟନ୍ତ୍ରିତ ଭାବେ ଠିଆ ହେଉଥିବା ଟ୍ରକ୍ ଏବଂ ଅବୈଧ ଢାବାଗୁଡ଼ିକ ଉପରେ ଏବେ ପ୍ରଶାସନର ଶାଣିତ ନଜର ରହିବ।

### ୨୦ ମୃତ...

ଘଟିଲା, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୋଲିସ ଏହାର ତଦନ୍ତ କରୁଛି। ଏହି ଦୁଃଖଦ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ମଧ୍ୟ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସରେ ବିରୁଧୁନଗର ଜିଲ୍ଲାରେ ଏହା ଦ୍ୱିତୀୟ ବଡ଼ ବାଣ କାରଖାନା ଦୁର୍ଘଟଣା। ପୂର୍ବରୁ ଅପ୍ରେଲ ୧୩ ତାରିଖରେ ସାତୁର ନିକଟବର୍ତ୍ତୀ ସାଥିରାପଟ୍ଟିରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏଭଳି ବାରମ୍ବାର ଘଟୁଥିବା ଦୁର୍ଘଟଣା ବାଣ କାରଖାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଏବଂ ନିୟମର ପାଳନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିସ୍ଫୋରଣ ଘଟଣାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

### ଓଡ଼ିଶାର ସେମିକଣ୍ଡକ୍ଟର...

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଓଡ଼ିଶା ଆଇଟି ଏବଂ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ରୂପେ ବିକଶିତ ହେଉଛି। ରାଜ୍ୟରେ ବର୍ଷ ବର୍ଷ ଧରି ଖଣିଜ, ଧାତୁ ଓ ଶକ୍ତିର ପ୍ରମୁଖ ଶିଳ୍ପଗୁଡ଼ିକ ଗଢ଼ି ଉଠିଥିଲା। ଏବେ ଉଚ୍ଚପ୍ରଯୁକ୍ତି ବିଦ୍ୟା ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ଆଜି ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି ତାହା ବିଶ୍ୱର ସବୁଠୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରକଳ୍ପ। ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗ ଆରମ୍ଭ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ। ସୂଚନା ଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବ୍ଲି ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡିଏଚଆଇ ମଡ୍ୟୁଲ୍ ଉତ୍ପାଦନ କରିବ। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିହ୍ନା, ୩ଡି ଗ୍ଲାସ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ।

### ୧୦ ଗିରଫ...

ମାଟି ଖନନ ହେଉଥିବା ଖବର ପାଇ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ତାହାକୁ ରୋକିବାକୁ ଯାଇଥିଲେ। ସେଠାରେ ତାଙ୍କୁ ସମ୍ପୃକ୍ତ ଲଘୁ ଖଣିଜ ସମ୍ପଦ ମାଫିଆମାନେ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଆହତ ତହସିଲଦାରଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପ୍ରାୟ ୨ଘଣ୍ଟା ଅପେକ୍ଷା ପରେ ଆବଶ୍ୟକ ଚିକିତ୍ସା ନ ମିଳିବାରୁ ପରିବାରଲୋକେ ତାଙ୍କୁ ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଶନିବାର ଅପରାହ୍ଣରେ ଏହି ଘଟଣା ପରେ ତୁଳତି ସର୍କିଲର ରେଭେନ୍ୟୁ ଇନ୍ସପେକ୍ଟର୍ ଭାବେ କାମ କରୁଥିବା ଇତିଶ୍ରୀ ସେନାପତିଙ୍କ ଲିଖିତ ଅଭିଯୋଗ ପରେ କୋରେଇ ପୁଲିସ ମାମଲା ରୁଜୁ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

### ୨୦ ହଜାର କୋଟିର...

ହଜାର କୋଟି ଟଙ୍କା ଟପିବା ଆଶା କରାଯାଉଛି। ହେଲେ ଏଥିରେ ସବୁଠାରୁ ବଡ଼ କଥା ହେଉଛି ଏହି ରେକର୍ଡ ବାଣିଜ୍ୟ ପରିମାଣ ଏପରି ଏକ ସମୟରେ ଆସିଛି, ଯେତେବେଳେ ସୁନା ଏବଂ ରୂପା ଉଭୟର ମୂଲ୍ୟ ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଗତ ବର୍ଷ, ଅକ୍ଷୟ ତୃତୀୟାରେ ପ୍ରାୟ ୧୬,୦୦୦ କୋଟି ଟଙ୍କାର କାରବାର ରେକର୍ଡ କରାଯାଇଥିଲା। ଏଥର ବୃଦ୍ଧି ପାଉଥିବା ମୂଲ୍ୟ ସତ୍ତ୍ୱେ କାରବାରରେ ବେଶ ଭଲ ଆଶା ରଖିଛନ୍ତି ବ୍ୟବସାୟୀ।

କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଅନୁଯାୟୀ, ଗତ ବର୍ଷ ପ୍ରତି ୧୦ ଗ୍ରାମ ସୁନା(୨୪ କ୍ୟାରେଟ୍) ପ୍ରାୟ ୧ ଲକ୍ଷ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ପ୍ରତି ୧୦ ଗ୍ରାମ ୧.୫୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଅପରପକ୍ଷେ ରୁପା ଗତ ବର୍ଷ କିଲୋ ପିଛା ୮୫,୦୦୦ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ୨.୫୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। କ୍ୟାଟ୍ ଅନୁଯାୟୀ ଅକ୍ଷୟ ତୃତୀୟାରେ ସୁନା କିଣିବା ଏକ ପରମ୍ପରା ରହିଆସିଛି, କିନ୍ତୁ ଉଚ୍ଚ ମୂଲ୍ୟ ଗ୍ରାହକଙ୍କ ଏ ନେଇ ମନୋଭାବରେ ପରିବର୍ତ୍ତନ ଆଣିଛି। ଲୋକମାନେ ବର୍ତ୍ତମାନ ହାଲୁକା ଅଳଙ୍କାର, ରୁପା ଅଳଙ୍କାର, ହୀରା ଅଳଙ୍କାର ଏବଂ ଛୋଟ ସୁନା କଏନ୍ କିଣିବାକୁ ଆଗ୍ରହ ଦେଖାଉଛନ୍ତି। କ୍ୟାଟ୍ ଅନୁଯାୟୀ, ଯଦିଓ ଆକାଶଛୁଆଁ ମୂଲ୍ୟ ଭାରତରେ ସୁନା ଏବଂ ରୁପା କିଣା ପଦ୍ଧତିରେ ପରିବର୍ତ୍ତନ ଆଣିଛି, ତଥାପି ଅକ୍ଷୟ ତୃତୀୟାରେ ମୂଲ୍ୟବାନ ଧାତୁର ରେକର୍ଡ ବିକ୍ରି ହେବାର ଆଶା କରାଯାଉଛି। ଏଥିରେ ପ୍ରାୟ ୨୦,୦୦୦ କୋଟିରୁ ଅଧିକ ମୂଲ୍ୟର କାରବାର ହେବା ଆକଳନ କରାଯାଇଛି। କ୍ୟାଟ୍‌ମତରେ ଚାହିଦାରେ ହ୍ରାସ କରିବା ପରିବର୍ତ୍ତେ, ଗ୍ରାହକମାନେ 'ଅଧିକ ଚିନ୍ତାଶୀଳ ଏବଂ ମୂଲ୍ୟ-ଭିତ୍ତିକ କ୍ରୟ' ଆଡକୁ ମୁହାଁଉଛନ୍ତି। କ୍ୟାଟ୍‌ର ଜାତୀୟ ସଭାପତି ବିସି ଭରତିଆ କହିଛନ୍ତି, ରୁପା ଏବଂ ହୀରା ଉତ୍ପାଦ ଉପରେ ଅଧିକ ଧ୍ୟାନ ଦେବା ସହିତ ହାଲୁକା, ପିନ୍ଧିବା ଯୋଗ୍ୟ ଅଳଙ୍କାର ପ୍ରତି ଏକ ସ୍ୱଷ୍ଟ ଧାରା ରହିଛି। କମ୍ ଗଢ଼ା ମଜୁରୀ ଏବଂ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଭଳି ଆକର୍ଷଣୀୟ ପ୍ରୋତ୍ସାହନ ଗ୍ରାହକମାନଙ୍କୁ କିଣିବା ଲାଗି ଆକର୍ଷିତ କରୁଛି। ଡିଜିଟାଲ୍ ସୁନା, ସାର୍ବଭୌମ ସୁନା ବଣ୍ଡ ଏବଂ ସୁନା ଇଟିଏଫ୍ ଭଳି ବିକଳ୍ପଗୁଡ଼ିକ ପ୍ରତି ମଧ୍ୟ ଗ୍ରାହକଙ୍କର ଏକ ସ୍ୱଷ୍ଟ ଧାରା ରହିଛି, ଯାହା ମୂଲ୍ୟ ହ୍ରାସ ମଧ୍ୟରେ ଲିକ୍ୟୁଡିଟି, ସୁରକ୍ଷା ଏବଂ ନମନୀୟତା ପ୍ରଦାନ କରେ।

### ୧୧ ଜିଲ୍ଲାରେ...

ସୁଦ୍ଧା ଛୁଟି ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡିକ ଆସନ୍ତାକାଲିଠାରୁ ଘ୬. ୩୦ମି ଠାରୁ ସକାଳ ୯ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ପାଣିପାଗ ପରିସ୍ଥିତିକୁ ନିରନ୍ତର ନଜରରେ ରଖିଛନ୍ତି ଏବଂ ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁସାରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit before the Notary Public, Nuapada, dt.09.03.2026, I, Nilam Debi Bhoi, W/o Subas Sabar, Vill: Bhanpur, PS: Komna, Dist: Nuapada hereby declare that my name is wrongly recorded as Niklam Sabar in my Aadhaar Card. My correct name is Nilam Debi Bhoi. Henceforth, I shall be known as **Nilam Debi Bhoi** for all purposes.

Sd/- Nilam Debi Bhoi

OFFICE OF THE SUPERINTENDING ENGINEER 34001/67/2627
DHENKANAL (R&B) DIVISION, DHENKANAL
Email – eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SE DKL (R&B). 02/ 2026-27
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 2 Nos Civil works |
| 3. | No. of work | : | 02 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | "B', 'C' & "D" License |
| 6. | Availability of Bid Documents in the website | : | From 10.00 AM of 22.04.2026 to 5.00 PM of 07.05.2026 |
| 7. | Date of Opening of Bid | : | Dt. 08.05.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division
OIPR-34001/34016/1/26-27/0002

4001/26/2627 ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT; POST: BALIMELA; DIST: MALKANGIRI (ODISHA); PIN: 764051
Phones: 06861-232581 (O)/232641 (R); FAX: 06861-232541; E-Mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR – 751022
Tel: 91-0674-2542983, 2542802, 2545526; Fax: 2542102
E-MAIL: ohpc.com@gmail.com / md@ohpcltd.com
CIN: U40101OR1995SGC003963, GSTIN-21AAACO2575P1Z9
OHPC

TENDER CALL NOTICE No. BHEP/TECH/02/2026-27 Dtd. 15.04.2026

The sealed tenders are invited in single part bid basis from the Manufacturer / Reputed Suppliers / Authorized Dealers for supply of materials as detailed below.

| Sl. No | Description of Items | Cost of Tender Paper |
|---|---|---|
| 1 | Supply, Erection & Commissioning of Shaft Seal Sediment Filter System (15,000 LPH) for BHEP, Balimela | Rs. 7080/- (Inclusive of GST @ 18%) |

The Sale of Tender Paper Will be from:18.04.2026 to 30.04.2026 (up to 10:30 hrs)
The Last Date of Receipt of Tenders : Up to 11:00 hrs on 30.04.2026
Date & Time of Opening of Bid : 30.04.2026 at 11:30 hrs
For details of tender documents Terms and conditions Eligibility criteria and downloading please visit our website at www.ohpcltd.com

C&P HEAD
BHEP, Balimela
OIPR-4001/4019/1/26-27/0003

## ମାନସିକ ଓ ବୌଦ୍ଧିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ସଚେତନତା



କେସିଙ୍ଗା, ୧୯ ।୪(ସମିସ): ଆୟୁଷ୍ମାନ ଆରୋଗ୍ୟ କାଣ୍ଡେଲ ଠାରେ ମାନସିକ ଓ ବୌଦ୍ଧିକ ଅନଗ୍ରସର ବ୍ୟକ୍ତିମାନଙ୍କ ସାମାଜିକ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତାଲୁକ ଆଇନ ସହାୟକ ସେବା କେସିଙ୍ଗା ତରଫରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାମାଜିକ ଅବହେଳିତ ହୋଇ ରହିଥିବା ବ୍ୟକ୍ତିମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ସୁଯୋଗ ଦେବା ଓ ସେମାନଙ୍କର ଆଇନଗତ ଅଧିକାର ବିଷୟରେ ସାଧାରଣଜନତାଙ୍କୁ ଅବଗତ କରାଇବା। ମୁଖ୍ୟ ଅତିଥି ଭାବରେ କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଦୀପ୍ତା ସେଠୀ ଯୋଗଦେଇ ଭାରତ ସରକାରଙ୍କ 'ଅକ୍ଷମବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ଅନୁଯାୟୀ ମାନସିକ ଓ ବୌଦ୍ଧିକ ଅକ୍ଷମ ବ୍ୟକ୍ତିମାନଙ୍କ ବିଭିନ୍ନ ଅଧିକାର ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାଣ୍ଡେଲ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ହରେକୃଷ୍ଣ ଧଳ ଯୋଗ ଦେଇ ସାମାଜିକ କୁସଂସ୍କାର ଦୂର କରିବା ଏବଂ ମାନସିକ ଓ ବୌଦ୍ଧିକ ମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବା ପ୍ରତ୍ୟେକ ନାଗରିକର ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ। ଡାକ୍ତର ପ୍ରଣତି ହଂସରାଳି, ଆଶାଲତା ହୋତା, ପଲ୍ଲବି ନାଏକ, ବିକାଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଭିନ୍ନ ଆୟୁଷ୍ମାନ କେନ୍ଦ୍ରର ସିଏଚଓ, ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା ଦିଦି, ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜିବୀ ଯୋଗ ଦେଇଥିଲେ। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରାମର୍ଶଦାତା ବିଭୁ ପ୍ରସାଦ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଫାର୍ମାସିଷ୍ଟ ଗରୁଡ଼ ସା ଧନ୍ୟବାଦ୍ ଅର୍ପଣ କରିଥିଲେ।

### କଳାହାଣ୍ଡିରେ ରୌଦ୍ରତାପ, ଅସ୍ତବ୍ୟସ୍ତ ଜନଜୀବନ

# ସମସ୍ୟା ବଢ଼ାଉଛି ପାୱାର କଟ୍ ଓ ଲୋ-ଭୋଲ୍ଟେଜ୍

ଭବାନୀପାଟଣା, ୧୯ ।୪(ସମିସ)



ଗତ ୪ଦିନ ମଧ୍ୟରେ ହଠାତ୍ କଳାହାଣ୍ଡିରେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ଗାଁରୁ ସହର ସବୁଠି ଏବେ ଖରାର ରାଜୁତି। ଅସହ୍ୟ ତାତି ଦିନସାରା ଲୋକଙ୍କୁ ଦହଗଞ୍ଜ କରୁଛି। ସହରର ରାସ୍ତାଘାଟ, ବସଷ୍ଟାଣ୍ଡ, ବଜାର୍ ଜନଶୂନ୍ୟ ହୋଇପଡୁଛି। ଏଭଳି ସାରା ଦିନ ଖରା ପ୍ରକୋପର ସାମ୍ନା କରୁଛନ୍ତି କଳାହାଣ୍ଡିବାସୀ। ଯାହାହେଉ ଜିଲ୍ଲା ପ୍ରଶାସନ ସ୍କୁଲ ଓ ଅଙ୍ଗନବାଡ଼ି ଗୁଡ଼ିକୁ ୨୧ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। କିନ୍ତୁ କଲେଜ ପାଠ ପଢ଼ା ଚାଲିଛି। କଲେଜ ଛାତ୍ରମାନେ ବାଧହୋଇ କଲେଜ ଯାଉଥିବା ଦେଖିବାକୁ ମିଳୁଛି। ଗୁଲୁଗୁଲିରେ ଜୀବନ ଡହକବିକଳ ଲାଗୁଛି। ତାପମାତ୍ରା ୪୨ ଡିଗ୍ରୀରୁ ତଳକୁ ଖସୁନି। ବିଶେଷ ଭାବେ ବିଦ୍ୟୁତ ସେବାରେ ବେଖିଆଲି ଭାବି ସାଧାରଣ ଜନତାଙ୍କୁ ଅତିଷ୍ଠ କରୁଛି। ପୌର ପରିଷଦର ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଉପଭୋକ୍ତାଙ୍କ ସହିତ ବିଦ୍ୟୁତ ବିଭ୍ରାଟ ସମ୍ପର୍କରେ ବୁଝିବାକୁ ଉଚ୍ଚ ଅଧିକାରୀଙ୍କ ନିକଟକୁ ଯାଇଥିଲେ। କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ମାନେ ସମସ୍ୟା କ'ଣ ବୋଲି ଓଲଟା ପ୍ରଶ୍ନ କରୁଥିଲେ। ମାର୍ଚ୍ଚ ମାସ ରାଜସ୍ୱ ଆଦାୟ ଟେନସନ ପାର୍ ହୋଇଯାଇଛି। ଏବେ ଅନ୍ତତଃ ବିଦ୍ୟୁତ ଗ୍ରାହକଙ୍କ ସମସ୍ୟା ବୁଝିବା ସମୟ ଆସିଛି। କିନ୍ତୁ ସେଥିପ୍ରତି କେହି ତତ୍ପର ଥିବା ଜଣାପଡୁନାହିଁ। ସେହିପରି ସହରରେ ପାନୀୟଜଳକଷ୍ଟ ଦାଉ ସାଜୁଛି। ନିୟମିତ ଭାବେ ପିଇବା ପାଣି ପାଇପ ମାଧ୍ୟମରେ ଯୋଗାଇ ଦିଆଯାଉ ନାହିଁ। କେତେବେଳେ ମୋଟର ଜଳିଯାଉଛି ତ ଅନ୍ୟ ସମୟରେ କିଛିନା କିଛି ତ୍ରୁଟି ଦର୍ଶାଇ ପିଇବା ପାଣି ସହରବାସୀଙ୍କୁ ଯୋଗାଇବାରେ ବିଭାଗ ବିଫଳ ହେଉଛି। ସେପଟେ ସକାଳ ୭ଟାରୁ ସୂର୍ଯ୍ୟଙ୍କ କୋପ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ତାତିରେ ଆଉଟୁପାଉଟୁ ହେବାକୁ ସ୍ଥିତି ବାଧ କରୁଛି। ଦିନସାରା ଗରମ କାରଣରୁ ରାତିରେ ମଧ୍ୟ ଅସ୍ଥିର ଲାଗୁଛି। ଏଭଳି ସମୟରେ ବାରମ୍ବାର ଲାଇନ କଟ୍ ନିଆଁରେ ଘିଅ ଢାଳିଲା ଭଳି କାମ କରୁଛି। କଳାହାଣ୍ଡି ଜିଲ୍ଲାର ସହର ଓ ଗ୍ରାମାଞ୍ଚଳରେ ଏପରି କଲବଲ ବେଶୀ ଅନୁଭୂତ ହେଉଥିବା ଜଣାପଡ଼ିଛି। ତେବେ ଏ ପ୍ରକାର ଗ୍ରୀଷ୍ମ ଲହର ଚାଲିଥିବାବେଳେ ଠିକ ହିସାବରେ ବିଦ୍ୟୁତସେବା ଯୋଗେଇ ଦେବାକୁ ସାଧାରଣରେ ଦାବି ହେଉଛି। କଲେଜ ଗୁଡ଼ିକୁ ତୁରନ୍ତ ଛୁଟି ଘୋଷଣା କରି ସ୍କୁଲ ଛାତ୍ରଛାତ୍ରୀଙ୍କ ଗ୍ରୀଷ୍ମ ଛୁଟି ବଳବତ୍ତର ରଖିବାପାଇଁ ବିଭିନ୍ନ ମହଲରୁ କୁହାଯାଇଛି।

## ରେଣୁ ବିଶି ପାଇବେ ଜାତୀୟ ଶିଶୁ କଳାକାର ବୃତ୍ତି ସମ୍ମାନ



ଭବାନୀପାଟଣା, ୧୯ ।୪(ସମିସ): ଟିଭିସେଣ୍ଟର୍‌ପଡ଼ାର ଯୋଗେଶ୍ୱର ବିଶି ଓ ରେବତୀ ବିଶିଙ୍କ ସୁପୁତ୍ରୀ ରେଣୁ ବିଶି ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନସ୍ଥ ସିସିଆରଟି ତରଫରୁ ଜାତୀୟ ଶିଶୁ କଳାକାର ବୃତ୍ତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେ ସରସ୍ୱତୀ ଶିଶୁମନ୍ଦିର ବାଲାଜୀ ବିହାରର ଅଷ୍ଟମ ଶ୍ରେଣୀର ଛାତ୍ରୀ। ସକ୍ଷମ ନୃତ୍ୟ ଏକାଡେମୀରେ ଗୁରୁଶ୍ରୀ ଲିପ୍ସା ରାଣୀ ବାରିକଙ୍କ ଠାରୁ ଲୋକନୃତ୍ୟ ପ୍ରଶିକ୍ଷଣ ନେଇ ସମ୍ମାନ ପାଇବା ପାଇଁ ଚୟନ ହୋଇଛନ୍ତି। ରେଣୁ ବିଶି କଳାହାଣ୍ଡିର ଲୋକନୃତ୍ୟରେ ୭ ବର୍ଷ ପର୍ଯ୍ୟନ୍ତ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିବେ। ରେଣୁ ବିଶି ବୃତ୍ତି ପାଇବା ନେଇ ଜିଲ୍ଲାରେ ଖୁସିର ଲହର ଖେଳିଯାଇଛି। ତାଙ୍କ ପରିବାର ସହ ବିଶିଷ୍ଟ ନାଟ୍ୟକାର ପରମେଶ୍ୱର ମୁଣ୍ଡ, ବିଶିଷ୍ଟ ସଂସ୍କୃତି ଗବେଷକ ଧ୍ୟାନାନନ୍ଦ ପଣ୍ଡା, ସମାଜସେବୀ ଆଲୋକ କୁମାର ସାହୁ, ଗୁରୁ ସଙ୍ଗୀତା ରାଉତ, ଗୌରୀଶଙ୍କର ଦୁର୍ଗା, ଜନ୍ମେଜୟ ନାଏକ ଅଭିନନ୍ଦନ ଜଣାଇଥିଲେ।

## ସଂସ୍କୃତ ବିଭାଗର ଶୈକ୍ଷିକ ଭ୍ରମଣ

ଭବାନୀପାଟଣା/କର୍ଲାପଡ଼ା, ୧୯ ।୪(ସମିସ): ଭବାନୀପାଟଣା ବ୍ଲକ ଅଧୀନ କର୍ଲାପଡ଼ା ସ୍ନାତକ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀମାନେ ବିଭାଗୀୟ ମୁଖ୍ୟ ଲଳିତକୁମାର ପଣ୍ଡା ଏବଂ ଡ଼. ମଧୁମିତା ଧଙ୍ଗଡ଼ାମାଝୀଙ୍କ ନେତୃତ୍ୱରେ ଚତୁର୍ଥ ଶତ୍ରର ଛାତ୍ରଛାତ୍ରୀମାନେ ରାଣୀପୁର ଝରିଆଲ ସ୍ଥିତ ଚୌଷଠୀ ଯୋଗିନୀ ମନ୍ଦିରକୁ ଶୈକ୍ଷିକ ଭ୍ରମଣରେ ଯାଇଥିଲେ। ଏହି ଅବସରରେ ବିଭାଗୀୟ ମୁଖ୍ୟ ଚୌଷଠୀ ଯୋଗିନୀଙ୍କ ମହତ୍ୱ ସମ୍ପର୍କରେ ଆଲୋକପାତ କରି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଯୋଗିନୀ ମାନଙ୍କ ବିଷୟରେ ଏକ ତଥ୍ୟ ଭିତ୍ତିକ ନିବନ୍ଧ ଉପସ୍ଥାପନା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକତିରିଶ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଇନ୍ଦ୍ରି, ବାରାହୀ, ଯୋଗିନୀ, ବୈଷ୍ଣବି, କାତ୍ୟାୟିନୀ, ଛିନ୍ନମସ୍ତା, ତାରା ଉଗ୍ରତାରା, ଭବାନୀ, ଇନ୍ଦ୍ରାଣୀ ଇତ୍ୟାଦିଙ୍କ ବିଷୟରେ ନାମର ମଧ୍ୟ ପ୍ରତିପାଦନ କରିଥିଲେ।

## ପାଣି ବିନ୍ଦୁ ଓ ପକ୍ଷୀ ବନ୍ଧୁ କାର୍ଯ୍ୟକ୍ରମ




ଭବାନୀପାଟଣା, ୧୯ ।୪(ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପାଣି ବିନ୍ଦୁ ଓ ପକ୍ଷୀ ବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରୀଷ୍ମ ଋତୁରେ ପକ୍ଷୀମାନଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ ପାତ୍ରରେ ପାଣି ରଖନ୍ତୁ ଭଳି ଏହି ଛୋଟ ପଦକ୍ଷେପ ନିଆଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଉତ୍ତର ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଏହି ପଦକ୍ଷେପ ହାତକୁ ନେଇଛନ୍ତି। ସହରର ଅନେକ ସ୍ଥାନ ସହ ପୁରୁଣାପଡ଼ାସ୍ଥିତ ଶ୍ମସାନରେ ଥିବା ଛୋଟ ବନାନୀରେ ମଧ ପାଣି ବିନ୍ଦୁ ଓ ପକ୍ଷୀ ବନ୍ଧୁ କାର୍ଯ୍ୟକ୍ରମ ଜରିଆରେ ଗଛ ଓହଳରେ ମାଟି ହାଣ୍ଡିରେ ପାଣି ରଖାଯାଇଛି।

## ଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଶିବିର; ୭୫ ୟୁନିଟ ସଂଗ୍ରହ



ସିନାପାଲି, ୧୯ ।୪(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରବିବାର ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସିନାପାଲି ବ୍ଲକ ଅଧୀନ ୧୬ଟି କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ରକ୍ତଦାତା ୭୫ ଜଣ ରକ୍ତଦାନ କରିଥିଲେ। ବିଇଓ ଯତୀନ୍ଦ୍ର କୁମାର ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ କର୍ମୀ ଓରାମ, ମେଡିକାଲ ଅଫିସର ଶ୍ରୀମାନ ସାହୁ, ଡାକ୍ତର ନୈମିଶ ସା, ଏବିଇଓ ପ୍ରଦୀପ ପଣ୍ଡା, ଓଷ୍ଟାର ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ, ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମନୋରଞ୍ଜନ ମେହେର, ବୈଷ୍ଣବ ମେହେର, ତରୁଣ କୁମାର ମେହେର, ଶିକ୍ଷକ ସଂଘ ସମ୍ପାଦକ ବାଲାଜୀ ହରିଜନ, ସିଆରସିସି ସଂଘ ସଭାପତି ଜଗଦୀଶ ତାଣ୍ଡିଙ୍କ ସମେତ ସିଆର୍‌ସିସି ବଂଶୀଧର ଜଗତ, ବିଭୂତି ମେହେର, ଦୁର୍ଯ୍ୟୋଧନ ମାଝୀ, ଉପେନ୍ଦ୍ର ସୁନାନୀ, ଭୀଷ୍ମରାଜ ମେହେର, ଖଗେଶ୍ୱର ବାଗ, ମହେନ୍ଦ୍ର ବାଗ, ପ୍ରଦୀପ ନାଏକ, ରାଧେଶ୍ୟାମ ସୁନାନୀ, ଯାଜ୍ଞେଶ୍ୱର ମେହେର, ସଞ୍ଜୟ ବୈଠାରୁ, ଭୀମସେନ ମେହେର, ହେତୁରମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୌତମ ମେହେର, ପ୍ରେମାନନ୍ଦ ମେହେର, ପଙ୍କଜିନୀ ତାଣ୍ଡି, ପ୍ରତିଶ୍ୱରୀ ପାତ୍ର, ସତ୍ୟରୂପା ଯୋଷୀ, ଝରଣା ସାଗର ଦୁରିଆ, ଜୟଶ୍ରୀ ସ୍ୱାଇଁ, ସୁରଭି ପଣ୍ଡା, ବେଲମତି ଧରୁଆ, ସାନୁର୍ଯ୍ୟ ମେହେର, ରମେଶ ମେହେର, ପ୍ରସନ୍ନ ସାହୁ, ହରେକୃଷ୍ଣ ମେହେର, ସନ୍ତୋଷ ବନ୍ଦୀଛୋର, କ୍ଷଣସୁନ୍ଦର ମେହେର, ଗୁପ୍ତେଶ୍ୱର ମାଝୀ, ସୁନୀଲ ହେର୍ଣ୍ଣା, ଗିରିଧାରୀ ମେହେର ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ, ବିଇଓ ଅଫିସ କର୍ମଚାରୀ ଓ ସ୍ଥାନୀୟ ପିଏମଶ୍ରୀ ହାଇସ୍କୁଲ ଷ୍ଟାଫ୍ ସହଯୋଗ କରିଥିଲେ। ରକ୍ତ ସଂଗ୍ରହରେ ଜିଲ୍ଲା ମେଡିକାଲରୁ ଆସିଥିବା କିରଣ ସିଂ ଧରୁଆ, ଘନଶ୍ୟାମ ପଧାନ, ଲିଙ୍ଗେଶ୍ୱର ଦାସ, ହେତୁରାମ ହଂସ, ଜୟନ୍ତ ସାହୁ, ମୋତି ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

## ସୁବର୍ଣ୍ଣଗ୍ରାହୀ ବୈଶ୍ୟ ଶୁଣ୍ଢୀ ସମାଜର ମହାସଭା




ଗୋଲାମୁଣ୍ଡା, ୧୯ ।୪(ସମିସ): ସୁବର୍ଣ୍ଣଗ୍ରାହୀ ବୈଶ୍ୟ ଶୁଣ୍ଢୀ ସମାଜ ଆମାଠୋଲା ଅଞ୍ଚଳ ଗୋଲାମୁଣ୍ଡା ବ୍ଲକ କର୍ମାଟ ଗ୍ରାମରେ କଳାହାଣ୍ଡି, ବରଗଡ଼, କନ୍ଧମାଳ, ରାୟଗଡ଼ା, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର ସମସ୍ତ ଶୁଣ୍ଢୀ ସମାଜ ପରିବାର ମିଳିତ ଉଦ୍ୟମରେ ମହାସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ମୋହନଗିରି ଅଞ୍ଚଳର ପୂର୍ବତନ ସମ୍ପାଦକ ଝାରୁ ବେହେରା, ବଲାଙ୍ଗିର ଜିଲ୍ଲା ଲାଠୋର ଅଞ୍ଚଳର ଯୁବରାଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୋହନଗିରି ଅଞ୍ଚଳ ସଭାପତି ମକାରଧ୍ୱଜ ବେହେରା, ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା, ଲାଞ୍ଜିଗଡ଼ ଅଞ୍ଚଳ ସଭାପତି ଦେବାର୍ଚ୍ଚନ ବେହେରା, ସମ୍ପାଦକ ରାମପ୍ରସାଦ ବେହେରା, ବିଶ୍ୱନାଥପୁର ଅଞ୍ଚଳ ସଭାପତି ଗଜେନ୍ଦ୍ର ସାହୁ, ସମ୍ପାଦକ ମକାରୁ ବେହେରା, ଖପ୍ରାଖୋଲ ଅଞ୍ଚଳ ସଭାପତି ଯୁବରାଜ ବେହେରା, ସମ୍ପାଦକ ଜଳନ୍ଧର ବେହେରା, କଣ୍ଟାବାଞ୍ଜି ଅଞ୍ଚଳ ସଭାପତି ଗଜେନ୍ଦ୍ର ବେହେରା, ଚାନ୍ଦୋତାର ସମ୍ପାଦକ ନୟନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନନ୍ତ ରାମ ବେହେରା, କନ୍ଦେଶ୍ୱର ବେହେରା ସୁଦର୍ଶନ ବେହେରା, ବିରଞ୍ଚି ବେହେରା, ଗୋକୁଳ ବେହେରା, ସୁରେନ୍ଦ୍ର ବେହେରା, ଭବାନୀ ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଉପଦେଷ୍ଟା ସଦସ୍ୟ ଦୈତାରୀ ଚଲାନ, ଜେନାମଣି ବେହେରା, ସୁଦର୍ଶନ ବେହେରା, ହେମାଳ ବେହେରା, ଚୂଡ଼ାମଣି ବେହେରା ଯୋଗଦେଇ ଥିଲେ ମଞ୍ଚ ପରିଚାଳନା ସମ୍ପାଦକ ଘନଶ୍ୟାମ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ।

## ରାକ୍ସିରେ ପୋଷଣ ପକ୍ଷ କାର୍ଯ୍ୟକ୍ରମ



ଭବାନୀପାଟଣା, ୧୯ ।୪(ସମିସ): ନର୍ଲା ବ୍ଲକ ରାକ୍ସି ଅଙ୍ଗନବାଡି କେନ୍ଦ୍ର ପରିସରରେ ଶନିବାର ପୋଷଣ ପକ୍ଷ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ସିଡ଼ିପିଓ ଅଞ୍ଜଳି ପଟ୍ଟନାୟକ, ସୁପରଭାଇଜର ଯଶୋବନ୍ତୀ ନାଏକ ଓ ଆଇସିଡିଏସ୍ ପୋଷଣ ବିଭାଗର ବିସି ଉମା ମହାନନ୍ଦ ଉପସ୍ଥିତ ରହି ଜନ୍ମରୁ ପ୍ରଥମ ୬ ବର୍ଷ ଶିଶୁ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ବର୍ଷ ମଧ୍ୟରେ ଶିଶୁର ମସ୍ତିଷ୍କର ବିକାଶ ତୀବ୍ର ଗତିରେ ହୋଇଥାଏ। ତୃଣମୂଳ ସ୍ତରରେ ପ୍ରତ୍ୟେକ ମା'ମାନେ ଶିଶୁମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ପୋଷଣର ବିକାଶ ପାଇଁ ସୁଷମ ଖାଦ୍ୟ, ବ୍ୟାୟାମ ଓ ପରିଷ୍କାର ପରିଚ୍ଛନ୍ନତାକୁ ଆପଣାଇ ନିଜ ପିଲାର ବିକାଶ ସାଧନ ପାଇଁ କିଭଳି ଗୁରୁତ୍ୱ ଦେବେ ତାହା ସଚେତନ କରିବା କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ରହିଛି ବୋଲି କହିଥିଲେ। ଏଥିରେ ୨୨ଟି ସେଣ୍ଟରର ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରିଆଁ, ରାକ୍ସି, ଗାଡେବନ୍ଧ ଓ ରୁପ୍ରାରୋଡ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ।

## ୨୩ରେ ଭାରତ ବନ୍ଦ ଆହ୍ୱାନ

ଭବାନୀପାଟଣା, ୧୯ ।୪(ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ପଛୁଆ ବର୍ଗ, ଦଳିତ, ଆଦିବାସୀ ଓ ଅଳ୍ପସଂଖ୍ୟକ ସମ୍ପ୍ରଦାୟର ସହିତ ଯଥାର୍ଥ ନ୍ୟାୟ ହେଉନାହିଁ ବୋଲି ଅଭିଯୋଗ କରିଛି ଭାରତ ମୁକ୍ତି ମୋର୍ଚ୍ଚା କଳାହାଣ୍ଡି ଜିଲ୍ଲା କମିଟି। ଆଜି ଏନେଇ ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜନ ହୋଇଥିଲା। ସମ୍ମିଳନୀରେ ଜାତି ଆଧାରିତ ଜନଗଣନା ସମେତ ମୋଟ ୯ ଦଫା ଦାବି ଉପସ୍ଥାପନ କରାଯାଇଛି। ଏହି ଦାବିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ଚ୍ୟାଲେଞ୍ଜ ଦିଆଯାଇଛି। ସମ୍ମିଳନୀରେ ବକ୍ତାମାନେ କହିଛନ୍ତି ଯେ, ଜାତି ଜନଗଣନା ବିନା ସମାଜିକ ନ୍ୟାୟ ସମ୍ଭବ ନୁହେଁ। ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ ପଛୁଆ ବର୍ଗଗୁଡ଼ିକ ଶିକ୍ଷା, ଚାକିରି ଓ ରାଜନୈତିକ କ୍ଷେତ୍ରରେ ବ୍ୟାପକ ଭାବେ ବଞ୍ଚିତ ହେଉଛନ୍ତି। ସମସ୍ତ ବହୁଜନ ସମାଜ, ଶିକ୍ଷିତ ଯୁବକ, ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏପ୍ରିଲ ୨୩ରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ସମଗ୍ର ଓଡ଼ିଶା ଓ ଦେଶବାସୀଙ୍କୁ ଆହ୍ୱାନ କରାଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଆଦିତ୍ୟ ହଂସ ଯାଦବ, ଠାକୁର ମଙ୍ଗରାଜ ଏବଂ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ସୁନାନୀ ଉପସ୍ଥିତ ଥିଲେ। ସଂଗଠନର ନେତୃତ୍ୱ କରି ବକ୍ତାମାନେ କହିଛନ୍ତି ଯେ, ଏହି ଦାବିଗୁଡ଼ିକ କେବଳ କଳାହାଣ୍ଡି ଜିଲ୍ଲା ପାଇଁ ନୁହେଁ, ସମଗ୍ର ଓଡ଼ିଶାର ପଛୁଆ ବର୍ଗଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ସରକାର ଯଦି ଏହି ଦାବିଗୁଡ଼ିକୁ ଉପେକ୍ଷା କରନ୍ତି, ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସତର୍କ କରାଯାଇଛି।



## ମାନସିକ ରୋଗୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



ଥୁଆମୂଳରାମପୁର, ୧୯ ।୪(ସମିସ): କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଅଞ୍ଚଳରେ ମନୋରୋଗୀ ବ୍ୟକ୍ତିମାନଙ୍କ ସୁରକ୍ଷା, ସେବା ଏବଂ ଅଧିକାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମ ତାଲୁକ ଆଇନ ସେବା କମିଟିଙ୍କ ଅଧୀନରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ମାଜିଷ୍ଟ୍ରେଟ ଡ଼ଃ ତାରିଣୀ ପ୍ରସାଦ ସାହୁ। ସେ ତାଙ୍କ ଅଭିଭାଷଣରେ ମନୋରୋଗୀ ବ୍ୟକ୍ତିମାନଙ୍କ ପ୍ରତି ସମାଜର ଦୃଷ୍ଟିକୋଣ ପରିବର୍ତ୍ତନର ଆବଶ୍ୟକତା ଉଲ୍ଲେଖ କରିଥିଲେ। ମନୋସ୍ୱାସ୍ଥ୍ୟ ସମସ୍ୟା କୌଣସି ଲଜ୍ଜାର ବିଷୟ ନୁହେଁ, ବରଂ ଏହାକୁ ସମୟରେ ଚିହ୍ନଟ କରି ସଠିକ ଚିକିତ୍ସା ଓ ସହଯୋଗ ଦେବା ଅତ୍ୟାବଶ୍ୟକ। ସଚେତନତା କାର୍ଯ୍ୟକ୍ରମରେ ଥୁଆମୂଳରାମପୁର ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପ୍ରଦ୍ୟୋଷ କୁମାର ପଣ୍ଡା ମନୋରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ପର୍କରେ ବିସ୍ତାରିତ ଆଲୋଚନା କରିଥିଲେ। ସେ ସାଧାରଣ ଲୋକଙ୍କୁ ମନୋସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ସମୟରେ ଡାକ୍ତରଙ୍କ ପରାମର୍ଶ ନେବାକୁ ଅନୁରୋଧ କରିଥିଲେ। ସେହିପରି, ସିଡିପିଓ ମଧୁମାଳା ବାଗ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ୍ ମନୋରୋଗୀ ବ୍ୟକ୍ତିମାନଙ୍କ ପାଇଁ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ତଥ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଏପିପି ପ୍ରିୟଙ୍କା ମାଝୀ, ଆଇନଜୀବୀ ଦିଲ୍ଲୀପ କୁମାର ନାଏକ ଓ ତୁଳସୀରାମ ମାଝୀ ଉପସ୍ଥିତ ରହି ମନୋରୋଗୀ ବ୍ୟକ୍ତିମାନଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ଦିଲ୍ଲୀପ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ବରିଷ୍ଠ କିରାଣୀ ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କୋର୍ଟ କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ମହଗାଁରେ ପାନୀୟ ଜଳ ସଙ୍କଟ

# ଶୁଣୁନି ପ୍ରଶାସନ, ସପ୍ତାହେ ହେଲା ଜଳ ଯୋଗାଣ ବନ୍ଦ

ସିନାପାଲି, ୧୯ ।୪(ସମିସ)



ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଟାଣ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବାବେଳେ ପାଣି ମୁନ୍ଦାଏ ପାଇବା ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଏପରିକି ଦୂଷିତ ଜଳପାନ କରି ଗ୍ରାମର ୨୦ରୁ ଊର୍ଦ୍ଧ୍ୱଲୋକ କିଡ୍‌ନୀରୋଗରେ ପୀଡ଼ିତ ଥିବାବେଳେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ହେଲେ ଏଭଳି ଏକ ଗାଁରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ପାଣି ଯୋଗାଣ ପ୍ରଶାସନ ବନ୍ଦ କରି ଦେଇଥିବାବେଳେ ଅଭିଯୋଗ କଲେ ମଧ ଶୁଣୁ ନଥିବା ଅଭିଯୋଗ ହେଉଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ପଞ୍ଚାୟତସ୍ଥିତ ମହଗାଁରେ ଏଭଳି ଅବସ୍ଥା ଲାଗି ରହିଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀ ତଥା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଗାଁ ଚାରିଆଡେ ଛୋଟ ପାହାଡ଼ ଘେରି ରହିଥିବାବେଳେ ଗାଁରେ ଥିବା ନଳକୂପ ଗୁଡ଼ିକରେ ଆବଶ୍ୟକ ପାଣି ବାହାରୁ ନାହିଁ। ଏପରିକି ଯେଉଁ ନଳକୂପ ରହିଛି, ସେଥିରୁ ଦୂଷିତ ଜଳ ବହାରୁଛି। ଯାହାଫଳରେ ଏହିଜଳ ବ୍ୟବହାର କରି ଗ୍ରାମର ଅଧିକାଂଶ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଗାଁରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପ୍ରଶାସନ ପକ୍ଷରୁ ଗୋଡାଳଠାରେ ଜଳ ଯୋଗାଣ ଟ୍ୟାଙ୍କ ବସାଇ ସିନାପାଲି ଉଦନ୍ତୀ ନଦୀରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ପ୍ରକଳ୍ପରୁ ପାଣି ଛାଡ଼ିବା ପାଇଁ ମନା କରାଯାଇଛି। ଏହି ପ୍ରକଳ୍ପ ବନ୍ଦ ରହିଥିବାରୁ ଗୋଡାଳ, ମହଗାଁ, କୋଟାମାଳ, ବ୍ରାହ୍ମଣପଡ଼ା ଗ୍ରାମକୁ ମଧ୍ୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବିଭାଗୀୟ ଯନ୍ତ୍ରୀ ଲକ୍ଷ୍ମୀ ବାଗଙ୍କୁ ପଚାରିବାରୁ କେତେବେଳେ କାର୍ଯ୍ୟ ଚାଲିଥିବା କହୁଥିବାବେଳେ କେତେବେଳେ ସମସ୍ୟା ଉପରେ ପଚାରି ବୁଝୁଛି ବୋଲି ହାଲୁକା ଭାବରେ ଉତ୍ତର ଦେଇଥିଲେ।

## କଳାହାଣ୍ଡି-ନୂଆପଡ଼ା ଜିଲ୍ଲାରେ ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ଦାବି

ଭବାନୀପାଟଣା, ୧୯ ।୪ (ସମିସ): କଳାହାଣ୍ଡି-ନୂଆପଡ଼ା ଜିଲ୍ଲାରେ ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିକଶିତ କଳାହାଣ୍ଡି ନୂଆପଡ଼ା ଅଧ୍ୟକ୍ଷ ଡ.ଭବାନୀ ଶଙ୍କର ନିଆଲ ଜିଲ୍ଲାପାଳ କଳାହାଣ୍ଡିଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ପ୍ରତିଲିପି ଭାରତର ପ୍ରଧାନମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଆଦିବାସୀ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବ ଓଡ଼ିଶାଙ୍କୁ ପ୍ରଦାନ କରିଛନ୍ତି। ଜନଜାତି ପର୍ଯ୍ୟଟନ ହେଉଛି ପର୍ଯ୍ୟଟନର ଏକ ବିଶେଷ ଦୁଆର ଏହା ସାଂସ୍କୃତିକ ଯାତ୍ରା ଭାବେ ପର୍ଯ୍ୟଟକମାନଙ୍କୁ ଜନଜାତିଙ୍କ ନିଆରା ଜୀବନଶୈଳୀ, ପରମ୍ପରା, ସଂସ୍କୃତି ଓ କଳା ସହିତ ପରିଚିତ କରାଇଥାଏ। ପର୍ଯ୍ୟଟକମାନଙ୍କୁ ଭିନ୍ନ ଏକ ଅନୁଭବ ପ୍ରଦାନ କରିଥାଏ। ଅତିନିକଟରୁ ସେମାନେ ଆଦିବାସୀମାନଙ୍କ ଜୀବନର ଅନନ୍ୟତାକୁ ଅନୁଭବ କରିବାର ସୁଯୋଗ ପାଇଥାନ୍ତି। ଜିଜ୍ଞାସୁ ଓ ଅନ୍ତର୍ମୁଖୀମାନଙ୍କ ପାଇଁ ଅପୂର୍ବ ସୁଯୋଗ ଦେଇଥାଏ। ଜନଜାତି ଗ୍ରାମ, ହାଟ, ଯାତ୍ରା, ମେଳଣ ଆଦି ଭ୍ରମଣ ବ୍ୟତୀତ ସେମାନଙ୍କ ଭାଷା, ଖାଦ୍ୟ, ଗୀତ, ସଙ୍ଗୀତ, ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା; ଆଦିବାସୀ ଦେବତା, ପୂଜା ପଦ୍ଧତି ଆଦି ଦେଖିବା, ସେମାନଙ୍କର ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ଗୀତ, ସଙ୍ଗୀତ ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା ଆଦିବାସୀ ଦେବତା ପୂଜା ପଦ୍ଧତି ଆଦି ଦେଖିବା ସେମାନଙ୍କ ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ବାଦ୍ୟଯନ୍ତ୍ର, କାଛଚିତ୍ର କଳା, ହସ୍ତଶିଳ୍ପ, ପର୍ଯ୍ୟଟନର ଆଦି ଅନ୍ତର୍ଭୁକ୍ତ। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ବିଶେଷ କରି କେବିକେ, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ପର୍ଯ୍ୟଟନ ପରିଚାଳନା ମାଧ୍ୟମରେ ଏକ ସ୍ଥାୟୀ ବିକାଶ ସୁନିଶ୍ଚିତ କରାଯାଇପାରିବ ବୋଲି ସ୍ମାରକପତ୍ରରେ ନିବେଦନ କରାଯାଇଛି। କଳାହାଣ୍ଡି ଜିଲ୍ଲାର କର୍ଲାପାଟ ୱାଇଲଡ୍ ଲାଇଫ୍, ଜାକମ, ରାବଣଧାରା, ଫୁରଲି ଝରଣ, ଡୋକରୀ ଚଞ୍ଚରା, ଇନ୍ଦ୍ରାବତୀ ଡ୍ୟାମ ଏବଂ ଭଜରଗଡ଼ ଜଳପ୍ରପାତ ଏବଂ ନୂଆପଡ଼ା ଜିଲ୍ଲାର ସୁନାବେଡା ୱାଇଲଡ୍ ଲାଇଫ୍, ପାତାଳ ଗଙ୍ଗା, ପତୋରା, ଗଉପକା ଗଙ୍ଗା ଏବଂ ତିଖାଲି ଡ୍ୟାମରୁ ଜନଜାତି ପର୍ଯ୍ୟଟନ ବିକାଶ ଏଜେଣ୍ଡାରେ ସାମିଲ କରାଯାଇପାରେ।



## ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ

# ବରଗଡ଼ରେ ୩ ଦିନ ପର୍ଯ୍ୟନ୍ତ ସ୍କୁଲ ବନ୍ଦ

**ବରଗଡ଼/ପାଇକମାଲ, ୧୯ ।୪(ସମିସ):** ବରଗଡ଼ ଜିଲ୍ଲାରେ ଦିନକୁ ଦିନ ବଢୁଥିବା ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇଁ ସାଧାରଣ ଲୋକମାନେ ଘରୁ ବାହାରିବାକୁ ମଧ୍ୟ ଭୟଭୀତ ହେଉଛନ୍ତି । ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ ଏହି ଅସହ୍ୟ ତାପ ଓ ଗୁଳୁଗୁଳିରେ ବହୁତ ଅସୁବିଧାରେ ପଡୁଥିବା ଦେଖାଯାଇଛି ।



ଏହି ପରିସ୍ଥିତିକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲା ଓ ସ୍କୁଲରେ ଗ୍ରୀଷ୍ମ ଅବକାଶ ଘୋଷଣା ପାଇଁ ଜୋରଦାର ଦାବି ଉଠିଥିଲା । ଏହ ସମ୍ପର୍କରେ ଦୈନିକ 'ସକାଳ'ରେ ମଧ୍ୟ ଖବର ପ୍ରକାଶ ପାଇଥିଲା । ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ରବିବାର ଜରୁରୀ ନିଷ୍ପତ୍ତି ନେଇଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ୩ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ଅଭିଭାବକମାନଙ୍କ ମଧ୍ୟରେ ଆଶ୍ୱାସନ ସୃଷ୍ଟି ହୋଇଛି । ଏହାସହିତ ଜନସାଧାରଣଙ୍କୁ ଦିନର ତୀବ୍ର ଖରାରେ ଅନାବଶ୍ୟକ ବାହାରିବାକୁ ନିଷେଧ କରାଯାଇଛି । ପର୍ଯ୍ୟାପ୍ତ ପାଣି ପିଇବା, ହାଲୁକା ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି । କିଛି ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବା ସମ୍ଭାବନା ଅଛି । ଏଣୁ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମସ୍ତ ଛାତ୍ରଛାତ୍ରୀ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି ।

# ବରପାଲି, ଅତାବିରାରେ ପର୍ଶୁରାମ ଜୟନ୍ତୀ





**ବରପାଲି, ୧୯ ।୪(ସମିସ)**

ବରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସନାତନୀ ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ପ୍ରଥମେ ଜଗନ୍ନାଥ ମନ୍ଦିରରୁ ଏକ ଭବ୍ୟ ନଗର ପରିକ୍ରମା ଆୟୋଜିତ ହୋଇଥିଲା । ଏହି ପରିକ୍ରମାରେ ବରପାଲି ବ୍ଲକ ସହିତ ଆଖପାଖ ଗାଁର ବ୍ରାହ୍ମଣ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ପରିକ୍ରମା ପରେ ମନ୍ଦିର ପରିସରରେ ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଭଗବାନ ପର୍ଶୁରାମଙ୍କ ଆଦର୍ଶକୁ ଅନୁସରଣ କରି ସମାଜରେ ନୀତି, ଶୃଙ୍ଖଳା ଓ ଏକତା ବଢ଼ାଇବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଏହି ସଭାରେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ହୋତା, ସମ୍ପାଦକ ଅରୁଣ ପଣ୍ଡା ଓ ପିନାକି ମିଶ୍ର, ବିଭୂତି ମିଶ୍ର, ସଦାନନ୍ଦ ଦାସ, ପ୍ରଦୀପ ଦାଶ, ନିରଞ୍ଜନ ମିଶ୍ର, ଅଜିତ ଦାଶ, ଉପଗୁପ୍ତ ତ୍ରିପାଠୀ, ନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଉପ-ସଭାପତି ବିଭୂତି ମିଶ୍ର ଧନ୍ୟବାଦ ଜଣାଇଲେ ।

ହିନ୍ଦୁ ପୁରାଣ ଅନୁସାରେ ଭଗବାନ ପର୍ଶୁରାମ ବିଷ୍ଣୁଙ୍କ ଷଷ୍ଠ ଅବତାର ଭାବେ ପରିଚିତ । ସେ ଏକମାତ୍ର ଏମିତି ଅବତାର ଯିଏ ବ୍ରାହ୍ମଣ କୁଳରେ ଜନ୍ମ ନେଇ ଯୋଧା ଭୂମିକା ନିଭାଇଥିଲେ । ସେ ମହର୍ଷି ଜମଦଗ୍ନି ଓ ମାତା ରେଣୁକାଙ୍କ ପୁତ୍ର ଥିଲେ । 'ପର୍ଶୁ' ଧାରଣ କରିଥିବାରୁ ସେ 'ପର୍ଶୁରାମ' ନାମରେ ପରିଚିତ ହୋଇଥିଲେ । ପୁରାଣ କଥାନୁସାରେ ଭଗବାନ ପର୍ଶୁରାମ ଅଧର୍ମ ଓ ଅନ୍ୟାୟ ବିରୋଧରେ ଅବତରଣ କରିଥିଲେ । ସେ ନିଜ ପିତାଙ୍କ ଆଦେଶକୁ ସର୍ବୋପରି ମାନି ଆଜ୍ଞାପାଳନର ଉତ୍କୃଷ୍ଟ ଉଦାହରଣ ଦେଇଥିଲେ । କ୍ଷତ୍ରିୟ ଅତ୍ୟାଚାର ବଢ଼ିଥିବା ସମୟରେ ସେ ୨୧ ଥର ପୃଥିବୀକୁ କ୍ଷତ୍ରିୟମୁକ୍ତ କରିଥିବା କଥା ପୁରାଣରେ ଉଲ୍ଲେଖ ମିଳେ । ଏହା ତାଙ୍କର ଧର୍ମପାଳନ ଓ ନ୍ୟାୟପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରେ । ଅନ୍ୟପଟେ ଭଗବାନ ପର୍ଶୁରାମ ଶିକ୍ଷା ଓ ଶସ୍ତ୍ରବିଦ୍ୟାରେ ପାରଙ୍ଗମ ଥିଲେ । ମହାଭାରତ ଅନୁସାରେ ସେ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ଓ କର୍ଣ୍ଣଙ୍କ ଗୁରୁ ଭାବେ ପରିଚିତ । ସେ ଗୁରୁ ଭାବେ ଶିଷ୍ୟମାନଙ୍କୁ ଶୌର୍ଯ୍ୟ ସହିତ ନୀତି ଓ ଶିଷ୍ଟାଚାର ଶିଖାଇଥିଲେ । ତାଙ୍କ ଜୀବନରେ ତ୍ୟାଗ, ଶିଷ୍ଟାଚାର, ଗୁରୁଭକ୍ତି ଓ ଧର୍ମପ୍ରତି ଅତୁଟ ନିଷ୍ଠା ପ୍ରକାଶ ପାଉଛି ।

**ଅତାବିରା:** ଅତାବିରା ବ୍ରାହ୍ମଣ ସମାଜ ପକ୍ଷରୁ ମଧ୍ୟ ବ୍ରାହ୍ମଣ ସମାଜର ଇଷ୍ଟ ଦେବ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ରବିବାର ପାଳିତ ହୋଇଯାଇଛି । ପୂର୍ବାହ୍ନରେ ବ୍ରାହ୍ମଣ ସମାଜ ପକ୍ଷରୁ ମା' ଦୁର୍ଗାଙ୍କ ମନ୍ଦିରରେ ମା' ଦୁର୍ଗା, ପ୍ରଭୁ ପର୍ଶୁରାମ ଓ ମାତା ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ନିସର୍ଗେଷ ମିଶ୍ର ପ୍ରଭୁ ପର୍ଶୁରାମ ରୂପରେ ଅଭିଷିକ୍ତ ହୋଇଥିଲେ । ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ ପତ୍ନୀ ଲିପ୍ସା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ଜୟକୁମାର ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହାପରେ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା । ଏହା ମା' ଦୁର୍ଗା ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପୂର୍ବକ ଅଗ୍ରସେନ ଭବନରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ଅତାବିରା ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, କର୍ମକାଣ୍ଡି ପଣ୍ଡିତ ସଭାର କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ । ଶୋଭାଯାତ୍ରା ପହଞ୍ଚିବା ପରେ ଅତାବିରା ବ୍ଲକ ମନାପଡ଼ା ଗ୍ରାମର ପଣ୍ଡିତ ଗୋବିନ୍ଦ ଚନ୍ଦ୍ର କଣ୍ଡା ଓ ସାଥୀଙ୍କ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଭଟଲି ଦଧିବାମନ କଲେଜର ଡ. ସରୋଜ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତାବିରା ବ୍ଲକ ସଭାପତି ସୁଧାଂସୁ ଶେଖର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବରିଷ୍ଠ ଉପଦେଷ୍ଟା ବେଣୁଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ



**ବରଗଡ଼, ୧୯ ।୪(ସମିସ):** ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ପ୍ରତିଷ୍ଠାତା ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ୧୬ ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ, ଶ୍ୟାମସୁନ୍ଦର ଅଗ୍ରୱାଲ, ସର୍ଦ୍ଦାର ପ୍ରିତମ ସିଂ, ପବିତ୍ର ଦେହୁରୀ, ଦିବାକର ମାଝୀ, ବିଦ୍ୟାଳୟ ସମ୍ପାଦକ ଅରୁଣ ହୋତା, କମିଟି ସଦସ୍ୟ ମେଘନାଦ ସାହୁ, ପ୍ରଧାନ ଶିକ୍ଷକ ନେପାଳ ଦୁଆନ, ଶିକ୍ଷକ ଦୁଃଖୀ ସେବକ ସାହୁ, ସାମ୍ବାଦିକ ପ୍ରଦୀପ୍ତ ଭାନୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସମିତି ସଭାପତି କିଶୋରଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ଅଭୟ ପଧାନ ସଂଯୋଜନା କରିଥିଲେ ।

# ନୃସିଂହନାଥକୁ ରାଜନୀତିର ଆଖଡ଼ା ଘର କରା ନ ଯାଉ

## ଗତ ବର୍ଷ ବୈଶାଖ ମେଳା ପୂର୍ବରୁ ସରକାର ଘୋଷଣା କରିଥିବା ୧୦ ଲକ୍ଷ ମିଳିନି

**ପଦ୍ମପୁର, ୧୯ । ୪(ସମିସ):** ନୃସିଂହନାଥ ତୀର୍ଥକ୍ଷେତ୍ରକୁ କ୍ଷମତାସୀନ ଲୋକପ୍ରତିନିଧିମାନେ ରାଜନୀତିର ଆଖଡ଼ାଘରରେ ପରିଣତ କରିଛନ୍ତି । ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦର ଉପଦେଷ୍ଟା ସଞ୍ଜୟ ବହିଦାର ଏବଂ ଆବାହକ ରାଜକୁମାର ସେଠ୍ ଏହା କହିଛନ୍ତି । ଶ୍ରୀ ବହିଦାର ଏବଂ ଶ୍ରୀ ସେଠ୍ ଆରୋପ ଲଗାଇଛନ୍ତି ଯେ ଲୋକ ପ୍ରତିନିଧିମାନେ ନିଜର ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ବୈଶାଖ ମେଳାର ୫ ଦିନ ବ୍ୟାପି ସମୟ ଅବଧି ଯାଏ ସକ୍ରିୟ ରହୁଛନ୍ତି । ବର୍ଷର ଅବଶିଷ୍ଟ ୩୬୦ଦିନ ନୃସିଂହନାଥର ସାମଗ୍ରିକ ବିକାଶ ପାଇଁ ସାମାନ୍ୟ ଉଦ୍ୟମ ବି କରୁନାହାନ୍ତି । ଗତ ବୈଶାଖ ମେଳା ପାଇଁ ସରକାରୀସ୍ତରରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି




ବୋଲି ଲୋକପ୍ରତିନିଧି ଘୋଷଣା କଲେ; କିନ୍ତୁ ଗତ ୧୫ ତାରିଖରେ ଅନୁଷ୍ଠିତ ବୈଶାଖ ମେଳା ୨ୟ ପ୍ରସ୍ତୁତି ବୈଠକରେ ଜାଣିବାକୁ ମିଳିଲା ଯେ ଗତ ବର୍ଷର ଅନୁଦାନ ବର୍ଷେ ପରେ ବି ମିଳି ନାହିଁ । ନୃସିଂହନାଥ ତୀର୍ଥକ୍ଷେତ୍ର ପ୍ରତି ଲୋକପ୍ରତିନିଧି ଏବଂ ସରକାରଙ୍କ ଏହା ଘୋର ଅପମାନ । ନୃସିଂହନାଥକୁ ନେଇ ନିଜ ରାଜନୈତିକ ସ୍ୱାର୍ଥ ସାଧନ କରୁଥିବା ଲୋକ ପ୍ରତିନିଧି ନୃସିଂହନାଥକୁ ପୁରୀ ମନ୍ଦିର ଭଳି ବାର୍ଷିକ ସରକାରୀ ଅନୁଦାନ ଆଣନ୍ତୁ । ନୃସିଂହନାଥରେ ରୋପୱେ ବ୍ୟବସ୍ଥା କରାନ୍ତୁ । ଆୟୁର୍ବେଦିକ ଔଷଧ ଶିଳ୍ପ ସ୍ଥାପନ କରାଯାଉ । ତୀର୍ଥକ୍ଷେତ୍ରର ଐତିହ୍ୟର ବ୍ୟାପକ ପ୍ରଚର ପ୍ରସାର ପାଇଁ ନିଜ ଯୋଗ୍ୟତା ପ୍ରକାଶ କରନ୍ତୁ ବୋଲି ପରିଷଦ ତରଫରୁ କୁହାଯାଇଛି । ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ସରକାର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇ ନୃସିଂହନାଥକୁ କଳୁଷିତ ରାଜନୈତିକ ଚକ୍ରବ୍ୟୂହରୁ ମୁକ୍ତ କରାନ୍ତୁ । ନଚେତ୍ ନୃସିଂହନାଥପ୍ରେମୀ ଜନଆନ୍ଦୋଳନ ପାଇଁ ବାଧ୍ୟ ହେବେ ବୋଲି ପରିଷଦ ତରଫରୁ ଚେତାବନୀ ଦିଆଯାଇଛି ।

# ଫେରାର ଲାଇବ୍ରେରିଆନଙ୍କୁ ଧରୁନି ପୁଲିସ

**ବରଗଡ଼, ୧୯ ।୪ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ +୨ କଲେଜର ଫେରାର ଲାଇବ୍ରେରିଆନ ଚିନ୍ତାମଣି ମିଶ୍ରଙ୍କୁ ପୁଲିସ ଧରୁନି । ଚଳିତ ମାସ ୯ ତାରିଖ ନୂଆପଡ଼ାରୁ ପ୍ରିନ୍ସିପାଲ୍ ପ୍ରମୋଦ ସାହୁଙ୍କୁ ପୁଲିସ ଗିରଫ କରିଛି । ଏକ ମାସରୁ ଅଧିକ ହେବ ଲାଇବ୍ରେରିଆନ ଚିନ୍ତାମଣି ଫେରାର ରହିଛନ୍ତି । ଉଭୟ ଜଣେ ମହିଳା ଅଧ୍ୟାପିକାଙ୍କୁ ମାନସିକ ଉତ୍ପୀଡନ କରିବା ସହ ଜାତିସୂଚକ ଅପମାନଜନକ କଥା କହିଥିବା ଅଭିଯୋଗ ହୋଇଥିଲା । ଏନେଇ ଝାରବନ୍ଧ ଥାନାରେ ଅଭିଯୋଗ ପରେ ପରେ ପୁଲିସ ମାମଲା ରୁଜୁ କରିଛି । ଆଧୁନିକ ଜ୍ଞାନକୌଶଳ ସତ୍ତ୍ୱେ କେମିତି ପୁଲିସ ଧରିପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ମୁଷ୍ଟିମେୟଙ୍କ ହାତରେ ଏନ୍‌ଏସି ଦୋକାନ ଗୃହ

## ତଦାରଖ କମିଟିର ରିପୋର୍ଟକୁ ନେଇ ପ୍ରଶ୍ନ




**ପଦ୍ମପୁର, ୧୯ । ୪(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଏନଏସିର ଦୋକାନ ଗୃହ କିଛି ମୁଷ୍ଟିମେୟଙ୍କ ହାତରେ ରହିଥିବା ଦୀର୍ଘଦିନ ଧରି ଅଭିଯୋଗ ହୋଇ ଆସୁଛି । ମୁଷ୍ଟିମେୟ ଗୋଷ୍ଠୀ ନିଜେ ଏନଏସିଠାରୁ ଭଡା ନେଇ ଏହି ଦୋକାନ ଗୃହକୁ ଅନ୍ୟ ବ୍ୟବସାୟୀଙ୍କୁ ଦେଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି । ଏନେଇ ଏନଏସି ନିର୍ବାହୀ ଅଧିକାରୀ ଓ କାଉନସିଲରମାନେ ଏହି ମାମଲାକୁ ଗୁରୁତର ସହ ଗ୍ରହଣ କରିଥିଲେ । ୨୦୨୫ ଅଗଷ୍ଟ ୧୭ ତାରିଖ ଏକ କମିଟି ଗଠନ କରିବା ପାଇଁ କାଉନସିଲର ବୈଠକରେ ନିଷ୍ପତ୍ତି ହୋଇଥିଲା । ପରେ ଏକ ତଦାରଖ କମିଟି କାଉନସିଲର ପ୍ରିୟ ରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ଗଠନ ହୋଇଥିଲା । ଏଥିରେ ସଭ୍ୟ ଭାବେ କାଉନସିଲର ଚିନ୍ମୟ ପଣ୍ଡା, କୁନାଲ ପାଣିଗ୍ରାହୀ, କ୍ଷୀର ସାନବର୍ଷା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କନିଷ୍ଠ କିରାଣି କିଶୋରଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ପରିଷଧ ଦ୍ୱାରା ଆବଣ୍ଟନ କରାଯାଇଥିବା ୧୭୭ଟି ଦୋକାନ ଗୃହର ବିବରଣୀ ଉପସ୍ଥାପନ କରାଯାଇଥିଲା । ସର୍ବ ସମ୍ମତି ନିଷ୍ପତ୍ତି କ୍ରମେ ଯେଉଁ ଦୋକାନୀ ଆବଣ୍ଟିତ ହୋଇଥିବା ଗୃହ ଭଡ଼ାରେ ଲଗାଇଛନ୍ତି କିମ୍ବା ଏନଏସିଠାରୁ ଦୁଇ କିମ୍ବା ଅଧିକ ଗୃହ ଲିଜ୍‌ରେ ନେଇଛନ୍ତି ସେମାନଙ୍କୁ ୭ଦିନିଆ ନୋଟିସ ଦେଇ ଆବଣ୍ଟନ ରଦ୍ଦ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଇତି ମଧ୍ୟରେ ଏହି ବୈଠକ ତଥା ଏହି କମିଟି ଗଠନ ପ୍ରାୟ ବର୍ଷେ ଅତିକ୍ରମ କରି ସାରିଛି । ସହରକୁ ସୁନ୍ଦର କରିବା ପାଇଁ ଅନେକ ଦୋକାନ ଗୃହ ମଧ୍ୟ ଉଚ୍ଛେଦ କରାଯାଉଛି । ଅନେକ ଦୋକାନୀ ମଧ୍ୟ ସେମାନଙ୍କ ରୋଜଗାର ହରାଇଛନ୍ତି । ତେଣୁ ଏକାଧିକ ଦୋକାନ ଗୃହକୁ ନିଜର କବ୍ଜାରେ ରଖିଥିବା ମୁଷ୍ଟିମେୟଙ୍କ ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇବା ସହ ତଦାରଖ କମିଟିର ରିପୋର୍ଟ ଉପରେ ମଧ୍ୟ ପ୍ରଶ୍ନ କରିଛନ୍ତି ।

# ସହି ହେଉନି ଖରା; ରାସ୍ତାଘାଟ ଖାଁ ଖାଁ





**ପଦ୍ମପୁର, ୧୯।୪(ସମିସ):** ପଦ୍ମପୁର ଅଞ୍ଚଳରେ ତାତି ବଢୁଛି । ଗୁଳୁଗୁଳି ବି ହେଉଛି । ସକାଳ ୯ଟାରୁ ତାତିର ପ୍ରକୋପ ବଢ଼ିବାରେ ଲାଗିଛି । ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲାଗି ରହିଛି । ଏହା ଅସହ୍ୟ ହୋଇ ପଡୁଥିବାରୁ ଜୀବନ ଦହଗଞ୍ଜ ହୋଇ ପଡ଼ିଛି । ଅନ୍ୟପଟେ ଆଗଭଳି ପଥପାର୍ଶ୍ୱରେ ପର୍ଯ୍ୟାପ୍ତ ଜଳଛତ୍ର ନ ଥିବାବେଳେ ରାସ୍ତାକଡ଼ରେ ଆଉ ସେଭଳି ବୃକ୍ଷରାଜି ନାହିଁ । ଫଳରେ ସହର ସମେତ ବିଭିନ୍ନ ସ୍ଥାନରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତାତିର ପ୍ରକୋପ ଯୋଗୁଁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି । ଯଦିଓ କେହି ବାହାରିଲେ ଛତା କିମ୍ବା ମୁଣ୍ଡରେ ଗାମୁଛା, ଓଢ଼ଣିର ଆଶ୍ରୟ ନେଇଥିବା ଦେଖିବାକୁ ମିଳୁଛି । ଏଭଳି ସ୍ଥଳେ ଥଣ୍ଡା ପାନୀୟ ଲସି, ସରବତ୍ ସମେତ ତରଭୁଜ, କାକୁଡ଼ି, ପଇଡ଼ର ଚାହିଦା ବଢ଼ିଛି । ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ତାତିକୁ ବେଖାତିର୍ କରି ଲୋକେ ଫୁଟ୍‌ପାଥ୍‌ରେ ତାହା ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି । ତାତିରୁ ମୁକ୍ତି ପାଇଁ ପଥଚାରୀମାନେ ତାହା କିଣୁଥିବା ଦେଖିବାକୁ ମିଳୁଛି । ତାତି ଏଭଳି ବଢ଼ି ଚାଲିଛି ଯେ, ତାହା ଜନଜୀବନକୁ କଲବଲ କରି ପକାଉଛି । ବେଳେବେଳେ ବିଦ୍ୟୁତ୍ କାଟ୍ ଆହୁରି ଦହଗଞ୍ଜ କରି ପକାଉଛି । ଏଭଳି ସ୍ଥିତିରେ ଅଂଶୁଘାତ ଆଶଙ୍କା ମଧ୍ୟ ରହିଛି । ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ମଧ୍ୟ ତାତିରୁ ନିସ୍ତାର ମିଳୁ ନାହିଁ । ସକାଳୁଆ ପାଠପଢ଼ା ହୋଇଛି ସତ, କିନ୍ତୁ ପୂର୍ବାହ୍ନ ୧୦ଟା ୩୦ରେ ଛୁଟି ହେଉଛି । ସେତେବେଳେ ତାତିର ପ୍ରକୋପ ଅଧିକ ରହିଥିବାରୁ ସ୍କୁଲରୁ ଘରକୁ ପହଞ୍ଚିବା ଛାତ୍ରଛାତ୍ରୀଙ୍କ ପାଇଁ କାଠିକର ପାଠ ହୋଇପଡୁଛି ।

# ଦୀର୍ଘଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଅଚଳ

**ଝାରବନ୍ଧ, ୧୯ ।୪ (ସମିସ):** ଝାରବନ୍ଧ ହସ୍ପିଟାଲ ସାମ୍ନାରୁ ପରିବା ଦୋକାନୀଙ୍କୁ ଉଚ୍ଛେଦ କରି ପ୍ରଶାସନ ପକ୍ଷରୁ କଲ୍ୟାଣ ମଣ୍ଡପ ପଡ଼ିଆରେ ବସିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି । ଏହି ସ୍ଥାନଟି ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ଅବସ୍ଥିତ ଥିବା ସହ ବ୍ୟାଙ୍କ, ମୁଖ୍ୟ ଛକ, ଗାଁ ଭିତର ଏବଂ ଥାନାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଛକ ଭାବେ ପରିଚିତ । ମୁଖ୍ୟ ଛକରୁ ଜବରଦଖଲ ଉଚ୍ଛେଦ ପରେ ଏହି ନୂଆ ସ୍ଥାନରେ ସନ୍ଧ୍ୟା ସମୟରେ ଧୀରେ ଧୀରେ ଭିଡ଼ ହୋଇଉଠୁଛି । ପନିପରିବା ଦୋକାନ ସହ ଚନା ଚାଟ, ଗୁପଚୁପ ଇତ୍ୟାଦି ଖାଦ୍ୟ ଦୋକାନ ଲାଗିବାରୁ ଭିଡ଼ ବଢ଼ିବାକୁ ଲାଗିଛି; କିନ୍ତୁ ଏହି ଭିଡ଼ ମଧ୍ୟରେ ଗୁରୁତର ସମସ୍ୟା ହେଉଛି ଆଲୋକ ବ୍ୟବସ୍ଥାର ଅଭାବ । ଛକରେ ଥିବା ଷ୍ଟ୍ରିଟ ଲାଇଟ ଦୀର୍ଘଦିନ ଧରି ଅଚଳ । ଏଣୁ ସନ୍ଧ୍ୟା ପରେ ଅଞ୍ଚଳଟି ଅନ୍ଧକାର ରହୁଛି । ଏହା ଫଳରେ ଲୋକମାନେ ଯାତାୟାତ କରିବାରେ ଅସୁବିଧା ସହିତ ଦୁର୍ଘଟଣା ତଥା ଅପ୍ରୀତିକର ପରିସ୍ଥିତି ସୃଷ୍ଟିର ଆଶଙ୍କା ମଧ୍ୟ ବଢ଼ିଯାଉଛି ।

# ଆପ୍ରାଇଜ ପ୍ରିମିୟର ଲିଗ୍‌ର ଶୁଭାରମ୍ଭ


**ବରଗଡ଼, ୧୯ ।୪ (ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ୍ ଗ୍ରୁପ୍ ଅଫ ଇନ୍ସଟିଚ୍ୟୁସନ୍ସ ପକ୍ଷରୁ ଆପ୍ରାଇଜ ପ୍ରିମିୟର ଲିଗ୍‌ର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଭାବେ ବଲାଙ୍ଗୀର ଆପ୍ରାଇଜ କଲେଜର ଚେୟାରମ୍ୟାନ ଇଂ. ତ୍ରିବିକ୍ରମ ବେହେରା ଓ ବଲାଙ୍ଗୀରଗ୍ୟାଲେକ୍ସି କଲେଜ ଚେୟାରମ୍ୟାନ ସଚ୍ଚିଦାନନ୍ଦ ସାହୁ ଯୋଗ ଦେଇଥିଲେ । ଆପ୍ରାଇଜ ପ୍ରିମିୟର ଲିଗ ଫାଇନାଲ ମ୍ୟାଚ ଆପ୍ରାଇଜ କଲେଜ ବଲାଙ୍ଗୀର ଓ ଗ୍ୟାଲେକ୍ସି କଲେଜ, ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହେବ । ଗ୍ରୁପର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ମୁକୁନ୍ଦ ଦାଶ ଏହି ସୂଚନା ଦେଇଛନ୍ତି ।



# ଆଜି ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ

**ବିଜେପୁର, ୧୯ ।୪(ସମିସ)**

ଉଭୟ ଓଡିଆ ଓ ସମ୍ବଲପୁରୀ ସାହିତ୍ୟର ପ୍ରତିଭା ସମ୍ପନ୍ନ କବି ହେଉଛନ୍ତି ସାହିତ୍ୟପ୍ରାଣ ଖଗେଶ୍ୱର ଶେଠ । ତେବେ ସେ ସ୍କୁଲ ବାରୁଣ୍ଡା ମାଡି ନାହାନ୍ତି । ଯାଯାବର ଜୀବନ ଓ ଅଭାବ ଅନାଟନ ଭିତରେ ବି ସେ କାଳଜୟୀ ସାରସ୍ୱତ ସମ୍ଭାର ଦେଇଯାଇଛନ୍ତି । ୧୯୦୬ ଅପ୍ରେଲ ୨୬ ଅକ୍ଷୟ ତୃତୀୟାରେ ବରଗଡ଼ ଜିଲ୍ଲାର ସରସରା ଗ୍ରାମରେ ତାଙ୍କର ଜନ୍ମ । ୧୯୮୭ ଫେବୃୟାରୀ ମାସ ୧୮ ତାରିଖ ଦିନ ତାଙ୍କ ମହାପ୍ରୟାଣ ଘଟିଥିଲା । ୧୯୭୪ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସେ ଜ୍ୟୋତିବିହାର ନାମରେ ନାମିତ କରିଥିଲେ; କିନ୍ତୁ ତାଙ୍କ ପ୍ରତିଭା ତୁଳନାରେ ଯେଭଳି ଭାବେ ତାଙ୍କ ସାହିତ୍ୟ ପ୍ରଚାର ପ୍ରସାର ହେବା କଥା ହୋଇ ପାରିନାହିଁ । ୧୯୫୮ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ କବିଙ୍କ ପ୍ରଥମ ଭାଗ ଗ୍ରନ୍ଥାବଳୀ, ୧୯୭୩ ମସିହାରେ ଖଗେଶ୍ୱର ସାହିତ୍ୟ ସମିତି ପାଇକମାଳ ତରଫରୁ ଏହାର ଦ୍ୱିତୀୟ ସଂସ୍କରଣ ଏବଂ ୧୯୯୯ ମସିହାରେ ତୃତୀୟ ଭାଗ ପ୍ରକାଶିତ ହେବା ପରେ ୨୦୧୭ ମସିହାରେ ତାଙ୍କର ପ୍ରାୟ ସମଗ୍ର କୃତୀକୁ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅନୁଦାନରେ ଗ୍ରନ୍ଥାବଳୀ ପ୍ରକାଶିତ କରିଛି । କବିଙ୍କ ସାହିତ୍ୟ ପ୍ରଚାର ପ୍ରସାର ପାଇଁ ସ୍ୱର୍ଗତ ହଟ୍ଟକିଶୋର ପାଣିଗ୍ରାହୀ ଓ ଖଗେଶ୍ୱର ସାହିତ୍ୟ ପରିଷଦ ପାଇକମାଳର ସଦସ୍ୟ ତଥା କିଛି ସଂଖ୍ୟାରେ ଖଗେଶ୍ୱର ପ୍ରେମୀଙ୍କ ଅବଦାନ ଅବିସ୍ମରଣୀୟ । କବିଙ୍କ ନାଁରେ ବହୁ ସଂଖ୍ୟାରେ ଉଚ୍ଚକୋଟିର ପ୍ରବନ୍ଧ, ଆଲୋଚନା, ସମାଲୋଚନା, ପୁସ୍ତକ ରଚନା, ଗବେଷଣା ଆଦି କରାଯାଇଥିବା ସହ ତାଙ୍କର କାବ୍ୟ 'ପଏରଛା ସତୀ' ସମେତ କିଛି ସାହିତ୍ୟ ସଂସ୍କୃତ ଓ ଅନ୍ୟାନ୍ୟ ଭାଷାରେ ଅନୂଦିତ ହୋଇଛି । ଇତି ମଧ୍ୟରେ ବିଶିଷ୍ଟ ଅନୁବାଦକ ସୁରେନ୍ଦ୍ର ନାଥ ପଏରଛା ସତୀକୁ ଇଂରାଜୀରେ ଅନୁବାଦ କରିଛନ୍ତି । ଏହି କାବ୍ୟକୁ ନାଟ୍ୟରୂପ ପ୍ରଦାନ କରି ନାଟ୍ୟକାର କେଶରଞ୍ଜନ ପ୍ରଧାନ ଲୋକାଭିମୁଖୀ କରୁଛନ୍ତି । କିଛି ଦିନ ପୂର୍ବରୁ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରିବା ପାଇଁ ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସଂସ୍କୃତି ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ତେଣୁ ଏଭଳି ପ୍ରଚଣ୍ଡ ପ୍ରତୀଭାଙ୍କ ପ୍ରଚାର ପ୍ରସାର ପାଇଁ ଆହୁରି ଉଦ୍ୟମର ଆବଶ୍ୟକ୍ତା ରହିଛି । ତାଙ୍କ ସାହିତ୍ୟକୁ ପାଠ୍ୟ ପୁସ୍ତକରେ ସାମିଲ କରିବା, ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରିବା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଖଗେଶ୍ୱର ଚ୍ୟାୟାର ପ୍ରତିଷ୍ଠା, କବିଙ୍କ ଉପରେ ଅଧିକ ଗବେଷଣା କରିବା ସମେତ ତାଙ୍କ ସାହିତ୍ୟର ପ୍ରଚାର ପ୍ରସାର ଓ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାହିତ୍ୟକ ସୁଶାନ୍ତ ମିଶ୍ର, ଆଶୋକ କୁମାର ପୂଜାହାରୀ, ଶୋଭାଚନ୍ଦ୍ର ପ୍ରଧାନ, ମୋହନ ସିଂହ କହ୍ନେଇ, ଡ.ପ୍ରଦୀପ ପ୍ରଧାନ, ରାଜେଶ୍ୱର ବେହେରା, ସୋମନାଥ ପ୍ରଧାନ, ହୃଦମଣୀ ସାହୁ, ସୁଶାନ୍ତ ପ୍ରଧାନଙ୍କ ସମେତ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ, ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର, ଉତ୍ତାଳଗଡ଼ ନାଟ୍ୟ ସଂସଦ ତାଳପଦର ଆଦି ସଂଗଠନର କର୍ମକର୍ତ୍ତା ଦାବି କରିଛନ୍ତି ।



# ବୈଦିକ ସ୍କୁଲରେ ସମର କାର୍ଣ୍ଣିଭାଲ

**ବରଗଡ଼, ୧୯ । ୪(ସମିସ):** ପ୍ରବଳ ଗରମକୁ ଅନୁଭବ କରି ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉନ୍ମାଦନା ଭରିଦେବାର ପ୍ରୟାସ ସୃଷ୍ଟି ପୂର୍ବକ ସ୍ଥାନୀୟ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ସମର କାର୍ଣ୍ଣିଭାଲ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ ଖରାଦିନର ମଜାକୁ ବର୍ଷାର ରୂପ ଦେଇ ଭରପୁର ଉପଭୋଗ କରିଥିଲେ । କୃତ୍ରିମ ଫୁଆରା ସୃଷ୍ଟି କରି ବର୍ଷାର ନିଆରା ମଜା ଉଠାଇବା ସହ ସଙ୍ଗୀତର ତାଳେ ତାଳେ ଝୁମିଥିଲେ । ତା ସହ ଗ୍ରୀଷ୍ମ ଦିନିଆଁ ଖାଦ୍ୟର ସମ୍ଭାର ସହ ଆଇସକ୍ରିମର ମଜା ସମସ୍ତଙ୍କ ମନ ମୋହି ନେଇଥିଲା । ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



# ସରକାରୀ ଆଇଟିଆଇରେ ନାବାଳିକାଙ୍କୁ ଯୌନ ନିର୍ଯାତନା

**ଦେବଗଡ଼, ୧୯।୪(ସମିସ)**

ଦେବଗଡ଼ ଜିଲ୍ଲା ବାରକୋଟ ଥାନାଞ୍ଚଳର ଏକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)ରେ ପାଠ ପଢୁଥିବା ଜଣେ ୧୭ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଯୌନ ନିର୍ଯାତନା ଦେଇଥିବା ବାରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୀଡିତା ଛାତ୍ରୀଙ୍କ ଏତଲା ଆଧାରରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଦଫା-୬୪(୨) ଏଫ୍, ୬୪(୨)ଏମ୍ ଓ ୬ ପକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟରେ ଅଭିଯୁକ୍ତ ଅଧ୍ୟକ୍ଷ ଫେରାର ଥିବା ଜଣାପଡ଼ିଛି। ପୀଡିତା ଛାତ୍ରୀଙ୍କ

**ଥାନାରେ ମାମଲା; ଅଭିଯୁକ୍ତ ଅଧ୍ୟକ୍ଷ ଫେରାର**

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ବିଭିନ୍ନ ପ୍ରକାର ଜିନିଷ ଦ୍ରବ୍ୟ ଦେଇ ପ୍ରଲୋଭିତ କରିବା ସହ ପୀଡିତା ଛାତ୍ରୀଙ୍କ ମାସିକ ଧର୍ମ (ରତୁଶ୍ରାବ) ସମୟରେ ଅନିଚ୍ଛା ସତ୍ତ୍ୱେ ତାଙ୍କର ଗୁପ୍ତାଙ୍ଗକୁ ସ୍ପର୍ଶ କରିବା ସହ ଜୋରଜବରଦସ୍ତି ଶାରିରୀକ ସମ୍ପର୍କ ସ୍ଥାପନ କରୁଥିଲେ। ଗତ ମାର୍ଚ୍ଚ ୧ ଠାରୁ ୭ ତାରିଖ ପର୍ଯ୍ୟନ୍ତ ତାଙ୍କ ସହିତ ଜୋରଜବରଦସ୍ତି ଶାରିରୀକ ସମ୍ପର୍କ ସ୍ଥାପନ କରିଥିବା ପୀଡିତା ଛାତ୍ରୀ ଜଣକ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରକୋଟ ଥାନା ପୁଲିସ ଶୁକ୍ରବାର ଅଭିଯୁକ୍ତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଉପରୋକ୍ତ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖାହେବା ସୁଦ୍ଧା ଅଭିଯୁକ୍ତ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇପାରି ନଥିବା ଜଣାପଡ଼ିଛି।

# 'ଶ୍ୟାମ ଜୀ କି ରୋଷେଇ'ର ଶୁଭାରମ୍ଭ

**ଝାରସୁଗୁଡ଼ା, ୧୯।୪(ସମିସ):** ଝାରସୁଗୁଡା ସହରରେ ଥିବା ଶ୍ୟାମ ଦରବାର ଟ୍ରଷ୍ଟ ଏବଂ ଲୋଧା ପରିବାରର ମିଳିତ ସହଯୋଗରେ ସ୍ଥାନୀୟ ଲୋଧା ଧର୍ମଶାଳାଠାରେ ସୋମବାର ଠାରୁ ଭୋକିଲା ଲୋକମାନଙ୍କୁ ମାଗଣା ଭୋଜନ ଦିଆଯିବ। ଏଥିପାଇଁ ଶ୍ୟାମ ଜୀ କି ରୋଷେଇ'ର ଶୁଭାରମ୍ଭ ହୋଇଛି। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହାର ଶୁଭାରମ୍ଭ କରିଛନ୍ତି। ପ୍ରତିଦିନ ସହରର ପ୍ରାୟ ୧୦୦ ଜଣ ଅସହାୟ ଓ ଭୋକିଲା ଲୋକଙ୍କୁ ଏଠାରେ ସମ୍ପୂର୍ଣ୍ଣ ମାଗଣାରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ। ଭୋଜନ ବ୍ୟବସ୍ଥା ସହିତ ଆଗାମୀ ଦିନରେ ଶ୍ୟାମ ବାବାଙ୍କ ଏକ ଭବ୍ୟ ମନ୍ଦିର ନିରାଲା ଧାମ ନିର୍ମାଣ ପାଇଁ ମଧ୍ୟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

**ମିଳିବ ମାଗଣା ଭୋଜନ**

# ୨୧ରେ ରାଜ୍ୟସ୍ତରୀୟ ଗଣସମ୍ମିଳନୀ

**ଝାରସୁଗୁଡ଼ା, ୧୯।୪(ସମିସ):** ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସଆଇଆରକୁ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏକ ରାଜ୍ୟସ୍ତରୀୟ ଗଣସମ୍ମିଳନୀ ଆସନ୍ତା ୨୧ ତାରିଖ ତଥା ମଙ୍ଗଳବାର ଝାରସୁଗୁଡ଼ା କକ୍ସ କଲୋନୀସ୍ଥିତ ଉତ୍କଳଜ୍ୟୋତି ସଭାଗୃହଠାରେ ଅନୁଷ୍ଠିତ ହେବ। ଏହାକୁ ନେଇ ଲୋକତାନ୍ତ୍ରିକ ରାଷ୍ଟ୍ର ନିର୍ମାଣ ଅଭିଯାନ ଓଡ଼ିଶା ଶାଖାର କୋର କମିଟି ସଦସ୍ୟ ତଥା ଝାରସୁଗୁଡା ଜିଲ୍ଲା ଆବାହକ ଅନନ୍ତ ପଣ୍ଡା ଏକ ପ୍ରେସବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ଲୋକତାନ୍ତ୍ରିକ ରାଷ୍ଟ୍ର ନିର୍ମାଣ ଅଭିଯାନ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଏସଆଇଆର ଏବଂ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଉପରେ ଗଭୀର ଆଲୋଚନା କରାଯିବ। ନିକଟ ଅତୀତରେ କର୍ଣ୍ଣାଟକ, ମହାରାଷ୍ଟ୍ର, ହରିଆଣା, ବିହାର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟମାନଙ୍କରେ ଭୋଟର ତାଲିକା ସଂଶୋଧନ ସମୟରେ ଲକ୍ଷ ଲକ୍ଷ ଯୋଗ୍ୟ ଭୋଟରଙ୍କ ନାମ କଟିଯିବା ଏବଂ ଅନିୟମିତତା ହେବା ଭଳି ଖବର ସାମ୍ନାକୁ ଆସିଛି। ଏପରିକି ବିନା ସୂଚନାରେ ଭୋଟରଙ୍କ ନାମ ବାଦ୍ ଦିଆଯିବା ଫଳରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ଗମ୍ଭୀର ବିଷୟରେ ସୁପ୍ରିମକୋର୍ଟ ମଧ୍ୟ ହସ୍ତକ୍ଷେପ କରି ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କୁ ସଠିକ ସୂଚନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଯାହା କି ଏହି କାର୍ଯ୍ୟକ୍ରମରେ ଆଲୋଚନା ହେବ। ବର୍ତ୍ତମାନ ଓଡ଼ିଶାରେ ଏସଆଇଆର ପ୍ରକ୍ରିୟା ଘୋଷଣା ହୋଇଥିବାରୁ, ଏହାର ଦୁର୍ବଳତା ଓ ପ୍ରଭାବ ଉପରେ ସାଧାରଣ ନାଗରିକଙ୍କୁ ସଚେତନ କରିବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଅଟେ ବୋଲି ସୂଚନା ଦିଆଯାଇଛି।

# 'ଚିକିତ୍ସାଳୟମ୍'ର ନିଃଶୁଳ୍କ ଚିକିତ୍ସା ଅଫର



**ବରଗଡ଼, ୧୯।୪(ସମିସ):** ଗୋଡଭଗାସ୍ଥିତ 'ଚିକିତ୍ସାଳୟମ୍' ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅଫର୍ ଆଣିଛି। ଏହି ଅଫର୍‌ରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଯେଉଁମାନେ ବାର୍ଷିକ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବେ ସମ୍ପୃକ୍ତ ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ବର୍ଗଙ୍କୁ ନିଃଶୁଳ୍କ ଚିକିତ୍ସା ଯୋଗାଇ ଦିଆଯିବ। ରକ୍ତପରୀକ୍ଷା ଓ ଇସିଜି ସହିତ ଆଶ୍ଚର୍ଯ୍ୟଜନକ ଉପହାର ମଧ୍ୟ ପ୍ରଦାନ କରାଯିବ। ଚିକିତ୍ସାଳୟମ୍‌ର ମ୍ୟାନେଜିଂ ପାର୍ଟନର ଡକ୍ଟର କିରନ୍ କୁମାର ଓ ନରୋତ୍ତମ ଗୁରୁ ମିଳିତ ଭାବେ ଏହା ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଅତିଥି ଭାବେ ପଶୁ ସମ୍ପଦ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରଦୀପ ସେଠ୍, ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବା'ର ସଭାପତି ଅମର ତାଣ୍ଡିଆ, ଯୁବନେତା ଇ. ଲକ୍ଷ୍ମୀ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ବହୁମୁଖୀ କାର୍ଯ୍ୟକ୍ରମକୁ ଲୋକାର୍ପିତ କରିଥିଲେ।

# ଦନ୍ତାହାତୀ ଆକ୍ରମଣରେ ବୃଦ୍ଧା ମୃତ

**ରିଆମାଳ, ୧୯।୪(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଫରେଷ୍ଟ ରେଞ୍ଜ କୁଣ୍ଢେଇଗୋଲା ସେକ୍ସନ ଅନ୍ତର୍ଗତ ଆଉଁଳି କୁଡ଼ାସାହିର ମଳିଆ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ଆଜି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଆଉଁଳି ଗ୍ରାମର କମାର ପ୍ରଧାନଙ୍କ ସ୍ତ୍ରୀ ପାତି ପ୍ରଧାନ (୬୦)। ସକାଳୁ ୮ ଟା ୩୦ ସମୟରେ ଉକ୍ତ ଜଙ୍ଗଲକୁ କେନ୍ଦୁପତ୍ର ଓ କାଜୁ ସଂଗ୍ରହ ପାଇଁ ଯାଇ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବୃଦ୍ଧାଙ୍କୁ ହାତୀ ସେଠାରେ କଚାଡି ଦଳିଦେବା ଯୋଗୁଁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଫରେଷ୍ଟର ମନ୍ମଥ ବେହେରା ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ହାତୀକୁ ଘଉଡ଼ାଇବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପରେ ରେଞ୍ଜର ନିରଞ୍ଜନ ଧରୁଆ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ମେଡିକାଲକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସରକାରୀସ୍ତରରୁ ଅନୁକମ୍ପା ମୂଳକ ସହାୟତା ରାଶି ୧୦ ଲକ୍ଷ ଟଙ୍କା ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାସ୍ଥଳରେ କୁଣ୍ଢେଇଗୋଲା ଥାନା ପୁଲିସ ପହଞ୍ଚି ମଧ୍ୟ ତଦନ୍ତ କରିଥିଲେ। ଦନ୍ତାହାତୀ ପାଇଁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଫରେଷ୍ଟର ସଦଳବଳେ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି।

# ଭେଡେନ ସଂଯୁକ୍ତ କୃଷକ ସଙ୍ଗଠନର ବୈଠକ



**ଭେଡେନ, ୧୯।୪ (ସମିସ):** ଭେଡେନ ବଜାର ପ୍ରାଙ୍ଗଣରେ ସଂଯୁକ୍ତ କୃଷକ ସଂଗଠନ ଭେଡେନ ବ୍ଲକର କର୍ମକର୍ତ୍ତାଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଞ୍ଜିକରଣରୁ ବାଦ ପଡ଼ିଥିବା ଏବଂ ଧାରଣାରତ ସମସ୍ତ ଚାଷୀଙ୍କ ଧାନ ସରକାର ତୁରନ୍ତ କିଣିବାକୁ ଆଲୋଚନା ହୋଇଥିଲା। ଚାଷୀଙ୍କ ଆଦ୍ୟ ପର୍ବ ଅକ୍ଷୟ ତୃତୀୟା। ଏହି ଦିନ ଚାଷର ଶୁଭ ପଡେ; ହେଲେ ଏହି ପର୍ବକୁ ମଧ୍ୟ ରାଜନୈତିକ ଦଳ ନିଜର ଭୋଟ ବ୍ୟାଙ୍କ ପାଇଁ ପାଳନ କରୁଛନ୍ତି ବୋଲି ଆଲୋଚନା ହୋଇଥିଲା। ଚାଷୀଙ୍କ ଉନ୍ନତି ପାଇଁ ବଜାର ବ୍ୟବସ୍ଥା ଏବଂ ଫସଲର ଉଚିତ ମୂଲ୍ୟ ନେଇ ଆଲୋଚନାରେ ମତ ପ୍ରକାଶ ପାଇଥିଲା। ସ୍ମାର୍ଟ ମିଟରରେ ଅନେକ ତ୍ରୁଟି ପାରିଲକ୍ଷିତ ହେଉଛି। ଏହି କାରଣରୁ ଗତ ବର୍ଷ ସଂଗଠନ ତରଫରୁ ମିଟର ଖୋଲି ଟାଟା କମ୍ପାନୀକୁ ଫେରାଇ ଦିଆଯାଇଛି; ହେଲେ କମ୍ପାନୀ ୪୦୦ରୁ ଅଧିକ ଖାଉଟିଙ୍କ ବିରୋଧରେ କେଶ୍ କରିଛି। ଦରକାର ପଡ଼ିଲେ ସମସ୍ତେ ଜେଲ ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚାଷୀନେତା ସୁଦାମ ପାତ୍ର, ବିକାଶ ମାଝୀ, ବିଜୟ ଲହରିଆ, ଚୂଡ଼ାମଣି ମହାକୁଡ଼, କୁନା ପଧାନ, ଭିଜନ ପାଢ଼ୀ ସମେତ ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଡିଏଭି ସ୍କୁଲରେ ହଂସରାଜଙ୍କ ଜୟନ୍ତୀ



**ବନ୍ଧବାହାଲ/ଝାରସୁଗୁଡ଼ା, ୧୯।୪ (ସମିସ):** ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ଶିକ୍ଷାବିତ୍ ତଥା ଡିଏଭି ଅନୁଷ୍ଠାନର ପ୍ରତିଷ୍ଠାତା ହଂସରାଜଙ୍କ ୧୬୩ତମ ଜନ୍ମ ଜୟନ୍ତୀ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଏନେଇ ପ୍ରାତଃ ସମୟରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସଭାସ୍ଥଳରେ ଏକତ୍ରିତ ହୋଇଥିଲେ। ସର୍ବପ୍ରଥମେ ଅଧ୍ୟକ୍ଷ ଶ୍ରୀ ହୋତା ହଂସରାଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ସଂସ୍କୃତ ଶିକ୍ଷକ ତୋରଣ ଲାଲ ସାହୁ ନିଜ ବକ୍ତବ୍ୟରେ ମହାତ୍ମାଙ୍କ ତ୍ୟାଗପୂତ ମହନୀୟ ଆଦର୍ଶର ସ୍ମୃତି ଚାରଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ହୋତା ମହାତ୍ମାଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।

# ବୃନ୍ଦାବନ କଲୋନୀରେ ଭାରୀଯାନ ଚଳାଚଳ ଉପରେ କଟକଣା

**ଝାରସୁଗୁଡ଼ା, ୧୯।୪(ସମିସ):** ଝାରସୁଗୁଡ଼ା ପୌରାଞ୍ଚଳ ଅନ୍ତର୍ଗତ ବୃନ୍ଦାବନ କଲୋନୀ ବାସିନ୍ଦାଙ୍କ ସୁରକ୍ଷା ତଥା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୋଟର ଯାନ ଆଇନ ୧୯୮୮ ର ଧାରା ୧୧୫ ଅନୁଯାୟୀ ଏହି ଅଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ବୃନ୍ଦାବନ କଲୋନୀର ସଂକୀର୍ଣ୍ଣ ରାସ୍ତା ଯୋଗୁଁ ପ୍ରତିଦିନ ସୃଷ୍ଟି ହେଉଥିବା ଟ୍ରାଫିକ ଜାମ ଏବଂ ଦୁର୍ଘଟଣା ଭୟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ସ୍କୁଲ ଯାଉଥିବା ପିଲା, ବରିଷ୍ଠ ନାଗରିକ ଏବଂ ନିକଟସ୍ଥ କୁଷ୍ଠାଶ୍ରମର ଅନ୍ତେବାସୀମାନେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଏବଂ ଦୁର୍ଘଟଣାକୁ ରୋକିବାକୁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଏପ୍ରିଲ ୩୦, ୨୦୨୬ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭାରୀ, ମଧ୍ୟମ ଏବଂ ବ୍ୟବସାୟିକ ଯାତ୍ରୀବାହୀ ଯାନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏହା ସହିତ ଲୋଡେଡ୍ କିମ୍ବା ଅନଲୋଡେଡ୍ ସାମଗ୍ରୀ ପରିବହନ କରୁଥିବା ଗାଡ଼ି, ଟ୍ରାକ୍ଟର ଏବଂ ୭୫୦୦ କିଲୋଗ୍ରାମରୁ ଅଧିକ ଓଜନ ବିଶିଷ୍ଟ ରୋଡ୍ ରୋଲର ଗୁଡ଼ିକ ଉପରେ ମଧ୍ୟ କଟକଣା ଲଗାଯାଇଛି।

**ଏପ୍ରିଲ ୩୦ ଯାଏଁ ବଳବତ୍ତର**

# ମହିଳା ବିଲ ଆଳରେ ସୀମା ପୁନଃ ନିର୍ଦ୍ଧାରଣ ବିଲ ଆଣିଥିଲା କେନ୍ଦ୍ର




**ଦେବଗଡ଼, ୧୯।୪(ସମିସ):** ମହିଳା ସଂରକ୍ଷଣ ସଂଶୋଧନ ବିଲ ଆଳରେ ସୀମା ପୁନଃ ନିର୍ଦ୍ଧାରଣ ବିଲ ଆଣିଥିଲା କେନ୍ଦ୍ର। ବିଲ ପାରିତ ନ ହେବାରୁ ମିଥ୍ୟା ପ୍ରଳାପ କରୁଛି ବିଜେପି। କଂଗ୍ରେସକୁ ପୁଣିଥରେ ବଦନାମ ପାଇଁ ମହିଳା ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ ପାରିତ ନ ହେବା ଯୋଗୁଁ କଂଗ୍ରେସକୁ ମହିଳା ବିରୋଧୀ ବୋଲି ବିଜେପି ଅପପ୍ରଚାର କରୁଥିବା ନେଇ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟୀକରଣ ଦେଇଛନ୍ତି କଂଗ୍ରେସ ପର୍ଯ୍ୟବେକ୍ଷକ ଜ୍ଞାନେନ୍ଦ୍ର ଦାସ। ଆଜି ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ସଭାପତି ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଲ ପାରିତ ହୋଇଥିଲେ ଓଡ଼ିଶା ନିଜ ନ୍ୟାର୍ଯ୍ୟ ଅଧିକାର ହରାଇଥାନ୍ତା। ଏହି ବିଲ ପାରିତ ନ ହେବାରୁ ସତ୍ୟର ବିଜୟ ହୋଇଥିବା କହିଛନ୍ତି କଂଗ୍ରେସ ପର୍ଯ୍ୟବେକ୍ଷକ ଜ୍ଞାନେନ୍ଦ୍ର। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ରେବତୀ ମୋହନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଆକାଶ ଦାସ, ଏସସି ସେଲ ସଭାପତି ରମେଶ ପାତ୍ର, କୋଷାଧ୍ୟକ୍ଷ ଜିତେନ୍ଦ୍ର ବେହେରା, ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା, ଆଦିବାସୀ କଂଗ୍ରେସ ସଭାପତି ସୁଶୀଳ ଗୁଡ଼ିଆ, ସମ୍ପାଦକ ସୁଶୀଳ ମାଝୀ ଓ ସମ୍ପାଦକ ଗାଲେଖ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ୍ ଉଦ୍‌ଯାପିତ | ପାୱାର ହିଟର୍ସ ଚାମ୍ପିଅନ

**ଭେଡେନ, ୧୯।୪(ସମିସ):** ଭେଡେନସ୍ଥିତ ରଣଜିତା ଖେଳ ପଡ଼ିଆରେ ଚାଲିଥିବା ତୃତୀୟ ଭେଡେନ ପଞ୍ଚୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପାୱାର ହିଟର୍ସ ଭେଡେନ ଓ ମାନସ ଇଲେଭେନ ଭେଡେନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମାନସ ଇଲେଭେନ ଟସ୍ ଜିତି ଥିଲା। ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୫୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପାୱାର ହିଟରର୍ସ ନିର୍ଦ୍ଧାରିତ ୮.୫ ଓଭରରେ ୪ ଉଇକେଟ ହରାଇ ୬୩ ରନ୍ ସଂଗ୍ରହ କରିଥିଲା। ପାୱାର ହିଟରର୍ସ ଭେଡେନ ତୃତୀୟ ପଞ୍ଚାୟତ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ




ପୂର୍ବତନ ଖେଳାଳି ସନ୍ତୋଷ ପଣ୍ଡା, ପୂର୍ବତନ ଖେଳାଳି ଦେବାନନ ବେହେରା, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଶିକ୍ଷକ ଦେବେନ୍ଦ୍ର ଡନସନା, ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ର, ଚିନ୍ମୟ ନାୟକ, ପୂର୍ବତନ ଖେଳାଳି ମହେନ୍ଦ୍ର ସେଟ, ଦେବବ୍ରତ ଡନସନା, ସୁରେନ ନାଇକର, ସୁଶାନ୍ତ ଛନ୍ଦ, ବିନାୟକ ଦେହେରି, ନେପାଳ ବେହେରା, ଆନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପାୱାର ହିଟର୍ସର ତେଜରାଜ ରୋହିଦାଶ ୧୭ରନ୍ ଦେଇ ୩ ଉଇକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଲିପୁନ ବେହେରା ମ୍ୟାନ ଅଫ ଦ ସିରିଜ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ରୁନା ତାଣ୍ଡି, ବେଷ୍ଟ ବୋଲର ଭାବେ ଉମାକାନ୍ତ ପେରା, ବେଷ୍ଟ ଫିଲ୍ଡର ଭାବେ ନିରୋଜ ପତି, ବେଷ୍ଟ ଉଇକେଟ କିପର ଭାବେ ମହମ୍ମଦ ରାଜୁ ପୁରସ୍କୃତ ହୋଇଥିଲେ। ଫାଇନାଲ ଖେଳକୁ ଲାଲା ବନଛୋର ଓ ସୁନିଲ ଅଦାବର ପରିଚାଳନା କରିଥିଲେ। ମ୍ୟାଚ ରେଫରି ଭାବେ ଘନଶ୍ୟାମ ଖେତି ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ଜ୍ଞାନରଞ୍ଜନ ପଣ୍ଡା ଓ ରାଜ ମେହେର ଦାୟିତ୍ୱ ତୁଲାଇଥିଲେ। ମହେନ୍ଦ୍ର ସେଟ ଓ ସୁଦାମ ମେହେର ଖେଳର ଧାରାବିବରଣୀ ଦେଇଥିଲେ।

# ପର୍ଶୁରାମ ଜୟନ୍ତୀ ଉତ୍ସବ



**ଦେବଗଡ଼, ୧୯।୪(ସମିସ):** ଦେବଗଡ଼ ସ୍ଥିତ ପର୍ଶୁରାମ ବାହିନୀ ଓ ବାମଣ୍ଡା ବ୍ରାହ୍ମଣ ସମାଜର ମିଳିତ ଆନୁକୂଲ୍ୟରେ ଆଜି ପର୍ଶୁରାମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ସକାଳେ ପର୍ଶୁରାମ ବାହିନୀର ସଭାପତି ସତ୍ୟ ନାରାୟଣ ମିଶ୍ର, ଆବାହକ ସୁରଞ୍ଜିତ ମହାପାତ୍ର, ବାମଣ୍ଡା ବ୍ରାହ୍ମଣ ସମାଜର ସଭାପତି ଅଶୋକ କୁମାର ମିଶ୍ର ଓ ସମ୍ପାଦକ ଗୌରହରୀ ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଭୟ ସଂଗଠନର ବହୁ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ପାରମ୍ପରିକ ବସ୍ତ୍ର ପରିଧାନ ସହ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରକୁ ଏକ ସୁସଜ୍ଜିତ ରଥରେ ସ୍ଥାପନ କରିବା ସହ ବିଭିନ୍ନ ବାଦ୍ୟ ଓ ସଂକୀର୍ତ୍ତନର ତାଳେ ତାଳେ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ସାହି ଗଳି ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସଦସ୍ୟ ଓ କର୍ମକର୍ତ୍ତାମାନେ ହାତରେ ଖଣ୍ଡା, ଗଦା ଓ ଫାର୍ସା ଆଦି ସାଙ୍କେତିକ ଅସ୍ତ୍ରଶସ୍ତ୍ର ଧରି ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ପ୍ରତ୍ୟକ୍ଷ ଭାବେ ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଶୋଭଯତ୍ରା ପରେ ପର୍ଶୂରାମ ଛକରେ ଭଗବାନ ପର୍ଶୁରାମଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରାଯାଇଥିଲା। ଏଥିସହ ଶହଶହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପର୍ଶୁରାମ ବାହିନୀ, ବାମଣ୍ଡା ବ୍ରାହ୍ମଣ ସମାଜ ଓ ଅଖିଳ ବାମଣ୍ଡା ମାତୃଶକ୍ତି ସଂଘର ଶହଶହ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ରିଆମାଳ, ୧୯।୪(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦର ମହକୁମା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ରବିବାର ସକାଳେ ଅଧିବାସ ପୂଜନ ସହିତ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଏକ ବିରାଟ ଶୋଭାଯାତ୍ରାରେ କଳସ ମୁଣ୍ଡେଇ ରଜା ବନ୍ଧ ନିକଟରେ ପହଞ୍ଚିଥିଲେ। ପୁରୋହିତ ଧ୍ରୁବେଇଧର ନନ୍ଦ, ତ୍ରିନାଥ ନନ୍ଦ ପୂଜାର୍ଚ୍ଚନା କରିବା ପରେ ଯଜ୍ଞର କର୍ତ୍ତା ପ୍ରମୋଦ ନନ୍ଦ ସପତ୍ନିକ ସର୍ବ ପ୍ରଥମେ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ କଳସଯାତ୍ରା ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ଏହି ସମୟରେ ତାଳବାହାଳି, ବାବରାକୋଟ, ରିଆମାଳ, ବଡ଼ବାହାଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ଗାନ କରିଥିଲେ। ଯଜ୍ଞ କମିଟି ସଭାପତି ଜଳନ୍ଧର ଦାଶ ଓ ସମ୍ପାଦକ ବୀରେନ୍ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ସମ୍ପର୍ଣ୍ଣ ହୋଇଥିଲା। ସୋମବାର ନାମଯଜ୍ଞ ଆରମ୍ଭ ହେବ ଓ ଏଥିରେ ୧୪ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ହରିନାମ ଗାନ କରିବେ ବୋଲି କମିଟି ପକ୍ଷରୁ ସୂଚାଯାଇଛି।

**ଖୋଲାମଞ୍ଚ ନିର୍ମାଣରେ ବାଧକ ସାଜିଛନ୍ତି ଅସାଧୁ ବ୍ୟକ୍ତି**

# କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

**ଝାରସୁଗୁଡା, ୧୯।୪(ସମିସ)**

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ରାଜପୁର ଗ୍ରାମପଞ୍ଚାୟତ ପଞ୍ଚାୟତ ବଘରାଚକା ଗ୍ରାମରେ ସାଂସଦ ପାଣ୍ଠିରରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ଖୋଲାମଞ୍ଚ ମଣ୍ଡପ ନିର୍ମାଣ କରାଯାଉଛି। କିନ୍ତୁ ଏଥିରେ କିଛି ଅସାଧୁ ବ୍ୟକ୍ତି ବାଧା ସୃଷ୍ଟି କରୁଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ଗ୍ରାମବାସୀ ଓ ବିଶ୍ୱନାଥ ମେହେର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏହାର ସହିତ ଅଭିଯୋଗର ନକଲ ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡା ତହସିଲଦାର, ବିଡ଼ିଓ, ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଓ ବ୍ରଜରାଜନଗର ଥାନା ଅଧିକାରୀଙ୍କୁ ପ୍ରଦାନ କରିବା ସହ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଯେପରି ହୋଇପାରିବ ସେନେଇ ଅନୁରୋଧ କରାଯାଇଛି। ଅଭିଯୋଗ ଅନୁଯାୟୀ, ଏହି ଖୋଲାମଞ୍ଚ ଘର ପାଇଁ ଗତ ବର୍ଷ ନଭେମ୍ବର ୧୨ରେ ବଘରାଚକା ଗ୍ରାମର ବିଶ୍ୱନାଥ ମେହେର ମେମୋରିଆଲ ଟ୍ରଷ୍ଟ, ଲକ୍ଷ୍ମୀ ପୂଜା କମିଟି ଓ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ନିଜ ପାଣ୍ଠି ଅନୁଦାନରେ ଏକ ଖୋଲାମଞ୍ଚ ମଣ୍ଡପ ନିର୍ମାଣ କରିବା ପାଇଁ କହିଥିଲେ। ଏଥିପାଇଁ ଜମି ଚିହ୍ନଟ ମଧ୍ୟ କରାଯାଇଥିଲା। ଗତ ଫେବୃଆରୀ ୨୨ରେ ପ୍ରକଳ୍ପ ଆରମ୍ଭ କରିବା ସମୟରେ ସେହି ଗ୍ରାମର କିଛି ବ୍ୟକ୍ତି କାର୍ଯ୍ୟକୁ ବିରୋଧ କରିଥିଲେ। ପୁଣି ୧୪ ତାରିଖ ହନୁମାନ ଜୟନ୍ତୀ ପାଳନ ଅବସରରେ ସେହି ବ୍ୟକ୍ତିମାନେ ଏବଂ ବାହାରର କିଛି ବ୍ୟକ୍ତିଙ୍କୁ ସାଙ୍ଗରେ ଆଣି ଜୋର ଜବରଦସ୍ତି ଏକ ଝଣ୍ଡା ଗାଡ଼ି ସେହି ଜମିକୁ ହଡ଼ପ କରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଗଣ୍ଡଗୋଳର ବାତାବରଣ ସୃଷ୍ଟି ହୋଇଥିଲା। ଠିକ୍ ସେହି ସମୟରେ ଟ୍ରଷ୍ଟର ସଦସ୍ୟ ଏବଂ ନିକଟବର୍ତ୍ତୀ ବସବାସ କରୁଥିବା ମହିଳା ଓ ପୁରୁଷମାନେ ବିରୋଧ କରିବାରୁ ଅସାଧୁ ବ୍ୟକ୍ତି ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ। ବର୍ତ୍ତମାନ ଖୋଲାମଞ୍ଚ ଘର ତିଆରି କରିବାରେ ବାଧା ଦେବା ପାଇଁ ବ୍ଲକ ଅଧିକାରୀଙ୍କୁ ମଧ୍ୟ ଚାପ ସୃଷ୍ଟି କରୁଥିବା ନେଇ ଅଭିଯୋଗ ହୋଇଛି। ଫଳରେ କାମ ଆରମ୍ଭ ହେବାରେ ବାଧାସୃଷ୍ଟି ହୋଇଛି। ତେଣୁ ସରକାରୀ ଜମିର ସଠିକ୍ ମାପଚୁପ୍ କରି ସ୍ଥାନ ଚିହ୍ନଟ କରାଯିବା ସହ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଶ୍ୱନାଥ ମେହେର ମେମୋରିଆଲ ଟ୍ରଷ୍ଟର ସଦସ୍ୟ ଓ ଗ୍ରାମବାସୀ ଦାବି କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ଦାବିପତ୍ର ପ୍ରଦାନ ବେଳେ ପ୍ରତିନିଧି ଦଳରେ ଟଙ୍କଧର ମେହେର, ନୋଉକେଶ୍ୱର୍ ମେହେର, ହୁତାଶନ ମେହେର, ନାରାୟଣ ମେହେର, ବୁଧରାମ ମେହେର, ସଞ୍ଜୀବ ମେହେର, ତରଣିସେନ୍ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକ ଜୟନ୍ତ ସେଠଙ୍କ ମାତୃ ବିୟୋଗ

**ପଦ୍ମପୁର, ୧୯।୪ (ସମିସ):** ପଦ୍ମପୁର ବ୍ଲକ ଅଧୀନ ଦର୍ଲିଗୁଡା ଗ୍ରାମର ଯୁବ ସାମ୍ବାଦିକ ଜୟନ୍ତ ସେଠଙ୍କ ମାତା ସୁବିଧା ସେଠ (୬୫)ଙ୍କ ଅକାଳ ବିୟୋଗ ଘଟିଛି। ସେ ପଦ୍ମପୁର ସରକାରୀ ଚିକିତ୍ସାଳୟରେ କିଛିଦିନ ଧରି ଚିକିତ୍ସାଧୀନ ଥିଲେ। ଆଜି ତାଙ୍କ ବାସଭବନରେ ପରଲୋକ ହୋଇଛି। ଗ୍ରାମର ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଜୟନ୍ତ ସେଠ ମୁଖାଗ୍ନି ଦେଇଥିଲେ।



ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ସଭାପତି ସତ୍ୟଜିତ ଦାଶ, ଜାବ୍ ସଭାପତି ରବି ପଣ୍ଡା, ରାଜ ବୋଡ଼ାସମ୍ବର ସବଡିଭିଜନ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ, ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ନାସିର ଖାନ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୦-ଆଲବାମା ଓ ମିସିସିପିରେ ଆସିଥିବା ତୋଫାନ ଯୋଗୁଁ ୨୧୨ ଲୋକଙ୍କ ମୃତ୍ୟୁ।
- ୧୯୩୯- ଆଡଲଫ୍ ହିଟଲର୍‌ଙ୍କ ୫୦ତମ ଜନ୍ମ ଦିବସକୁ ଜର୍ମାନରେ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା।
- ୧୯୯୭- ଇନ୍ଦ୍ର କୁମାର ଗୁଜରାଲ ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଭାରତ 'ଅଗ୍ନି-୫' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିବା ପରେ ଆମେରିକା ଗଣମାଧ୍ୟମ ଭାରତ, ଚୀନ୍ ସହ ସମକକ୍ଷ ହୋଇଗଲା ବୋଲି ପ୍ରକାଶ କରିଥିଲା।

ଆଜି ଆସିଥିଲେ

# ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଗୋପୀନାଥ ମହାନ୍ତି

ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଉପନ୍ୟାସ ସହିତ କବିତା, ଗଳ୍ପ, ଜୀବନୀ, ଆତ୍ମଜୀବନୀ, ନାଟକ ଓ ଅନୁବାଦରେ ଥିଲା ତାଙ୍କର ଅଭୂତପୂର୍ବ ଦକ୍ଷତା। ତାଙ୍କ ଲେଖାରେ ଓଡ଼ିଆ ଚଳଣି, ପାହାଡ଼ି ଜୀବନର କାହାଣୀ, ସାଧାରଣ ମଣିଷର ଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ। ଜ୍ଞାନପୀଠ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ ଔପନ୍ୟାସିକ। ୧୯୧୪ ମସିହା ଆଜିର ଦିନରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ସେ ମାତ୍ର ୨୯ ବର୍ଷ



ବୟସରେ 'ପରଜା' ରଚନା କରି ସାହିତ୍ୟ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଚ୍ଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। ତାଙ୍କ ରଚନା ସବୁ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ କେନ୍ଦ୍ରିତ। ଗୋପୀନାଥଙ୍କ ଲେଖାମାନ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହୋଇଛି। ଜୀବନକାଳ ମଧ୍ୟରେ ସେ ୨୪ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ୨ଟି ନିବନ୍ଧ, କନ୍ଧ, ସଉରା, ଗଡ଼ବାଙ୍କ ଭାଷା ଉପରେ ୫ଟି ବହି ଲେଖିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ପଦ୍ମଭୂଷଣ ଆଦି ଅନେକ ଜାତୀୟ ପୁରସ୍କାର ସମ୍ମାନିତ ଏହି ବିରଳ ପ୍ରତିଭାଙ୍କୁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଉପାଧି ମିଳିଥିଲା। ୨୦ ଅଗଷ୍ଟ, ୧୯୯୧ରେ ଏହି ମହାନ୍ ସାହିତ୍ୟିକଙ୍କର ପରଲୋକ ଘଟିଥିଲା।

## କାର୍ଡବୋର୍ଡ ଫେଶନ



ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଅଜବ ଅଜବ ଷ୍ଟାଇଲ ମାନ ସାମ୍ନାକୁ ଆସୁଛି। ବିଶେଷକରି ଲଗଜୁରି ଫେଶନ ବ୍ରାଣ୍ଡ ବାଲେନ୍‌ସିଆଗା ଅଖା, ଟାୱେଲରେ ପୋଷାକ ନିର୍ମାଣ କରି ଏହାକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଚର୍ଚ୍ଚାରେ ରହିଛି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ କାର୍ଡବୋର୍ଡ ଡ୍ରେସ୍ ଖୁବ୍ ଭାଇରାଲ ହେଉଛି। ଲୋକପ୍ରିୟ ହଲିଉଡ୍ ଅଭିନେତ୍ରୀ ମେଗନ ଫକ୍ସ ଏବଂ ରବର୍ଟ ପେଟିନସନ କାର୍ଡବୋର୍ଡରେ ତିଆରି ପୋଷାକ ପିନ୍ଧିଥିବାର ଦେଖାଯାଇଛି। ତେବେ ଏହି ପୋଷାକକୁ ପ୍ରତିଷ୍ଠିତ ବ୍ରାଣ୍ଡ ବାଲେନସିଆଗା ଲଞ୍ଚ୍ କରିଛି। ଏହାର ନାମ 'ସିଫି କାର୍ଡବୋର୍ଡ ବକ୍ସ' ରଖାଯାଇଛି। ସେହିପରି ଏହି ଡ୍ରେସ୍‌ର ଦାମ୍ ୮.୨୪ ଲକ୍ଷ ବୋଲି କୁହାଯାଇଛି। ଅବଶ୍ୟ ଏହା ସତ ଘଟଣା ନୁହେଁ, ବୋଲି ଏବେ ଜଣାପଡ଼ିଛି। ଏହାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ତିଆରି କରାଯାଇଛି। ସ୍ପୋର୍ଟ ଷ୍ଟିମୁଲେସନ ନାମକ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଫଟୋଗୁଡ଼ିକ ସେୟାର୍ କରିଥିଲା। ମେଗନ ଫକ୍ସ, ରବର୍ଟ ପେଟିନସନଙ୍କ ଭଳି ବଡ଼ ବଡ଼ ତାରକାଙ୍କ ମୁହଁକୁ ଏହି ଫଟୋରେ ସାମିଲ କରିଥିଲା। ଯେଭଳି ଏହା ଅସଲି ଲାଗିବ। ଏହି ଆକାଉଣ୍ଟରେ ପୂର୍ବରୁ ମଧ୍ୟ ଝାଡୁରେ ତିଆରି ଡ୍ରେସ୍ ଏବଂ ଅଣ୍ଡା ଟ୍ରେରୁ ତିଆରି ପୋଷାକର ଫଟୋ ସେୟାର୍ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଏହି ପେଜ୍‌ର ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିବା। ତା'ସହ ଏକଥା ଭାବିବାକୁ ବାଧ କରିବା ଯେ, ଏହା ଅସଲି କି ନକଲି। ସେହିପରି ଲୋକପ୍ରିୟ ତାରକାଙ୍କୁ ଏଭଳି ପୋଷାକରେ ସାମିଲ କରିବା ଦ୍ୱାରା ଲୋକେ ଏହାକୁ ସତସତିକା ମନେ କରନ୍ତି। ହେଲେ ବାସ୍ତବତା ହେଉଛି ଏସବୁ ଏଆଇ ଦ୍ୱାରା ତିଆରି କଣ୍ଟେଣ୍ଟ। ଏହି ପୂରା ଘଟଣା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ଭ୍ରମ। ଯାହାକି ଜାଣିଶୁଣି ଭାଇରାଲ କରିବା ପାଇଁ ତିଆରି କରାଯାଇଛି। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

## ପ୍ଲାଷ୍ଟିକ୍ ସର୍ଜରୀକୁ ନେଇ ମୁହଁ ଖୋଲିଲେ ଅବନୀତ



ବଲିଉଡ୍ ଅଭିନେତ୍ରୀ ଅବନୀତ କୌର୍ ପ୍ଲାଷ୍ଟିକ୍ ସର୍ଜରୀ ଓ ବୋଟୋକ୍ସ କରାଇଥିବା ଚର୍ଚ୍ଚା ଉପରେ ଏବେ ମୁହଁ ଖୋଲିଛନ୍ତି। ବୟସ ବଢ଼ିବା ସହ ତାଙ୍କ ଲୁକ୍‌ରେ ପ୍ରାକୃତିକ ଭାବେ ପରିବର୍ତ୍ତନ ଦେଖାଯାଇଛି ବୋଲି ସେ କହିଛନ୍ତି। ଅବନୀତ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାନ୍ତି। ସେ ପ୍ରାୟ ସମୟରେ ତାଙ୍କର ଫଟୋ ସେୟାର୍ କରିଥାନ୍ତି। ସମୟ ସହିତ ତାଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖା ଦେବାରୁ ସାମାଜିକ ଗଣମାଧ୍ୟମରେ ସେ ପ୍ଲାଷ୍ଟିକ୍ ସର୍ଜରୀ କିମ୍ବା ବୋଟୋକ୍ସ କରାଇଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା। ଏସମ୍ପର୍କରେ ନିକଟରେ ଅବନୀତ ଏକ ସାକ୍ଷାତକାରରେ କହିଛନ୍ତି, 'ସେ ଏଭଳି କମେଣ୍ଟ ଉପରେ ପ୍ରତିକ୍ରିୟା ଦିଅନ୍ତି ନାହିଁ। ଯଦି ଲୋକେ ଏପରି ଭାବୁଛନ୍ତି ତେବେ ସେମାନଙ୍କ ପିଲାଦିନର ଓ ବର୍ତ୍ତମାନର ଫଟୋ ଦେଖନ୍ତୁ। ମଣିଷର ବୟସ ଯେତେ ବଢ଼ି ବଢ଼ି ଚାଲେ ତା'ର ଶାରୀରିକ ଗଠନରେ ପରିବର୍ତ୍ତନ ଦେଖାଯାଏ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା।' ସେ ଆହୁରି ମଧ୍ୟ କହିଥିଲେ, 'ତାଙ୍କ ଆଖି, ନାକ ଓ ଓଠ ପୂର୍ବଭଳି ଅଛି। ତାଙ୍କର କଳାଜାଇ ମଧ୍ୟ ପୂର୍ବଭଳି ସେହି ସ୍ଥାନରେ ଅଛି।' ଅବନୀତ ତାଙ୍କ ସୌନ୍ଦର୍ଯ୍ୟ ମା'ଙ୍କ ଠାରୁ ଆସିଥିବା କହିଛନ୍ତି। ଅବନୀତଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ ଶାନ୍ତନୁ ମାହେଶ୍ୱରୀଙ୍କ ସହ 'ଲଭ୍ ଇନ୍ ଭିଏତନାମ୍' ଫିଲ୍ମରେ ନଜର ଆସିଥିଲେ। ରାହତ ଶାହ କାଜମୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୧୨ ସେପ୍ଟେମ୍ବର, ୨୦୨୫ରେ ରିଲିଜ୍ ହୋଇଥିଲା।

## ଆସ୍ଥା



# ସୀତା ନବମୀ

**ବୈଶାଖ ମାସ ଶୁକ୍ଳ ନବମୀକୁ ସୀତା ନବମୀ ବୋଲି କୁହାଯାଏ। ଧାର୍ମିକ ମାନ୍ୟତାନୁସାରେ, ମା' ସୀତା ଏହିଦିନ ପୃଥିବୀରେ ଜନ୍ମ ହୋଇଥିଲେ। ସୀତା ନବମୀକୁ 'ଜାନକୀ ନବମୀ' ମଧ୍ୟ କୁହାଯାଏ। ସେହିପରି ପ୍ରତ୍ୟେକ ଭାରତୀୟ ନାରୀ ମା' ସୀତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିଥାନ୍ତି।**

ରାମ ନବମୀର ମାସେ ପରେ ପଡ଼ିଥାଏ ସୀତା ନବମୀ। ସେହିପରି ରାମ ନବମୀରେ ଶ୍ରୀରାମଙ୍କ ପୂଜା ଦ୍ୱାରା ଯେଉଁ ଫଳ ମିଳେ, ଠିକ୍ ସେମିତି ସୀତା ନବମୀରେ ମାତା ସୀତାଙ୍କୁ ପୂଜା କରିବା ଦ୍ୱାରା ସମାନ ଫଳ ପ୍ରାପ୍ତି ହୁଏ। ମା' ସୀତା ହେଲେ ମହାଲକ୍ଷ୍ମୀଙ୍କ ସ୍ୱରୂପ। ଏହି ପବିତ୍ର ଦିନରେ ମା' ସୀତା ଏବଂ ଶ୍ରୀରାମଙ୍କୁ ପୂଜା କଲେ ସୁଖୀ ଦାମ୍ପତ୍ୟ ଜୀବନର ଆଶୀର୍ବାଦ ପ୍ରାପ୍ତ ହୁଏ। ଏହା ସହ ସମସ୍ତ ମନୋକାମନା ପୂରଣ ହୁଏ। ଏହିଦିନ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ତଥା ପରିବାରର ସୁଖଶାନ୍ତି ପାଇଁ ବ୍ରତ ରଖନ୍ତି। ଏହାବାଦ୍ ସୀତା ନବମୀରେ ପୂଜାପାଠ ସହ ଦାନ କରିବା ଉଚିତ। ହିନ୍ଦୁ ଧର୍ମରେ ପ୍ରତ୍ୟେକ ପୂଜା ପରେ ଦାନ କରିବାର ପରମ୍ପରା ଅଛି। ଏହିଦିନ କରାଯାଉଥିବା ଦାନ ଦ୍ୱାରା କନ୍ୟାଦାନ ଏବଂ ଚାରିଧାମ ତୀର୍ଥଯାତ୍ରା ସମାନ ଫଳ ପ୍ରାପ୍ତ ହୁଏ। ପୌରାଣିକ ମାନ୍ୟତାନୁସାରେ, ମିଥିଳା ରାଜା ଜନକ ନିଜ ଜମିରେ ହଳ କରୁଥିଲେ। ସେହି ସମୟରେ ସେ ମା' ସୀତାଙ୍କୁ ପାଇଥିଲେ। ସେବେଠାରୁ ସୀତା ଜନକ ନନ୍ଦିନୀ ଜାନକୀ ଭାବେ ପରିଚିତ। ଏପ୍ରିଲ ୨୫ ତାରିଖରେ ସୀତା ନବମୀ ପାଳନ କରାଯିବ।

# ଅକ୍ଷୟ ତୃତୀୟା

**ଆଜି ପବିତ୍ର ଅକ୍ଷୟ ତୃତୀୟା। ବୈଶାଖ ଶୁକ୍ଳ ତୃତୀୟା 'ଅକ୍ଷୟ ତୃତୀୟା' ଭାବେ ପରିଚିତ। କୃଷକ ଏହିଦିନ ଅଖିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହା ଅତ୍ୟନ୍ତ ଶୁଭଦିନ ହୋଇଥିବାରୁ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ଭଳି ମାଙ୍ଗଳିକ କାର୍ଯ୍ୟ କରାଯାଏ। କେବଳ ସେତିକି ନୁହେଁ, ଏହି ତିଥିରେ ଶ୍ରୀଜିଉମାନଙ୍କର ରଥ ନିର୍ମାଣ ଅନୁକୂଳ ହୁଏ।**

ପୌରାଣିକ ଦୃଷ୍ଟିକୋଣରୁ ଏହି ଦିନର ମହତ୍ତ୍ୱ ଯଥେଷ୍ଟ ଅଧିକ। ଏହି ଦିନକୁ ସତ୍ୟ ଯୁଗର ପ୍ରାରମ୍ଭ ଦିବସ ରୂପେ ଗ୍ରହଣ କରାଯାଇଛି। ଅକ୍ଷୟ ତୃତୀୟାରେ ମହର୍ଷି ବେଦବ୍ୟାସ ଓ ପ୍ରଭୁ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ଏହି ଦିନ ସ୍ୱର୍ଣ୍ଣ କ୍ରୟ କଲେ ମା' ଲକ୍ଷ୍ମୀ ଧନଧାନ୍ୟରେ ଗୃହ ପୂର୍ଣ୍ଣ କରନ୍ତି ବୋଲି ବିଶ୍ୱାସ ଅଛି। ଏହି ଦିନକୁ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ଭାବେ ପାଳନ କରାଯାଏ। 'ଗୀତଗୋବିନ୍ଦ'ର ରଚୟିତା କବି ଜୟଦେବ ଅକ୍ଷୟ ତୃତୀୟା ଦିନ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ। ବଦ୍ରି-ନାରାୟଣ କପାଟ ଏହି ଦିନ ଖୋଲିଥାଏ। ମା' ଗଙ୍ଗା ମଧ୍ୟ ଏହି ଦିନ ମର୍ତ୍ତ୍ୟରେ ଅବତରଣ କରିଥିଲେ ବୋଲି କିମ୍ବଦନ୍ତୀ କୁହେ। ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ। ବିଧି ଅନୁସାରେ, ତିନିଖଣ୍ଡି ଧଉରା କାଠରେ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଜାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥ ନିର୍ମାଣର ଶୁଭାରମ୍ଭ କରିଥାନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିଥାଏ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୁଏ। କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାର ମହତ୍ତ୍ୱ ଓଡ଼ିଆ ପରମ୍ପରାରେ ଆଜି ବି ଉଜ୍ଜୀବିତ ରହିଛି। ଏହି ପବିତ୍ର ଦିନରେ ଯେକୌଣସି ଧର୍ମକାର୍ଯ୍ୟ କଲେ କ୍ଷୟ ନ ହୋଇ ଅକ୍ଷୟ ହୋଇ ରହିଥାଏ ବୋଲି ବିଶ୍ୱାସ ରହିଛି।



## ଅକ୍ଷୟ ତୃତୀୟାରେ କେଉଁ ଜିନିଷ କିଣିବେ



**ଅକ୍ଷୟ ତୃତୀୟା ଅତ୍ୟନ୍ତ ଶୁଭଦିନ। ଏହିଦିନ ସୁନା ଓ ରୁପା କିଣିବାକୁ ଶୁଭ ବୋଲି କୁହାଯାଏ। ତେବେ ସୁନା, ରୁପା ବ୍ୟତୀତ କିଛି ଜିନିଷ ଏମିତି ଅଛି, ଯାହାକୁ କିଣିବାକୁ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ଧନଲାଭ ହୁଏ ଏବଂ ଲକ୍ଷ୍ମୀ ଦେବୀଙ୍କ କୃପା ପ୍ରାପ୍ତି ହୁଏ।**

- ଅକ୍ଷୟ ତୃତୀୟାରେ ମାଟି ପାତ୍ର, ଦୀପ, କୁଣ୍ଡ କିଣିବା ଶୁଭ। ଏହା ଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରେ ଏବଂ ଘରେ ଶାନ୍ତି ବଜାୟ ରହେ।
- ତମ୍ବା ଜିନିଷ କିଣିବାକୁ ଶୁଭ ବୋଲି କୁହାଯାଏ। ତମ୍ବା ବାସନକୁସନ କିଣିପାରିବେ।
- ହଳଦି ଏବଂ ଅକ୍ଷତ ପୂଜା କାମରେ ଆସେ। ଏହିଦିନ ଏହାକୁ କିଣିବା ଓ ଏହି ଜିନିଷ ଘରକୁ ଆଣିବା ଶୁଭ।
- ଏହିଦିନ ନାଲି ବସ୍ତ୍ର କିଣିବାକୁ ଶୁଭ ବୋଲି କୁହାଯାଏ।
- ସେହିପରି ଜିନିଷ କିଣି ନ ପାରିଲେ ଅସହାୟ ଏବଂ ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ କିଛି ଜିନିଷ ଦାନ କରିପାରିବେ।
- ଏଥିରେ ଅନ୍ନଦାନ ଓ ବସ୍ତ୍ରଦାନ ସାମିଲ ଅଛି।

# ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଶନିଙ୍କ ରାଶି ବା ନକ୍ଷତ୍ର ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏହାର ପ୍ରଭାବ ସମସ୍ତ ୧୨ ରାଶି ଉପରେ ପଡ଼େ। ୧୭ ତାରିଖରୁ ଶନି ନିଜ ସ୍ଥିତି ବଦଳାଇଛନ୍ତି ଏବଂ ମେ ୧୭ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହିବେ। ଏହି ସମୟ କେଉଁ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ, ସେ ସମ୍ପର୍କରେ ଜାଣିବା।**



**ବୃଷ:** ଧୀରେ ଧୀରେ ସବୁ ଜିନିଷ ଠିକ୍ ଦିଗକୁ ଗତି କରିବ। କାମ ଚାପ ବଢ଼ିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବକେୟା ଅର୍ଥ ଫେରି ପାଇବେ।

**ମିଥୁନ:** ମିଥୁନ ରାଶି ବ୍ୟକ୍ତିଙ୍କୁ ଏହି ସମୟ ଅନେକ ଦିଗରୁ ଲାଭ ପ୍ରଦାନ କରିବ। ନୂଆ କାମ ମିଳିବାର ଆଶଙ୍କା ଅଛି। ସମ୍ପର୍କରେ ଉତ୍ତମ ବୁଝାମଣା ରହିବ। ନୂଆ କିଛି ଆରମ୍ଭ କରିବାକୁ ସୁଯୋଗ ମିଳିବ।

**ସିଂହ:** ସିଂହ ରାଶିବ୍ୟକ୍ତିବିଶେଷଙ୍କ ଲାଗି ଏହି ସମୟ ସୁଖମୟ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟରେ ନୂତନ ଅବସର ମିଳିବ। ସମାଜରେ ପ୍ରତିଷ୍ଠା ବଢ଼ିବ।

**କନ୍ୟା:** ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ ଦ୍ୱାରା କନ୍ୟା ରାଶି ଉପକୃତ ହେବେ। ମାନସିକ ଅବସାଦ ଦୂର ହେବ। ପ୍ରତ୍ୟେକ କାର୍ଯ୍ୟ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବ। ପରିବାରରେ ଉତ୍ତମ ବୁଝାମଣା ରହିବ।

**ଧନୁ:** କ୍ୟାରିୟର ଦୃଷ୍ଟିକୋଣରୁ ଏହି ସମୟ ଧନୁ ରାଶିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଚାକିରିରେ ପରିବର୍ତ୍ତନ ଓ ପଦୋନ୍ନତିର ଆଶଙ୍କା ଅଛି। ଦୂର ସ୍ଥାନକୁ ଯାତ୍ରା କରିବେ।


### ପ୍ରିୟାଂଶ ଆର୍ଯ୍ୟ- ୯୩, କୁପର କୋନ୍ନୋଲୀ-୮୭

# ପଞ୍ଜାବ କିଙ୍ଗ୍‌ସର ପଞ୍ଚମ ବିଜୟ



ମୁଲାନପୁର,୧୯।୪(ଏଜେନ୍ସି): ଦୁଇ ଯୁବ ଖେଳାଳି ପ୍ରିୟାଂଶ ଆର୍ଯ୍ୟ ଓ କୁପର କନ୍ନୋଲୀରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ରେ ୨୯ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫୪ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି)କୁ ପରାସ୍ତ କରିଛି। ଫଳରେ ୬ଷ୍ଠ ମ୍ୟାଚ୍‌ର ୫ମ ବିଜୟ ଓ ବାତିଲ ମ୍ୟାଚ୍‌ରୁ ୧୧ ପଏଣ୍ଟ ପାଇ ଟେବଲର ପ୍ରଥମ ସ୍ଥାନ ବଜାୟ ରଖିଛି। ଅନ୍ୟପକ୍ଷରେ ଏଲଏସ୍‌ଜି ୬ଷ୍ଠ ମ୍ୟାଚ୍‌ରୁ ଚତୁର୍ଥ ପରାଜୟବରଣ କରି ପୂର୍ବପରି ୮ମ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ପ୍ରିୟାଂଶ ୩୭ବଲ୍‌ରେ ୪ଚୌକା ଓ ୯ଛକା ସହ ୯୩ ଓ କୁପର କନ୍ନୋଲୀ ୪୬ବଲ୍‌ରୁ ୮ଚୌକା ଓ ୭ଛକା ସହ ୮୭ ରନ୍ କରିବା ଫଳରେ ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୫୪ ରନ୍ କରିଥିଲା। ପ୍ରିୟାଂଶ ଓ କୁପର ଦ୍ୱିତୀୟ ୱିକେଟରେ ୮୦ବଲ୍‌ରୁ ୧୮୨ ରନ୍ ଉଠାଇଥିଲେ। ଶେଷ ଭାଗରେ ମାର୍କସ ଷ୍ଟୋଇନିସ୍ ଓ ଶଶାଙ୍କ ସିଂ ୬ଷ୍ଠ ୱିକେଟରେ ୧୭ବଲ୍‌ରୁ ୪୪ରନ୍ ଉଠାଇବା ଫଳରେ ଦଳ ଏକ ବିଶାଳ ସ୍କୋର କରିଥିଲା। ଷ୍ଟୋଇନିସ ୧୬ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ୨୯ ଏବଂ ଶଶାଙ୍କ ୬ ବଲ୍‌ରୁ ୧୭ରନ୍ ସଂଗ୍ରହ କରିଥିଲେ। ଏଲଏସ୍‌ଜି ପକ୍ଷରୁ ମନିମାରନ ସିଦ୍ଧାର୍ଥ ଓ ପ୍ରିନ୍ସ ଯାଦବ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଏଲଏସଜି ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟରେ ୨୦୦ ରନ୍ କରିପାରିଥିଲା। ଦଳ ପକ୍ଷରୁ ଅଧିନାୟକ ରଷଭ ପନ୍ତ ୨୩ବଲ୍‌ରେ ସର୍ବାଧିକ ୪୩, ଆଇଡେନ୍ ମାର୍କରାମ ୨୨ ବଲ୍‌ରେ ୪୨, ମିଚେଲ ମାର୍ଶ ୨୮ ବଲ୍‌ରେ ୪୦, ଆୟୁଷ ବଦୋନି ୨୧ବଲ୍‌ରେ ୩୫ ଓ ନୂଆ ହିରୋ ମୁକୁଲ ଚୌଧୁରୀ ୧୭ବଲରେ ଅପରାଜିତ ୨୧ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପଞ୍ଜାବର ମାର୍କୋ ଜାନ୍‌ସେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।



**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ମୁମ୍ବଇ
ଭେନ୍ୟୁ-ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ବରୁଣ ଚକ୍ରବର୍ତ୍ତୀ ଓ କାର୍ତ୍ତିକ ତ୍ୟାଗୀଙ୍କ ସୁନ୍ଦର ବୋଲିଂ

# କୋଲକାତାକୁ ପ୍ରଥମ ବିଜୟ ଦେଲେ ରିଙ୍କୁ-ଅନୁକୂଳ

କୋଲକାତା,୧୯।୪(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣରେ ୭ମ ମ୍ୟାଚ୍ ଖେଳିବା ପରେ ପ୍ରଥମ ବିଜୟ ହାସଲ କରିଛି ୨ଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ। ନିଜ ଘରୋଇ ପଡ଼ିଆ ଇଡେନ ଗାର୍ଡେନ୍ସରେ ରବିବାର ଖେଳାଯାଇଥିବା ୨୮ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ଏକ ରୋମାଞ୍ଚକ ମୁକାବିଲାରେ ରାଜସ୍ଥାନ ରୟାଲ୍‌ସକୁ ୪ୱିକେଟରେ ପରାସ୍ତ କରିଛି। ଏହି ବିଜୟ ପରେ ୩ ପଏଣ୍ଟ ପାଇ କୋଲକାତା ପଏଣ୍ଟ ଟେବଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଏଯାଏ ମନୋମୁଗ୍ଧକର ଖେଳ ପ୍ରଦର୍ଶନ କରିଥିବା ରାଜସ୍ଥାନ ୬ଷ୍ଠ ମୁକାବିଲାରୁ ଦ୍ୱିତୀୟ ପରାଜୟ ବରଣ କରିଥିଲେ ମଧ୍ୟ ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଛି। ଆଜିର ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ମାତ୍ର ୧୪ ରନ୍‌ରେ ୩ଟି ୱିକେଟ ହାସଲ କରିଥିବା ବିଜୟୀ କୋଲକାତାର ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭ୍ରମଣକାରୀ ରାଜସ୍ଥାନ ରୟାଲ୍‌ସ ଘରୋଇ କୋଲକାତା ଆଗରେ ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋଲକାତା ପ୍ରଥମ ବଲ୍‌ରେ ଟିମ୍ ସେଇଫର୍ଟ ଓ ୮ମ ବଲ୍‌ରେ ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ୱିକେଟ ହରାଇଥିଲା। ଦଳୀୟ ସ୍କୋର ୩୭ରେ କାମେରନ ଗ୍ରୀନ୍, ୫୨ରେ ଅଙ୍ଗକ୍ରିସ୍ ରଘୁବଂଶୀ,



୭୦ ରନ୍‌ରେ ରୋଭମାନ ପାୱେଲ ଓ ୮୫ ରନ୍‌ରେ ରମଣଦୀପ ସିଂହଙ୍କ ୱିକେଟ ହରାଇ ମ୍ୟାଚ୍ ହାତଛଡ଼ା କରିବାକୁ ଯାଉଥିଲା। ଏହି ସମୟରେ ଫର୍ମରେ ନ ଥିବା ନିର୍ଭରଯୋଗ୍ୟ ରିଙ୍କୁ ସିଂ ଓ ଅନୁକୂଳ ରୟ କୋଲକାତାର ଭାଗ୍ୟବିଧାତା ସାଜିଥିଲେ। ଏମାନେ ପାଇଥିବା ଜୀବନଦାନ ସୁଯୋଗକୁ ଭଲ ଭାବେ ବ୍ୟବହାର କରିଥିଲେ। ଏହି ଦୁଇ ଖେଳାଳି ଅବିଭକ୍ତ ୭ମ ୱିକେଟ ଯୋଡ଼ିରୁ ମାତ୍ର ୩୭ ବଲ୍‌ରେ ୭୬ ରନ୍ ଉଠାଇ କୋଲକାତାକୁ ବହୁପ୍ରତୀକ୍ଷିତ ବିଜୟ ଭେଟିଦେଇଥିଲେ। ସେହିପରି ବ୍ୟକ୍ତିଗତ ଭାବେ ରିଙ୍କୁ ସିଂ ଶେଷ ବଲରେ ଛକା ମାରି ଅର୍ଦ୍ଧଶତକ ହାସଲ କରିବା ସହ ୩୪ ବଲ୍‌ରୁ ୫ଚୌକା ଓ ୨ଛକା ସହାୟତାରେ ୫୩ରନ୍ କରି ଅପରାଜିତ ରହିଥିଲେ। ସେହିପରି ରୟ ମଧ୍ୟ ଭଲ ଖେଳି ୧୬ବଲ୍‌ରୁ ୧ଚୌକା ଓ ୨ଛକା ସହ ୨୯ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। ଏମାନଙ୍କ ଭାଗୀଦାରି ଯୋଗୁଁ କୋଲକାତା ପ୍ରଥମ ବିଜୟ ହାସଲ କରିବା ସମ୍ଭବ ହୋଇଥିଲା।

ପୂର୍ବରୁ ଘରୋଇ ମାଟିରେ କୋଲକାତାର ବୋଲରମାନେ ଅତି ସୁନ୍ଦର ବୋଲିଂ ପ୍ରଦର୍ଶନ କରିବା ଫଳରେ ରାଜସ୍ଥାନର ବ୍ୟାଟିଂ ଫେଲ ମାରିଥିଲା। ଦଳର ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୧୪ ରନ୍ ଦେଇ ୩ଟି ଓ ସୁନୀଲ ନାରିନ୍ ୨୬ରନ୍‌ରେ ୨ଟି ୱିକେଟ ନେବା ଫଳରେ ରାଜସ୍ଥାନର ରନ୍ ସଂଗ୍ରହ ଆବଶ୍ୟକତାଠାରୁ ବହୁ ପଛରେ ରହିଯାଇଥିଲା। ୧୯ତମ ଓଭରରେ ଯୁବ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ୩ଟି ୱିକେଟ ନେବା ଫଳରେ ରାଜସ୍ଥାନ ଆଉ ବଡ ସ୍କୋର କରିପାରି ନ ଥିଲା। ଦଳ ପକ୍ଷରୁ ଦୁଇ କେବଳ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ କିଛିଟା ସ୍କୋର କରିଥିଲେ। ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିବା ସୂର୍ଯ୍ୟବଂଶୀ ୨୮ ବଲ ଖେଳି ୬ ଚୌକା ଓ ୨ଛକା ସହ ସର୍ବାଧିକ ୪୬ ଏବଂ ଜୟସ୍ୱାଲ ୨୯ବଲରୁ ୪ଚୌକା ଓ ୨ଛକା ସହ ୩୯ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ରାଜସ୍ଥାନ ରୟାଲ୍ସ** : ୧୫୫/୯, ୨୦ ଓଭର (ସୂର୍ଯ୍ୟବଂଶୀ-୪୬, ଜୟସ୍ୱାଲ-୩୯, ବରୁଣ-୩/୧୪, କାର୍ତ୍ତିକ-୩/୨୨, ନାରିନ-୨/୨୬)।

**କୋଲକାତା ନାଇଟ୍ ରାଇଡର୍ସ** : ୧୬୧/୬, ୧୯.୪ ଓଭର (ରିଙ୍କୁ-୫୩*, ଅନୁକୂଳ-୨୯*, ଗ୍ରୀନ୍-୨୭, ପାୱେଲ-୨୩, ଜାଡେଜା-୨/୮)।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ହାଇଦରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ଚେନ୍ନଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୬ | ୨ | ୪ | ୦ | ୪ | -୧.୧୭୩ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |
| ମୁମ୍ବଇ | ୫ | ୧ | ୪ | ୦ | ୨ | -୧.୦୭୬ |

# ଅଗରକରଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

ଚେନ୍ନଇ,୧୯।୪(ଏଜେନ୍ସି): ଜାତୀୟ ସିନିୟର କ୍ରିକେଟ ସିଲେକ୍ସନ କମିଟିର ଚିଫ୍ ସିଲେକ୍ଟର ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଛି ବିସିସିଆଇ। ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ଆଖିଆଗରେ ରଖି ବିସିସିଆଇ ଏପରି ନିଷ୍ପତ୍ତି ନେଇଛି। ୨୦୨୩ ଅକ୍ଟୋବରରୁ ୨୦୨୬ ମଧ୍ୟରେ ଅଗରକର କାମ କରିଥିଲେ। ତାଙ୍କ ସମୟରେ ଭାରତ ୨ଥର ଟି-୨୦ ବିଶ୍ୱକପ୍ ଓ ଥରେ ଚାମ୍ପିଅନ୍ସ ଟ୍ରଫି ସହ ୩ଟି ଟାଇଟଲ ବିଜୟୀ ହୋଇଛି। ବିସିସିଆଇର ନିୟମ ଅନୁଯାୟୀ ଜଣେ ଜୁନିଅର କିମ୍ବା ସିନିଅର ସିଲେକ୍ସନ କମିଟିରେ ସର୍ବାଧିକ ୪ ବର୍ଷ କାମ କରିପାରିବେ। କିନ୍ତୁ ଉଭୟ ବିଭାଗରେ ସର୍ବାଧିକ ୫ବର୍ଷ ଦାୟିତ୍ୱରେ ରହିବେ। ଅଗରକରଙ୍କ ୪ ବର୍ଷର କାର୍ଯ୍ୟକାଳ ଶେଷ ହୋଇଛି। ସେ ଆଉ ଅଧିକ ସମୟ ରହିପାରିବେନି। କିନ୍ତୁ ବିସିସିଆଇ ତାଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଥିବାରୁ ସେ ୫ବର୍ଷ ଚିଫ୍ ସିଲେକ୍ଟର ଭାବେ କାମ କରିବେ। ତାଙ୍କ ସମୟରେ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ମହମ୍ମଦ୍ ସାମିଙ୍କୁ ପର୍ଯ୍ୟାୟକ୍ରମେ ଦଳରୁ ବିଦା ହେବାକୁ ପଡ଼ିଥିଲା। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳି ନ ଥିଲା। ତାଙ୍କ ସ୍ଥାନରେ ଖେଳିଥିବା ଇଶାନ କିଶାନ ଭାରତ ଲାଗି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ।

### ■ ଷ୍ଟଟଗାର୍ଟ ଓପନରେ ଭିଟୋଲିନା ପରାସ୍ତ

# ମୁଚୋଭା-ରିବାକିନା ଫାଇନାଲ

ଷ୍ଟଟଗାର୍ଟ,୧୯।୪(ଏଜେନ୍ସି): କାରୋଲିନା ମୁଚୋଭା ଏବଂ ଏଲେନା ରିବାକିନାଙ୍କ ମଧ୍ୟରେ ଷ୍ଟଟଗାର୍ଟ ଓପନ ମହିଳା ଏକକ ଫାଇନାଲ ମୁକାବିଲା ହେବ। ଆଜି



ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଏଲିନା ଭିଟୋଲିନାଙ୍କୁ ୨-୧ ସେଟ୍‌ରେ ମୁଚୋଭା ଏବଂ ମୀରା ଆନ୍ଦ୍ରିଭାଙ୍କୁ ୨-୦ ସେଟ୍‌ରେ ଟପ୍‌ସିଡ ରିବାକିନା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ମୁଚୋଭା ୨୦୨୩ ରୋଲାଣ୍ଡ ଗ୍ୟାରୋସ୍‌ଠାରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ ଫାଇନାଲ ଖେଳିବା ପରେ ଫର୍ମରେ ନ ଥିଲେ। ଏବେ ଭିଟୋଲିନାଙ୍କ ପରି ଖେଳାଳିଙ୍କୁ ହରାଇ ସେ ତାଙ୍କ ଫର୍ମ ଓ ଆତ୍ମବିଶ୍ୱାସ ଫେରିପାଇଛନ୍ତି ବୋଲି କୁହାଯାଉଛି। ଫାଇନାଲ ମୁକାବିଲା ପରେ ସେ କିଭଳି ଫର୍ମରେ ଅଛନ୍ତି ତାହା ଜଣାପଡ଼ିବ।

# ରେସ୍ ବେଳେ ଡ୍ରାଇଭରଙ୍କ ମୃତ୍ୟୁ

ବର୍ଲିନ,୧୯।୪(ଏଜେନ୍ସି): ଜର୍ମାନୀର ନୁଏରବର୍ଗିଙ୍ଗ ଫର୍ମୁଲା ୱାନ୍ କାର କ୍ୱାଲିଫାଇଂ ରେସ ସମୟରେ ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ଜଣଙ୍କ ହେଲେ ୬୬ ବର୍ଷୀୟ ଜୁହା ମିଏଟିନେନ୍। ଏହି ଘଟଣା ଘଟିବାର ଅଧଘଣ୍ଟା ପରେ ରେସ୍‌କୁ ବନ୍ଦ କରିଦିଆଯାଇଥିଲା।

# ରସେଲଙ୍କଠାରୁ ହାରିଲେ ସୁବ୍ରତ

ଭୁବନେଶ୍ୱର,୧୯।୪(ସମିସ): ବିଶ୍ୱର ଖ୍ୟାତନାମା ଖେଳାଳି ତଥା ୧୬ଥରର ବିଶ୍ୱଚାମ୍ପିଅନ ମାଇକ୍ ରସେଲଙ୍କଠାରୁ



ହାରିଯାଇଛନ୍ତି ଓଡ଼ିଆ ଖେଳାଳି ସୁବ୍ରତ ଦାସ। ଆଇରିସ୍ ଓପନ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ରସେଲ ୫୭୦-୭୦ ପଏଣ୍ଟ ବ୍ୟବଧାନରେ ସୁବ୍ରତଙ୍କୁ ହରାଇଥିଲେ। ନିର୍ଣ୍ଣାୟକ ମୁକାବିଲାରେ କ୍ରିଷ୍ଟିଆନ କିର୍କଙ୍କଠାରୁ ୨୨୫-୨୨୦ ପଏଣ୍ଟରେ ହାରି ସୁବ୍ରତ ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଥିଲେ। ଆସନ୍ତାକାଲିଠାରୁ ୪ ଦିନିଆ ୱାର୍ଲ୍ଡ ମ୍ୟାଚ୍ ପ୍ଲେ ବିଲିଆର୍ଡସ ଚାମ୍ପିଅନସିପ୍ ଆରମ୍ଭ ହେବ।

# ସ୍ୱଦେଶ ଫେରିଲେ ଚାମ୍ପିଅନ ବୈଶାଳୀ

ଚେନ୍ନଇ,୧୯।୪(ଏଜେନ୍ସି): କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର ରମେଶବାବୁ ବୈଶାଳୀ ଆଜି ଭୋରରୁ ସ୍ୱଦେଶ ଫେରିଆସିଛନ୍ତି। ତାମିଲନାଡୁରେ ନିର୍ବାଚନ ହେଉଥିବାରୁ କୌଣସି ସରକାରୀ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବାକୁ ଆସି ନ ଥିଲେ। ତେବେ ୫୦ଜଣ ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ବିମାନବନ୍ଦରରେ



ବୈଶାଳୀଙ୍କୁ ସ୍ୱାଗତ କରିଥିଲେ। କ୍ୟାଣ୍ଡିଡେଟ୍ସ ଚେସ୍‌ର ୧୪ ରାଉଣ୍ଡ ବିଶିଷ୍ଟ ଓ ବିଶ୍ୱର ଶ୍ରେଷ୍ଠ ୮ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ଟାଇଟଲ ଆଶାରେ ରହିଥିଲେ। କିନ୍ତୁ ୧୪ତମ ତଥା ଶେଷ ରାଉଣ୍ଡରେ ସେ ପୂର୍ବତନ ବିଶ୍ୱ ରାପିଡ ଓ ବ୍ଲିଜ୍ ଚାମ୍ପିଅନ କାଟେରିନା ଲାଗ୍ନୋଙ୍କୁ ହରାଇ ଟାଇଟଲ କବ୍‌ଜା କରିନେଇଥିଲେ। ଏବେ ବିଶ୍ୱ ଚେସ୍ ଟାଇଟଲ ଲାଗି ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ବୈଶାଳୀଙ୍କର ମୁକାବିଲା ହେବ। ଏହି ମୁକାବିଲାରେ ଯିଏ ଜିତିବ ସେ ବିଶ୍ୱଚାମ୍ପିଅନ ହେବେ। ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିବା ୱେନ୍‌ଜୁନ୍‌ଙ୍କ ସହ ବୈଶାଳୀ ଥରେ ମୁକାବିଲା କରିଛନ୍ତି। ଗତବର୍ଷ ନରୱେରେ ଅନୁଷ୍ଠିତ ନରୱେ ମହିଳା ଚେସ ଚାମ୍ପିଅନସିପ୍‌ରେ କ୍ଲାସିକାଲ ଫର୍ମାଟରେ ପରସ୍ପର ଭେଟାଭେଟି ହୋଇଥିଲେ। ଏହି ମୁକାବିଲା ଡ୍ର ରହିବା ପରେ ଟାଇବ୍ରେକ୍‌ରେ ବୈଶାଳୀ ବିଜୟୀ ହୋଇଥିଲେ। ଯେ କୌଣସି ଫର୍ମାଟରେ ୱେନ୍‌ଜୁନ୍‌ଙ୍କ ବିପକ୍ଷରେ ବୈଶାଳୀଙ୍କର ଏହା ପ୍ରଥମ ବିଜୟ ଥିଲା।

### ଅଲଓଡ଼ିଶା ଓପନ ସ୍ନୁକର ଚାମ୍ପିଅନସିପ

# କ୍ୱାର୍ଟରରେ ଆଶୁତୋଷ, ରାକେଶ

ଭୁବନେଶ୍ୱର,୧୯।୪(ସମିସ): ବିଏସ୍ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ଆସନ୍ତାକାଲି ବା ସୋମବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଆଶୁତୋଷ ପାଢ଼ୀଙ୍କ ସହ ନିଶାନ୍ତ ବିଶ୍ୱାଲଙ୍କର ଓ ଦ୍ୱିତୀୟ ମୁକାବିଲାରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ସହ ଉଦ୍‌ଭାସ ମହାପାତ୍ରଙ୍କର ମୁକାବିଲା ହେବ। ସେହିପରି ତୃତୀୟ କ୍ୱାର୍ଟରଫାଇନାଲ ଚେତନ ଆନନ୍ଦ ଓ ଅନୁଜ ପଣ୍ଡାଙ୍କ ମଧ୍ୟରେ, ଚତୁର୍ଥ କ୍ୱାର୍ଟରଫାଇନାଲ ମିଶାଲ ସ୍ୱାଇଁ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ଖେଳାଯିବ। ଆଜି ଅନୁଜ ଓ ମିଶାଲ ଚମତ୍କାର ଖେଳ ପ୍ରଦର୍ଶନ କରି



ଅନୁଜ



ମିଶାଲ

କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅନୁଜ ୨-୧ରେ ଚିରାଗ ଅରୋରାଙ୍କୁ ଓ ମିଶାଲ ୨-୦ରେ ଶିବପ୍ରସାଦ ସେଠୀଙ୍କୁ ହରାଇଥିଲେ। ସେହିପରି ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୨-୦ରେ ସବ୍ୟସାଚୀ ପଟ୍ଟନାୟକଙ୍କୁ, ଡାକ୍ତର ରାକେଶ ରୋଶନ ୨-୧ରେ ଭେଟେରାନ ଖେଳାଳି ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଥିଲେ।

# ବାଦ୍ ପଡ଼ିପାରନ୍ତି ମାହତ୍ରେ

ଚେନ୍ନଇ,୧୯।୪(ଏଜେନ୍ସି): ସିଏସ୍‌କେ ଲାଗି ଖରାପ ଖବର। ଆହତ ଓ ଫର୍ମରେ ନ ଥିବା ଦଳର ସବୁଠାରୁ ପ୍ରଭାବଶାଳୀ ଖେଳାଳି ଆୟୁଷ ମାହତ୍ରେଙ୍କ ବାମ ଗୋଡ ମାଂସପେଶୀରେ ଆଘାତ ଲାଗିଛି। ବ୍ୟାଟିଂ କୋଚ୍ ମାଇକେଲ ହସୀଙ୍କ ଅନୁଯାୟୀ ମାହତ୍ରେଙ୍କ ହାମଷ୍ଟ୍ରିଙ୍ଗ ଟିୟରରେ ଜୋରଦାର ଆଘାତ ଲାଗିଛି। ସ୍କାନ ହେବା



ପରେ ଆଘାତ ସମସ୍ୟା ଜଣାପଡ଼ିବ। କିନ୍ତୁ ସମସ୍ୟା ସୃଷ୍ଟି ହେବା ପରେ ସେ ଖେଳିଥିବାରୁ ଅସୁବିଧା ହୋଇଛି। ଏପରିକି କିଛି ସମୟ କିମ୍ବା ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ଖେଳରୁ ସେ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ମାହତେ ଜଣେ ଭଲ ଖେଳାଳି ଓ ଭଲ ଟଚ୍‌ରେ ରହିଥିଲେ। ଏଭଳି ସ୍ଥିତିରେ ତାଙ୍କ ଅନୁପସ୍ଥିତି ସିଏସ୍‌କେ ଲାଗି ମହଙ୍ଗା ସାବ୍ୟସ୍ତ ହେବ।

# ୨୦୦ ୱିକେଟ୍‌ରେ ବରୁଣ ଦ୍ରୁତତମ

କଲକାତା, ୧୮।୪ (ଏଜେନ୍ସି): ଦ୍ରୁତତମ ଭାରତୀୟ ସ୍ପିନର ଭାବେ ୨୦୦ ଟି-୨୦ ୱିକେଟ୍ ହାସଲ କରିଛନ୍ତି ବରୁଣ ଚକ୍ରବର୍ତ୍ତୀ। ରବିବାର ରାଜସ୍ଥାନ ରୟାଲ୍‌ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ବରୁଣ ୪ ଓଭରୁ ମାତ୍ର ୧୪ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚ୍ ପୂର୍ବରୁ ବରୁଣ ୧୫୪ ଟି୨୦ ମ୍ୟାଚ୍‌ରେ ୧୯୯ ୱିକେଟ୍ ନେଇଥିଲେ। ୧୫୫ତମ ମ୍ୟାଚ୍‌ରେ ୩ଟି ୱିକେଟ୍ ନେବାରୁ ବରୁଣଙ୍କ ଟି-୨୦ ୱିକେଟ୍ ସଂଖ୍ୟା ୨୦୨ରେ ପହଞ୍ଚିଛି। ସର୍ବନିମ୍ନ ୧୫୫ ମ୍ୟାଚ୍‌ରେ ୨୦୦ ଟି୨୦ ୱିକେଟ୍ ନେଇ ବରୁଣ ଦ୍ରୁତତମ ଭାରତୀୟ ସ୍ପିନର ହୋଇଛନ୍ତି। ତେବେ ଭାରତୀୟ ବୋଲର ଭାବେ ସବୁଠାରୁ କମ୍ ୧୫୧ ମ୍ୟାଚ୍‌ରେ ୨୦୦ ୱିକେଟ ନେବାରେ ପ୍ରଥମ ସ୍ଥାନରେ ଅଛନ୍ତି ବାମହାତି ପେସ୍ ବୋଲର ଅର୍ଶଦୀପ ସିଂହ। ତାଙ୍କ ପଛକୁ ବରୁଣ ଚକ୍ରବର୍ତ୍ତୀ ଥିବା ବେଳେ କୁଲଦୀପ ଯାଦବ ୧୬୦ ମ୍ୟାଚ୍‌ରୁ, ଜୟଦେବ ଉନାଦ୍‌କତ ୧୬୨ ମ୍ୟାଚ୍‌ରେ ଓ ମହମ୍ମଦ ସାମି ୧୬୫ ମ୍ୟାଚ୍‌ରୁ ୨୦୦ ୱିକେଟ୍ ପୂରଣ କରି ସାରିଛନ୍ତି।

# ଭାରତ ମହିଳା ଦଳର ଦ୍ୱିତୀୟ ପରାଜୟ

ଡର୍ବାନ,୧୯।୪ (ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ୮ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୧୪୭ ରନ୍ କରିଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୫୭ ଓ ଅନୁଷ୍କା ଶର୍ମା ୨୮ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ତୁମି ଶେଖୁଖୁନେ ଓ ଚୋଲେ ଟ୍ରାୟନ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୨ ୱିକେଟରେ ବିଜୟ ଲାଗି ଆବଶ୍ୟକ ୧୪୮ ରନ୍ କରିନେଇଥିଲା। ଅଧିନାୟିକା ଲୌରା ୱଲଭାର୍ଟ ୫୪ ଓ ତାଙ୍କ ଓପନିଂ ପାର୍ଟନର ସୁନେ ଲୁସ୍ ୫୭ ରନ୍ କରିଥିଲେ। ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲ ୨ଟିଯାକ ୱିକେଟ ପାଇଥିଲେ।

### ୧୬ ବର୍ଷରୁ ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱର-ବି, ପାରାଦୀପ ଓ ନୟାଗଡ଼ର ବିଜୟ

ଭୁବନେଶ୍ୱର,୧୯।୪(ସମିସ)



ଅନୁରାଗ (ଭୁବନେଶ୍ୱର-ବି)



ଋତୁରାଜ (ନୟାଗଡ଼)



ଓମ୍ ପି (କେନ୍ଦୁଝର)



ଆୟାଶ (ପାରାଦୀପ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି, ଭଦ୍ରକ, କେନ୍ଦୁଝର, କଳାହାଣ୍ଡି, ପାରାଦୀପ ଓ ନୟାଗଡ଼ ବିଜୟ ହାସଲ କରିଛନ୍ତି। କଟକର ନିମ୍‌ପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୩୩ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଭୁବନେଶ୍ୱର-ବି ଟସ୍ ଜିତି ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ୍ ହରାଇ ୨୪୭ ରନ୍‌କରିଥିଲା। ଦଳ ତରଫରୁ ଅନୁରାଗ ସାମନ୍ତରାୟ ସର୍ବାଧିକ ୯୪ ରନ୍ ରନ କରିଥିବା ବେଳେ ଝାରସୁଗୁଡ଼ାର ଯୋଗେଶ ୪ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୭.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୪ ରନ୍ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବଂଶ ଗାନ୍ଧୀ ୪୮ ରନ୍ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଆୟୁଷ ରାଉତ ୩ ଓ ମୃତ୍ୟୁଞ୍ଜୟ ରାୟ ୩ ଟି ଲେଖାଏ ୱକେଟ ଅକ୍ତିଆର କରିଥିଲେ। ସେହିପରି ରେଲୱେ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ୭ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ଟସ୍ ଜିତି କେନ୍ଦ୍ରାପଡ଼ା ୩୭.୧ ଓଭରରେ ୧୫୧ ରନକରି ଆଉଟ ହୋଇଥିଲା। ଜବାବରେ ଭଦ୍ରକ ୩୫.୩ ଓଭରରେ ୩ ୱିକେଟ ହରାଇ ୧୫୨ ରନକରି ବିଜୟୀ ହୋଇଥିଲା। ଭଦ୍ରକର ଶୁଭାଶିଷ ୪୪ ରନ ସଂଗ୍ରହ କରିବା ସହ ୩ ୱିକେଟ ନେଇଥିଲେ। ସେହିପରି ସନ୍‌ସାଇନ ଗ୍ରାଉଣ୍ଡରେ ନୟାଗଡ଼ ୧୪୫ ରନରେ ବଡ଼ଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ନୟାଗଡ଼ ୯ ୱିକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ୩୫.୧ ଓଭରରେ ୧୩୩ ରନ କରି ଅଲଆଉଟ ହୋଇଥିଲା। ନୟାଗଡ଼ର ଋତୁରାଜ ମହାନ୍ତି ସର୍ବାଧିକ ୬ ୱିକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ କେନ୍ଦୁଝର ୯ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଟସ୍‌ଜିତି କେନ୍ଦୁଝର ୨୧.୨ ଓଭରରେ ୬୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ବଲାଙ୍ଗୀର ୧୮ ଓଭରରେ ୫୧ ରନକରି ଅଲଆଉଟ ହୋଇଥିଲା। କେନ୍ଦୁଝରର ଓମ୍ ପି ସେଠୀ ସର୍ବାଧିକ ୬ ୱିକେଟ ନେଇଥିଲେ। ସେହିପରି ଆଦର୍ଶପୁର ଗ୍ରାଉଣ୍ଡରେ ପାରାଦୀପ ୭ ୱିକେଟରେ ସୋନପୁରକୁ ହରାଇଛି। ଟସ୍ ହାରି ସୋନପୁର ୨୮.୪ ଓଭରରେ ୧୦୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାରାଦୀପ ୨୪.୫ ଓଭରରେ ୩ ୱିକେଟ ହରାଇ ୧୧୧ ରନ କରି ବିଜୟୀ ହୋଇଥିଲା। ପାରାଦୀପର ଆୟାଶ ପଣ୍ଡା ୫ ୱିକେଟ ନେଇଥିଲେ। ଅନ୍ୟପଟେ ଖୋର୍ଦ୍ଧା ଗ୍ରାଉଣ୍ଡରେ କଳାହାଣି ୧୯୨ ରନରେ ରାୟଗଡ଼ାକୁ ହରାଇଛି। ଟସ୍ ହାରି କଳା ହାଣ୍ଡି ୪୯ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ରାୟଗଡ଼ା ୧୯.୧ ଓଭରରେ ୬୬ ରନକରି ଆଲ ଆଉଟ ହୋଇଥିଲା। କଳାହାଣ୍ଡିର ଯଶକରନ ସିଂହ ୩୮ ରନ କରିବା ସହ ୨ ୱିକେଟ ନେଇଛନ୍ତି।

### ● କେଡି ପିଲାଇ ସ୍ମାରକୀ ସ୍କୁଲ ଚେସ୍

# ମନୀଷ ଚାମ୍ପିଅନ, ସ୍ୱସ୍ତିକ ରନର୍ସଅପ୍

ଭୁବନେଶ୍ୱର,୧୯।୪(ସମିସ): ମନୀଷ ରଞ୍ଜନ ଦାସ ୫ମ କେଡି ପିଲାଇ ସ୍ମାରକୀ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଓ କେଶୁରାସ୍ଥିତ ରୟାଲ ସ୍କୁଲ ପରିସରରେ ରବିବାର ଅନୁଷ୍ଠି ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ମନୀଷ ୫ ରାଉଣ୍ଡରୁ ସର୍ବାଧିକ ୪.୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟସ୍ଥାନ ଅଧିକାର କରି ରନର୍ସଅପ୍, ପ୍ରିୟଦର୍ଶନ ରାୟ ତୃତୀୟ, ଅରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ୩.୫ ପଏଣ୍ଟ ହାସଲ କରି ଆୟାବନ୍ତ ମହାନ୍ତି ୫ମସ୍ଥାନ ଅଧିକାର କରିଛନ୍ତି। ରୟାଲ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS